# ଶରଣଂ ମମ

## ଶ୍ରୀ ସନ୍ତୋଷ କୁମାର ରଥ

ଅମିତାଭ ବୁଦ୍ଧଙ୍କ ଆତ୍ମା ନିର୍ବାଣର ଦ୍ୱାରଦେଶରେ ଉପନୀତ ହେଲାବେଳେ ହଠାତ୍ ସେ ପ୍ରତିଜ୍ଞାବଦ୍ଧ ହେଲେ – ଏ ସଂସାରର ଗୋଟିଏ ସୁଦ୍ଧା ଜୀବ ଯେପର୍ଯ୍ୟନ୍ତ ଦୁଃଖ ଓ ଅଜ୍ଞାନ ମଧ୍ୟରେ ରହିଥିବ ସେପର୍ଯ୍ୟନ୍ତ ସେ ନିର୍ବାଣ ଲାଭ କରିବେ ନାହିଁ ।

ଠିକ୍ ସେମିତି ଭାଗବତର ଉଦାତ୍ତ ବାଣୀରେ ଉଦ୍‌ବୁଦ୍ଧ ହୋଇ ସ୍ୱାମୀ ବିବେକାନନ୍ଦ କହିଥିଲେ – ମୁଁ ଅଷ୍ଟସିଦ୍ଧିଯୁକ୍ତ ସେହି ପରମ ଅବସ୍ଥା କାମନା କରୁ ନାହିଁ, କାମନା କରୁ ନାହିଁ ପୁନର୍ଜନ୍ମରୁ ନିଷ୍କୃତି ପାଇବା ପାଇଁ । ବରଂ ଏ ଜଗତର ସମସ୍ତ ପ୍ରାଣୀମାନଙ୍କର ଦୁଃଖକୁ ଆପଣେଇ ନେବାକୁ ଚାହେଁ, ଚାହେଁ ସେମାନଙ୍କର ମୁକ୍ତି ।

ଏସବୁ କଥା ଭାବିଲା ବେଳେ ଅନୁରୂପ ଢଙ୍ଗରେ ଆମମାନଙ୍କ ପାଇଁ ପ୍ରଦତ୍ତ ଶ୍ରୀଅରବିନ୍ଦଙ୍କ କଥାଟି ମନରେ ଦୋହରି ହୋଇଯାଏ – ''କେତେ ଜଣ ସନ୍ନ୍ୟାସୀ, ବୈରାଗୀ, ସାଧୁ, ସିଦ୍ଧ-ମହାତ୍ମା ମୁକ୍ତ ହୋଇଯିବେ; କେତେ ଜଣ ଭକ୍ତ ପ୍ରେମରେ, ଭାବରେ, ଆନନ୍ଦରେ ଅଧୀର ହୋଇ ନୃତ୍ୟ କରିବେ; ଆଉ ସମସ୍ତ ଜାତି ପ୍ରାଣହୀନ, ବୁଦ୍ଧିହୀନ ହୋଇ ଘୋର ତାମସିକତାରେ ବୁଡ଼ିଯିବ – ଏହା କିପରି ଅଧ୍ୟାତ୍ମ ସିଦ୍ଧି ? ମୁଁ ଜାଣେ ଏ ପତିତ ଜାତିକୁ ଉଦ୍ଧାର କରିବା ନିମିତ୍ତ ବଳ ମୋର ରହିଛି । ଭଗବାନ୍ ଏହି ମହାବ୍ରତ ସାଧନ କରିବାକୁ ମୋତେ ପୃଥିବୀକୁ ପଠାଇଛନ୍ତି ।''

ପୁଣି ମନେ ପଡ଼ିଯାଏ ମାତ୍ର ତେର ବର୍ଷ ବୟସରେ ଶ୍ରୀମା ଦୀର୍ଘ ଏକ ବର୍ଷ ଧରି କ୍ରମାଗତ ଭାବେ ଦେଖିଥିବା ସେଇ ସ୍ୱପ୍ନଟିର କଥା – ମୁଁ ଉଠି ଯାଉଥିଲି ଉପରକୁ । ମୋର ଅପୂର୍ବ ସୁନାର ପୋଷାକଟି ସମଗ୍ର ସହରଟି ଉପରେ ଆଚ୍ଛାଦିତ ହୋଇ ଯାଉଥିଲା । ଆଉ ତାହାରି ତଳେ ଆଶ୍ରୟ ନେଉଥିଲେ ଆବାଳ ବୃଦ୍ଧ ବନିତା, ସୁଖୀ-ଅସୁଖୀ, ସୁସ୍ଥ-ଅସୁସ୍ଥ ବହୁ ଲୋକ ।

ଏସବୁ ଅନୁଶୀଳନର ନିର୍ଯାସ ହେଉଛି ଯେ ଯୁଗେ ଯୁଗେ ଭଗବାନ୍ ଅବତାର ରୂପେ ସୃଷ୍ଟିର ସୁରକ୍ଷା ଓ ପୁନରୁତ୍ଥାନ ପାଇଁ ଏଭଳି ଶ୍ରମ ସ୍ୱୀକାର କରିଥାନ୍ତି । ତେଣୁ ସେ ଅବତାର ହୁଅନ୍ତୁ, ବିଭୂତି ହୁଅନ୍ତୁ ବା ପଥପ୍ରଦର୍ଶକ ହୁଅନ୍ତୁ ଯିଏ ଆମକୁ ସୁରକ୍ଷା ପ୍ରଦାନ କରିବାକୁ ଚାହାନ୍ତି ଅଥବା ଆମକୁ ଏକ ଉଚ୍ଚତର ସୋପାନକୁ ଉନ୍ନୀତ କରିବାକୁ ଚାହାନ୍ତି – ସେ ହେଉଛନ୍ତି ଆମର ରକ୍ଷକ, ଆଶ୍ରୟଦାତା ବା ଶରଣଦାତା । ଏଇ ଶରଣ ଶବ୍ଦର ତାତ୍‌ପର୍ଯ୍ୟ ହେଉଛି – ରକ୍ଷଣା । ଶରଣାପନ୍ନ ହେବା ବା ଶରଣାଗତ ହେବା ହେଉଛି ଏକ କ୍ରିୟା । ଅର୍ଥାତ୍ ଶରଣଦାତା ଓ ଶରଣଗ୍ରହୀତା ଗୋଟିଏ ଆଲମ୍ୱର ଦୁଇଟି ପାର୍ଶ୍ୱ । ଅର୍ଥଗତ ଦୃଷ୍ଟିରୁ ବିଚାର କଲେ ଶରଣ ଶବ୍ଦର ଉତ୍ପତ୍ତି ଶୃ ଧାତୁରୁ, ଯାହାର ମୌଳିକ ଅର୍ଥ ହେଉଛି ବିନାଶ କରିବା । ଯେପରି ଶର ଶବ୍ଦଟି ଏଇ ଧାତୁରୁ ଉତ୍ପନ୍ନ, ଯାହା ଏକ ଅସ୍ତ୍ରରୂପେ ନିଜକୁ ଶତ୍ରୁ କବଳରୁ ରକ୍ଷା ପାଇବା ପାଇଁ କିଂବା ଅନ୍ୟକୁ ସୁରକ୍ଷା ପ୍ରଦାନ କରିବା ପାଇଁ ବ୍ୟବହାର କରାଯାଇଥାଏ । ତେଣୁ ଶର ଉଭୟ କ୍ଷେତ୍ରରେ ରକ୍ଷକର ଭୂମିକା ତୁଲାଇ ଥାଏ, ଯାହା ଶରଣ ଶବ୍ଦର ମର୍ମ ।

ଏକଥା ନିଃସନ୍ଦେହ ଯେ ଜଣେ ଯେତେବେଳେ ନିଜକୁ ଅସୁରକ୍ଷିତ, ଅସହାୟ ବା ଅସମର୍ଥ ମଣେ ସେତେବେଳେ ସେ ଅନ୍ୟ ଜଣେ ରକ୍ଷକଙ୍କ ପାଖରେ ଶରଣାପନ ହେବାକୁ ଚାହେଁ ନିଜର ସୁରକ୍ଷା ଓ ଅଭିବୃଦ୍ଧି ପାଇଁ । ଏଣୁ ପ୍ରଶ୍ନ ଉଠିପାରେ କିଏ ଆମର ଉପଯୁକ୍ତ ରକ୍ଷକ ହେବ, ଆମେ କାହାର ଆଶ୍ରୟ ନେବା । ଆଜିର ବିକାଶୋନ୍ମୁଖୀ ମଣିଷ ସମାଜ ପାଇଁ ଡାରଉଇନ୍‌ଙ୍କର theory – Survival of the fittest ର କିଛି ବି ଅର୍ଥ ନାହିଁ । କାରଣ ବିବର୍ତ୍ତନ ଧାରାରେ ଚେତନାକୁ ସମ୍ୱଳ କରି ଆମେ ଢେର ବାଟ ଆଗେଇ ଆସିଲୁଣି । କିନ୍ତୁ ସେଇ ଚେତନଶୀଳ ମଣିଷ ଯେତେବେଳେ ନିରାଶ୍ରୟ ମଣେ, ଅନ୍ଧାରରୁ ଆଲୋକକୁ ନୁହେଁ ଆଲୋକରୁ ଅଧିକ ଆଲୋକକୁ ଯିବା ପାଇଁ ପଥ ଖୋଜେ, ଅପରା ବିଦ୍ୟା ଓ ପରାବିଦ୍ୟାର ସମନ୍ୱୟ ପାଇଁ ଯଥାର୍ଥ ଗୁରୁଙ୍କର ଅନ୍ୱେଷଣ କରେ, ମୃତ୍ୟୁରୁ ଅମୃତତ୍ୱର ସ୍ୱାଦ ପାଇଁ ସନ୍ଧାନୀ ହୁଏ, ନିଜର ଯଥାର୍ଥ ମନକୁ ଅଧିମାନସ ଅଭିମୁଖୀ କରିବା ପାଇଁ ସଂବୋଧି ଓ ପ୍ରଦୀପ୍ତ ମନକୁ ସୋପାନ ରୂପେ ବିବେଚନା କରେ, ସେତେବେଳେ ସେ ଜଣେ ପରାକ୍ରମୀ, ବିତ୍ତଶାଳୀ କିଂବା ଉଚ୍ଚଶିକ୍ଷାର ପଦବୀଧାରୀ ମଣିଷ ପାଖରେ ନିଜକୁ ଅର୍ପିଦେଇ କ'ଣ କେବେ ବି ସନ୍ତୁଷ୍ଟ ହୋଇପାରିବ ? ନାସ୍ତିସୂଚକ ଉତ୍ତରରେ ସନ୍ତୁଷ୍ଟ ନ ହୋଇ ବରଂ ଖୋଜିବ ଭିନ୍ନ

ଏକ ରାହା, ଭିନ୍ନ ଏକ ଦିଗନ୍ତ । ସେତେବେଳେ ସେ ଶୁଣି ପାରିବ ତା' ଅନ୍ତରର ଆହ୍ୱାନ – ନିରାଶ୍ରୟଂ ମାଂ ଜଗଦୀଶ ରକ୍ଷ । ଅର୍ଥାତ୍ ହେ ଜଗଦୀଶ୍ୱର, ତୁମେ ମୋତେ ରକ୍ଷାକର । କାରଣ ସେ ଠିକ୍ ଜାଣିଛି କୁରୁସଭାରେ ଉପସ୍ଥିତ ସମସ୍ତ ଆତ୍ମୀୟ, ଭର୍ତ୍ତା, ଯୋଦ୍ଧା, ଜ୍ଞାନୀ, ଗୁଣୀ ଆଦି ଶ୍ରେଷ୍ଠ ପୁରୁଷମାନଙ୍କ ମଧ୍ୟରୁ କେହି ଜଣେ ବି ବିବସନା ନାରୀକୁ ସହାୟତା ପ୍ରଦାନ କରିବା ପାଇଁ ସମର୍ଥ ହୋଇ ନ ଥିଲେ । ଏମିତିକି ଦ୍ରୌପଦୀଙ୍କର ସମସ୍ତ ନ୍ୟାୟ-ସଙ୍ଗତ ଯୁକ୍ତି ଓ ଆକୁଳ ନିବେଦନ ସାରା ରାଜସଭାରେ ବ୍ୟର୍ଥ ହୋଇଥିଲା । ହେଲେ ଭଗବାନଙ୍କ ପ୍ରତି ତାଙ୍କର ଶେଷ ବିକଳ ପ୍ରାର୍ଥନା ଟିକକହିଁ ତାଙ୍କୁ ଏହିଭଳି ଏକ ଅକଳ୍ପନୀୟ ବିପଦରୁ ଅହେତୁକ ଭାବେ ଉଦ୍ଧାର କରିଥିଲା –

ପ୍ରପନ୍ନାଂ ପାହି ଗୋବିନ୍ଦ କୁରୁମଧ୍ୟେଽବସୀଦତୀମ୍ ।

ହେ ଗୋବିନ୍ଦ ! କୁରୁଙ୍କ ମଧ୍ୟରେ କଷ୍ଟ ପାଉଥିବା ଏଇ ଶରଣାଗତକୁ ତୁମେ ରକ୍ଷାକର ।

ପ୍ରପନ୍ନ ଶବ୍ଦର ଅର୍ଥ ହେଉଛି ଶରଣ ନେବା, ଭଗବାନଙ୍କ ନିକଟରେ ସଂପୂର୍ଣ୍ଣ ରୂପେ ନିଜକୁ ନିବେଦନ କରିଦେବା । ତେଣୁ ଶରଣାପନ୍ନ ହେବାକୁ ଆତ୍ମସମର୍ପଣ ବା ପ୍ରପତ୍ତି ଯୋଗର ଆଖ୍ୟା ମଧ୍ୟ ଦିଆଯାଇଥାଏ ।

କିନ୍ତୁ ଅସୁବିଧାଟା ହେଉଛି ଜଡ଼ଗତ ଶରୀର ମଧ୍ୟରେ ଚିତ୍ ଓ ଚୈତନ୍ୟକୁ ଧାରଣ କରି ମଧ୍ୟ ମଣିଷ ପ୍ରକୃତିର ଗୁଣତ୍ରୟ ଦ୍ୱାରା ମୋହାଚ୍ଛନ୍ନ ହୋଇ ପୁରୁଷୋତ୍ତମଙ୍କର ସେହି ବ୍ୟକ୍ତ ମାନୁଷୀ ରୂପକୁ ଅବତାର ରୂପେ ନିଜ ହାତ ପାଆନ୍ତାରେ ପାଇ ମଧ୍ୟ ଚିହ୍ନି ପାରେ ନାହିଁ । ଏହି ପରିପ୍ରେକ୍ଷୀରେ ଗୀତାରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି –

ଅବଜାନନ୍ତି ମାଂ ମୂଢ଼ା ମାନୁଷୀଂ ତନୁମାଶ୍ରିତମ୍ ।
ପରଂ ଭାବମଜାନନ୍ତୋ ମମ ଭୂତମହେଶ୍ୱରମ୍ ॥
(୯/୧୧)

ଅର୍ଥାତ୍ ମୁଁ ଏହି ସମସ୍ତ ବିଶ୍ୱ ସୃଷ୍ଟିର ମୂଳ କାରଣ ହୋଇ ମଧ୍ୟ ମୋର ଏହି ପରମ ତତ୍ତ୍ୱକୁ ମଣିଷ ବୁଝିପାରୁ ନାହିଁ । ତେଣୁ ମଣିଷ ରୂପ ଧାରଣ କରିଥିବାରୁ ମୋତେ ସେମାନେ ସାଧାରଣ ମଣିଷ ବୋଲି ଭାବି ଅବଜ୍ଞା କରନ୍ତି ।

ଭଗବାନଙ୍କର ଅବତାରତତ୍ତ୍ୱ ସମ୍ବନ୍ଧରେ ବିଚାର କଲେ ଆମେ ବେଶ୍ ବୁଝି ପାରିବା ଯେ ସେ ଯେତେବେଳେ ଅବତରି ଆସନ୍ତି ତାଙ୍କର ଥାଏ ଦୁଇଟି ବିଭାବ – ବାହ୍ୟ ଦୃଷ୍ଟିରେ ମଣିଷର ରୂପ ଓ ପଶ୍ଚାତରେ ଭାଗବତ ସ୍ୱରୂପ । ସେହି ଭାଗବତ ବ୍ୟକ୍ତିତ୍ୱଟି ଉର୍ଦ୍ଧ୍ୱସ୍ଥ ଦିବ୍ୟସତ୍ୟର ଚେତନା ଓ ନିମ୍ନସ୍ଥ ଲୀଳା ପାଇଁ କାର୍ଯ୍ୟରତ ଥାଏ, ଯାହା ସମ୍ପର୍କରେ ମଣିଷ ସଂପୂର୍ଣ୍ଣ ଅଜ୍ଞ । ତେଣୁ ଆମେ ଆମର ବିଚାର ବୁଦ୍ଧି ମାଧ୍ୟମରେ ସେସବୁର ଆକଳନ ନ କରି ବରଂ ନିଜକୁ ଭଗବାନଙ୍କ ନିକଟରେ ଅର୍ପଣ କରିଦେବାହିଁ ବିଧେୟ । ସେଥିପାଇଁ ବୋଧହୁଏ ଗୀତାରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଆହୁରି ସ୍ପଷ୍ଟ କରିଦେଇଛନ୍ତି ଯେ –

ତମେବ ଶରଣଂ ଗଚ୍ଛ ସର୍ବଭାବେନ ଭାରତ ।
(୧୮/୬୨)

ଅର୍ଥାତ୍ ହେ ଅର୍ଜୁନ, ସେହି ପରମେଶ୍ୱରଙ୍କ ନିକଟରେ ତୁମେ ସକଳ ଭାବରେ ଶରଣାପନ୍ନ ହୁଅ ।

ଭଗବାନ୍ ଶ୍ରୀକୃଷ୍ଣ ଯେତେବେଳେ ସ୍ୱୟଂ ଏକଥା କହୁଛନ୍ତି, ଆଉ ଆମର ପରମ ପ୍ରଭୁ ଶ୍ରୀଅରବିନ୍ଦ ଯିଏକି ଶ୍ରୀକୃଷ୍ଣଙ୍କ ସହ ଏକାତ୍ମତା ଲାଭ କରିଛନ୍ତି ଏବଂ ଅଧିମାନସରୁ ଅତିମାନସ ସ୍ତରକୁ ଉନ୍ନୀତ ହୋଇଛନ୍ତି; ତାଙ୍କୁ ଆମେ ଆମର ଗୁରୁ, ଆରାଧ୍ୟ, ପରମେଶ୍ୱର ରୂପେ ପାଇ ଯଦି ଶରଣାପନ୍ନ ନ ହୋଇପାରିବା, ତାଙ୍କର ପାଦତଳେ ନିଜକୁ ଅର୍ପଣ ନ କରିପାରିବା ତେବେ ଏହାଠାରୁ ମୂଢ଼ତା ଆଉ କ'ଣ ଥାଇ ପାରେ ?

ଏଇ ସମ୍ବନ୍ଧରେ ଅଧିକ ଅନୁଧ୍ୟାନ କଲେ ଆମେ ବୁଝିପାରିବା ଯେ ଶରଣାପନ୍ନ ହେବା ବା ଶରଣାଗତ ହେବା ହେଉଛି ଏକ ପ୍ରାଥମିକ ଅବସ୍ଥା । ସମର୍ପଣ ହେଉଛି ଏହାର ପରବର୍ତ୍ତୀ କ୍ରିୟା । ଜଣେ ଶରଣାଗତ ନ ହୋଇ କେବେ ବି ସମର୍ପିତ ହୋଇପାରିବ ନାହିଁ ବରଂ ସମର୍ପିତ ନ ହୋଇ ମଧ୍ୟ ଜଣେ ଅନ୍ୟ ଜଣଙ୍କର ଶରଣାଗତ ହୋଇପାରିବ, ଆଶ୍ରୟ ନେଇ ପାରିବ । ଶରଣାଗତ ହେବାର ଗୁରୁତ୍ୱ ସଂପର୍କରେ ଶ୍ରୀଅରବିନ୍ଦଙ୍କ ମା' ବହିରେ ଯାହା ଉଲ୍ଲେଖ କରାଯାଇଛି ତାହାର ସାରମର୍ମ ହେଉଛି – ଜୀବନ ପଥରେ ସକଳ ଭୟ ଓ ସଂକଟ ବିରୋଧରେ କବଚାବୃତ ହୋଇ ଚାଲିବାକୁ ହେଲେ ଆମର ଦୁଇଟି ଜିନିଷ ଦରକାର – ଗୋଟିଏ ହେଲା ମା' ଭଗବତୀଙ୍କ କରୁଣା ଆଉ ଦ୍ୱିତୀୟଟି ହେଲା ଶ୍ରଦ୍ଧା, ନିଷ୍ଠା ଓ ସମର୍ପଣରେ ଗଠିତ ଆମର ଅନ୍ତଃକରଣ । ଅର୍ଥାତ୍ ପ୍ରଥମଟି ହେଉଛି ଦିବ୍ୟଜନନୀଙ୍କର କରୁଣା, ଯାହା ସବୁ ସମୟରେ ସମସ୍ତଙ୍କ ପାଇଁ ବିଦ୍ୟମାନ ରହିଛି ସତ, ହେଲେ ଆମେ ଯଦି ତାଙ୍କର ଶରଣାଗତ ନ ହୋଇପାରିବା ତେବେ କ'ଣ ସେଇ କରୁଣା ସଂପର୍କରେ

କେବେବି ସଚେତନ ହୋଇପାରିବା ? ତେଣୁ ଏକମାତ୍ର ଉପାୟ ହେଉଛି – ଗତିସ୍ତ୍ୱଂ ଗତିସ୍ତ୍ୱଂ ତ୍ୱମେକା ଭବାନି ! ଆଉ ସେଇଥିପାଇଁ ବୋଧହୁଏ ଗୀତାର ଅନ୍ତିମ ଅଧ୍ୟାୟରେ ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କର ସମସ୍ତ ସଂଶୟର ଏକମାତ୍ର ସହଜ, ସରଳ ଉତ୍ତର ଦର୍ଶାଇବାକୁ ଯାଇ କହିଛନ୍ତି –

ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।
ଅହଂ ତ୍ୱା ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ॥
(୧୮/୬୬)

ସବୁକିଛି ପରିହାର କରି ଏକମାତ୍ର ମୋ'ଠାରେ ଶରଣାପନ୍ନ ହୁଅ, ମୁଁ ତୁମକୁ ସକଳ ପାପରୁ ମୁକ୍ତ କରି ପରମପଦ ପ୍ରଦାନ କରିବି । ତେଣୁ ଦୁଃଖ କର ନାହିଁ ।

ପରବର୍ତ୍ତୀ ଅବସ୍ଥାଟି ହେଲା ସମର୍ପଣ । ଅର୍ଥାତ୍ – ଆମେ ନିଜକୁ ଓ ଆମର ଯାହାକିଛି ଅଛି, ସବୁକିଛିକୁ ସମଗ୍ର ଭାବରେ ଓ ନିଃଶେଷରେ ଭଗବାନଙ୍କ ନିକଟରେ ଦେଇ ଦେବା, ଯାହା ଫଳରେ ଆମଠାରୁ ଏହା ଅପେକ୍ଷା ଅଧିକ କିଛି ଦାବି କରାଯାଇ ନ ପାରେ । ଏବଂ ଏହା ଅପେକ୍ଷା କମ୍ ମଧ ନୁହେଁ । ପୁଣି ଯଥାର୍ଥ ସମର୍ପଣ ସେତିକିବେଳେ ସମ୍ଭବ ହୁଏ ଯେତେବେଳେ ସାଧକ ନିଜ ଭାବନା ସ୍ଥାନରେ ଉର୍ଦ୍ଧ୍ୱତର ସ୍ତରରୁ ଆସୁଥିବା ଜ୍ଞାନକୁ, ନିଜର କାମନା-ବାସନା ବଦଳରେ ଭାଗବାନଙ୍କର ଦିବ୍ୟ ସଂକଳ୍ପକୁ ଓ ନିଜର ଶାରୀରିକ ଅଭ୍ୟାସସବୁର ସ୍ଥାନରେ ଦିବ୍ୟସତ୍ୟର କ୍ରିୟାକୁ ଗ୍ରହଣ କରିଥାଏ । କିନ୍ତୁ ଜଣେ ସାଧକ ସାଧନାର ପ୍ରାଥମିକ ଅବସ୍ଥାରେ ହଠାତ୍ ପୂର୍ଣ୍ଣରୂପେ ସମର୍ପିତ ହେବା ଆଦୌ ସମ୍ଭବ ନୁହେଁ । ଶ୍ରୀଅରବିନ୍ଦଙ୍କର ବାଣୀଟି ଏହାକୁ ଅଧିକ ସ୍ପଷ୍ଟ କରିଦିଏ – ''ଏତେ କମ୍ ସମୟ ମଧ୍ୟରେ ସଂପୂର୍ଣ୍ଣ ରୂପେ ସମର୍ପଣ ଆଦୌ ସମ୍ଭବ ନୁହେଁ,– କାରଣ ସଂପୂର୍ଣ୍ଣ ସମର୍ପଣର ଅର୍ଥ ସତ୍ତାର ସମସ୍ତ ଅଂଶରେ ଅହଂର ଗ୍ରନ୍ଥି ଛିନ୍ନ କରିବା ଏବଂ ସମଗ୍ର ସତ୍ତାକୁ ସଂପୂର୍ଣ୍ଣ ଭାବରେ ଭଗବାନଙ୍କୁ ଅର୍ପଣ କରିବା ।'' ଏହି ବାଣୀଟିରେ ନିହିତ ରହସ୍ୟ ହେଉଛି ଅହଂକାରର ଗଣ୍ଠିରୁ ମୁକ୍ତି । କିନ୍ତୁ ଅଧିକାଂଶ ବ୍ୟକ୍ତି ଯେତେବେଳେ ତାଙ୍କ କେନ୍ଦ୍ରୀୟ ସତ୍ତା ଅର୍ଥାତ୍ ଅନ୍ତରାତ୍ମା ସଂପର୍କରେ ସଚେତନ ନୁହନ୍ତି ବରଂ ସେମାନେ କେବଳ ମାତ୍ର ଅହଂ-ସର୍ବସ୍ୱ ହୋଇ କାମନା-ଆତ୍ମା ଦ୍ୱାରା ପରିଚାଳିତ ହେଉଥା'ନ୍ତି ସେତେବେଳେ ଅହଂରୁ ମୁକୁଳିବାର ପ୍ରଶ୍ନ ଉଠୁଛି ବା କେଉଁଠି ? ଏହି ଅହଂଭାବରୁ ମୁକ୍ତ ହେବା ସଂପୂର୍ଣ୍ଣ ସମର୍ପଣ ଭଳି ଅତ୍ୟନ୍ତ କଷ୍ଟସାଧ୍ୟ । କାରଣ ଚୈତ୍ୟସତ୍ତାକୁ ଉପଲବ୍ଧି ନ କରିବା ଯାଏଁ ଅହଂଭାବ କଦାପି ଯିବ ନାହିଁ । ଆଉ ପ୍ରାଥମିକ ଅବସ୍ଥାରେ ଚୈତ୍ୟସତ୍ତା ସମ୍ପୂର୍ଣ୍ଣ ରୂପେ ଆବରଣଯୁକ୍ତ ହୋଇ ରହିଥାଏ । ତେଣୁ ଆମେମାନେ ଭଗବାନଙ୍କ ନିକଟରେ ସମ୍ପୂର୍ଣ୍ଣ ସମର୍ପିତ ବୋଲି ନ କହି ବରଂ ସମର୍ପଣ ପ୍ରୟାସୀ ବୋଲି କହିବା ଅଧିକ ଯୁକ୍ତିସଙ୍ଗତ ବୋଧହୁଏ ।

ସମଗ୍ର ସତ୍ତା ନେଇ ଯଥାର୍ଥ ସମର୍ପଣ ଏହାର ପରବର୍ତ୍ତୀ ଅବସ୍ଥା, ଏବଂ ତାହା କୃପାସାପେକ୍ଷ । ସମର୍ପଣ ଓ କୃପାର ଆବାହନ ପ୍ରାୟ ସମାନ ଜିନିଷ । ସେହି କୃପା ଲାଭ ନିମନ୍ତେ ଭଗବାନଙ୍କର ଶରଣାଗତ ହେବା ଛଡ଼ା ଆମର ଅନ୍ୟ ରାହା ନାହିଁ – ଯେମିତି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କର ଶ୍ରୀଜଗନ୍ନାଥଙ୍କୁ ଆକୁଳ ପ୍ରାର୍ଥନା –

ମାନ ଉଦ୍ଧାରଣ କର ହେ ତାରଣ
ଶରଣ ମୁଁ ତୁମ୍ଭ ପାଦତଳେ ।

ଠିକ୍ ସେମିତି ଆମେ ଆମର ଆରାଧ୍ୟ ଶ୍ରୀମା-ଶ୍ରୀଅରବିନ୍ଦଙ୍କୁ ଡାକିବା ଛଡ଼ା ଦ୍ୱିତୀୟ ପନ୍ଥା ନାହିଁ :

ଶ୍ରୀଅରବିନ୍ଦଃ ଶରଣଂ ମମ ।
ଶ୍ରୀମାତା ଶରଣଂ ମମ ।
ମୀରାରବିନ୍ଦଃ ଶରଣଂ ମମ ।

❑❑❑

**ଉଦାରଙ୍କ ଜନ୍ମ ଶତବାର୍ଷିକ ଉପଲକ୍ଷେ**

# ଶ୍ରୁତି ଓ ସ୍ମୃତି

## (୧)


## ଶ୍ରୀ ସନ୍ତୋଷ କୁମାର ରଥ


ସେଦିନ ଥିଲା ୧୯୩୭ ମସିହା ଅଗଷ୍ଟ ୧୫ ତାରିଖ, ଶ୍ରୀଅରବିନ୍ଦଙ୍କ ପଞ୍ଚଷଷ୍ଟିତମ ବାର୍ଷିକ ଜନ୍ମୋତ୍ସବ । ଏହି ଅବସରରେ ଶ୍ରୀଅରବିନ୍ଦଙ୍କ ଦର୍ଶନ ଲାଭର ସୌଭାଗ୍ୟ ହେଉଛି ଉପସ୍ଥିତ ଅଭିଳାଷୀମାନଙ୍କ ପାଇଁ ସେଦିନର ସବୁଠାରୁ ବଡ଼ ଆକର୍ଷଣ । କାରଣ ୧୯୨୬ର ସିଦ୍ଧି ଦିବସ ପରଠାରୁ ଶ୍ରୀଅରବିନ୍ଦ ଅନ୍ତରାଳରେ ଅବସ୍ଥାନ କରୁଥିଲେ ଏବଂ ଅନ୍ତେବାସୀଙ୍କର ଓ ଆଶ୍ରମର ସମସ୍ତ ଦାୟିତ୍ୱ ବହନ କରିଥିଲେ ଶ୍ରୀମା । ଫଳରେ ୨୧ ଫେବ୍ରୁଆରି, ୧୫ ଅଗଷ୍ଟ ଓ ୨୪ ନଭେମ୍ବର; ଏହି ତିନୋଟି ଦିନରେହିଁ ଶ୍ରୀଅରବିନ୍ଦଙ୍କୁ ଦର୍ଶନ କରିବାର ସୁଯୋଗ ମିଳୁଥିଲା ଏବଂ ପରବର୍ତ୍ତୀ କାଳରେ ଅର୍ଥାତ୍ ୧୯୩୯ ମସିହାଠାରୁ ୨୪ ଏପ୍ରିଲ୍ ଶ୍ରୀମାଙ୍କର ଶେଷଥର ପଣ୍ଡିଚେରୀ ଆଗମନ ଦିନଟିକୁ ଚତୁର୍ଥ ଦର୍ଶନ ଦିବସ ଭାବରେ ଗ୍ରହଣ କରାଗଲା । ତେଣୁ ଦର୍ଶନ ଦିବସର ଆଗମନକୁ ସମସ୍ତେ ଉତ୍କଣ୍ଠିତ ହୋଇ ଚାହିଁ ରହିଥା'ନ୍ତି ଶ୍ରୀଅରବିନ୍ଦଙ୍କ ସାନ୍ନିଧ୍ୟଲାଭ ଆଶାରେ । ମାତ୍ର ନିଜର ଅନିଚ୍ଛା ସତ୍ତ୍ୱେ ଆଶ୍ରମର କେତେଜଣ ବନ୍ଧୁଙ୍କ ଅନୁରୋଧ ରକ୍ଷା କରିବାକୁ ଯାଇ ସେଦିନ ଦର୍ଶନ ପାଇଁ ଯିବାର ଶେଷ ସିଦ୍ଧାନ୍ତ ନେଲେ ନବ ବିବାହିତ ଉଦୀୟମାନ ଯୁବକ ଲରେନ୍ସ୍ ମାର୍ଶାଲ୍ ପିଣ୍ଟୋ । ସେସମୟରେ ଦର୍ଶନାର୍ଥୀମାନଙ୍କର ନାମ ଓ ଦର୍ଶନ ସମୟର ଏକ ତାଲିକା ପ୍ରସ୍ତୁତ କରାଯାଇ ପ୍ରକାଶ କରାଯାଉଥିଲା ଏବଂ ସମସ୍ତେ ସେହି କ୍ରମରେ ଧାଡ଼ି ବାନ୍ଧି ଉପର ମହଲାକୁ ଯାଉଥିଲେ ।

ମଧ୍ୟାହ୍ନର ଠିକ୍ ପୂର୍ବରୁ ନବ ଦମ୍ପତି ଦର୍ଶନ ଆଶାରେ ଧାଡ଼ିରେ ଉପରକୁ ଉଠିଲେ । ସେମାନଙ୍କର ପୋଷାକ ପରିଚ୍ଛଦ ଅତ୍ୟାଧୁନିକ ଓ ପାଶ୍ଚାତ୍ୟଧର୍ମୀ । ଦୀର୍ଘ ତିନିବର୍ଷ ପୂର୍ବରୁ ଯୁବକ ଜଣକ ପଣ୍ଡିଚେରୀ ଆସିଥିଲେ ବି ଏବଂ ଆଶ୍ରମ ସଂପର୍କିତ କେତେଜଣଙ୍କ ସହ ବନ୍ଧୁତ୍ୱ ସ୍ଥାପନ ହୋଇଥିଲେ ବି, ଆଶ୍ରମ ସମ୍ବନ୍ଧରେ ତାଙ୍କର ଜ୍ଞାନ ଥିଲା ସର୍ବନିମ୍ନ । କାରଣ ତାଙ୍କର ଲକ୍ଷ୍ୟ ଥିଲା ଫରାସୀ ଶାସିତ ପଣ୍ଡିଚେରୀ ସହରରେ ବ୍ୟବସାୟ ମାଧ୍ୟମରେ ଅର୍ଥ ଉପାର୍ଜନ ଓ ସ୍ୱଚ୍ଛନ୍ଦ ଜୀବନ ଯାପନ । ତେଣୁ ଦର୍ଶନ ଦିବସର ମହତ୍ତ୍ୱ ଓ ସେହି ଅବସରରେ ଶ୍ରୀଅରବିନ୍ଦଙ୍କ ସାନ୍ନିଧ୍ୟ ଲାଭ କରିବା ଯେ ଏକ ସୌଭାଗ୍ୟ, ସେକଥା ସେ ବା କାହୁଁ ଜାଣିବେ ? ପୁଣି ଦୈହିକ ସତ୍ତାରେ ଶ୍ରୀକୃଷ୍ଣଙ୍କର ଚେତନାକୁ ଯେ ଶ୍ରୀଅରବିନ୍ଦ ଧାରଣ କରି ରହିଛନ୍ତି, ତାଙ୍କ ସହ ଏକାତ୍ମତା ଲାଭ କରିଛନ୍ତି ଏକଥା କେତେ ଜଣ ବା ଜାଣନ୍ତି; ଅତିମାନସ ତ ଦୁରୂହ ବ୍ୟାପାର । ତଥାପି ସେ ଚାଲିଥା'ନ୍ତି ଏକ ନୀରବ ପ୍ରବାହ ସହ ସାମିଲ ହୋଇ; ଆଖିରେ ରହିଥାଏ ଜଣେ ପରିଦର୍ଶକର ଅନ୍ୱେଷଣ, ମନରେ ଏକ ଅଜଣା ଅନୁସନ୍ଧିତ୍ସା । ମାତ୍ର ଦର୍ଶନ ରୁମ୍‌କୁ ପ୍ରବେଶ କରିବା କ୍ଷଣି ଯୁବକ ଜଣକ ହଠାତ୍ ନିଜ ଭିତରେ ବିଦ୍ୟୁତ୍‌ର ସ୍ପର୍ଶ ଅନୁଭବ କଲେ ଏବଂ ଶ୍ରୀଅରବିନ୍ଦଙ୍କ ଦର୍ଶନର ପ୍ରଥମ ପଲକରେ ତାଙ୍କ ହୃଦୟ ଭିତରେ ଅନୁରଣିତ ହୋଇଉଠିଲା, ''ତା'ହେଲେ କ'ଣ ଶେଷରେ ମହିମମୟଙ୍କ ଦର୍ଶନ ଲାଭ କଲି !''

ଘଡ଼ିକ ପାଇଁ ସ୍ଥିର, ନିଶ୍ଚଳ ହୋଇଗଲେ ଯୁବକ ଜଣକ । ଶ୍ରୀଅରବିନ୍ଦଙ୍କଠାରୁ ସେ ଆଖି ଫେରାଇନେଇ ପାରୁ ନ ଥା'ନ୍ତି । ମନେ ମନେ ଭାବିଲେ – ରାଜକୀୟ ପୋଷାକ ସହ ମୁକୁଟ ମଣ୍ଡିତ ହୋଇ ବହୁ ରାଜ ରାଜୁଡ଼ାଙ୍କୁ ମୁଁ ଆଗରୁ ଦେଖିଛି । ମାତ୍ର ଖଣ୍ଡିଏ ଧୋତି ଓ ଚାଦର ବେଷ୍ଟିତ ହୋଇ ଏପରି ଅପୂର୍ବ ରାଜକୀୟତା ତ ଆଗରୁ କେବେ ବି ଦେଖି ନାହିଁ । ନା ଅଛି ତାଙ୍କର ଜାଜ୍ୱଲ୍ୟମୟ ପୋଷାକ, ନା ଅଛି ରତ୍ନଖଚିତ ମୁକୁଟ ? କିନ୍ତୁ ସେ ଏତେ ମହିମମୟ କେମିତି !

ତା'ପରେ ଯୁବକ ଜଣକ ମା'ଙ୍କ ଆଡ଼କୁ ଆଖି ଫେରାଇଲେ । ତାଙ୍କର ମନେ ହେଲା ସତେ ଯେମିତି ସୁଷମା ଓ ପ୍ରେମର ସେ ଏକ ପରିପୂର୍ଣ୍ଣ ବିଗ୍ରହ । ତାଙ୍କ କୋଳରେ ନିଜର ମୁଣ୍ଡ ରଖି ପ୍ରଣାମ ଜଣାଇଲେ ଏବଂ ତାଙ୍କୁ ଅନୁକରଣ କଲେ ତାଙ୍କ ପତ୍ନୀ ମୋନା ପିଣ୍ଟୋ ।

ସେଦିନ ଦର୍ଶନ ସାରି ଫେରି ଆସିବା ପରଠାରୁ ଯୁବକଙ୍କର ଜୀବନ ଧାରାରେ ଏକ ଅଭୂତପୂର୍ବ ପରିବର୍ତ୍ତନ ଘଟିଲା । କ୍ରମଶଃ ସେ ମା' ଶ୍ରୀଅରବିନ୍ଦଙ୍କ ଆଡ଼କୁ ଅଧିକରୁ ଅଧିକ ଆକର୍ଷିତ ହେଲେ ଏବଂ ପୂର୍ବ ପରିଚିତ ଅମଳ କିରଣ, ପୁରାଣୀ, ଅମ୍ବୁ ଓ ଡଃ ରାମଚନ୍ଦ୍ର ଆଦି ଆଶ୍ରମ ଅନ୍ତେବାସୀଙ୍କ

ସହ ତାଙ୍କର ସଂପର୍କ ଆହୁରି ଘନିଷ୍ଠ ହୋଇଉଠିଲା । ଖୁବ୍ ଶୀଘ୍ର ସେ ନିଜ ବ୍ୟବସାୟ ଓ ଧନ ଉପାର୍ଜନର ମୋହ ତ୍ୟାଗ କରି ଆଶ୍ରମର ବିଭିନ୍ନ କ୍ରିୟା କଳାପରେ ନିଜକୁ ସଂଶ୍ଳିଷ୍ଟ କରିଦେଲେ ଏବଂ ନିଜର ଲବ୍ଧ ଧନକୁ ମା'ଙ୍କ ଶ୍ରୀଚରଣରେ ଅର୍ପଣ କଲେ । ମନେ ହେଉଥାଏ ଦିବ୍ୟ ଜନନୀଙ୍କର ପ୍ରେମର ସୁବର୍ଣ୍ଣ ଶିକୁଳିରେ ସେ ଯେମିତି ବନ୍ଧା ପଡ଼ି ଯାଇଛନ୍ତି; ଆଉ ମୁକୁଳିବାର ମସୁଧା ଟିକକ ବି ତାଙ୍କରି ପାଖରେ ସଅଁପି ଦେଇଛନ୍ତି ।

ପରବର୍ଷ ଅର୍ଥାତ୍ ୧୯୩୮ ମସିହା ଏପ୍ରିଲ ୨୬ ତାରିଖ ତାଙ୍କ ଜନ୍ମ ଦିନରେ ସେ ଶ୍ରୀଅରବିନ୍ଦଙ୍କ ଦ୍ୱାରା ପ୍ରଦତ୍ତ ଭିନ୍ନ ଏକ ନାମରେ ନାମିତ ହେଲେ, ପାଇଲେ ଏକ ନବଜନ୍ମ : 'ଉଦାର' — ଯାହାର ଅର୍ଥ ମହତ୍, ଉଦାର, ଅକପଟ ଓ ନିଷ୍ଠାବାନ୍ ।

ଶ୍ରୀଅରବିନ୍ଦଙ୍କ ସ୍ୱହସ୍ତ ଲିଖିତ କାଗଜଟି ସେ ମା'ଙ୍କଠାରୁ ଗ୍ରହଣ କରି କୃତାର୍ଥ ମଣିଲେ । ସେଥିରେ ନାମର ଅର୍ଥବୋଧକ ଶବ୍ଦଗୁଡ଼ିକ ସହ ଶ୍ରୀଅରବିନ୍ଦଙ୍କ ଆଶୀର୍ବାଦ ଓ ସ୍ୱାକ୍ଷର ନିହିତ ଥିଲା ।

ଉଦାରଙ୍କର ପୂର୍ବ ପୁରୁଷ ଗୋଆରେ ଅବସ୍ଥାନ କରୁଥିଲେ ଏବଂ ସେମାନେ କାଶ୍ମୀରର ସାରସ୍ୱତ ବ୍ରାହ୍ମଣଙ୍କ ବଂଶଜ । ମାତ୍ର ପର୍ତ୍ତୁଗୀଜ୍‌ମାନଙ୍କ ଆକ୍ରମଣ ଓ ଶାସନ ଫଳରେ ଧର୍ମାନ୍ତକରଣ ରୀତିରେ ସେମାନେ ଖ୍ରୀଷ୍ଟଧର୍ମର ଅନ୍ତର୍ଭୁକ୍ତ ହେଲେ ଏବଂ ପରବର୍ତ୍ତୀ କାଳରେ ଗୋଆରୁ ଆସି କର୍ଣ୍ଣାଟକର ଧରଓ୍ୱାର ଜିଲ୍ଲା ଅନ୍ତର୍ଗତ ହୁବୁଲି ସହରରେ ସ୍ଥାୟୀ ବସତି ସ୍ଥାପନ କଲେ । ୧୯୦୭ ମସିହା ଏପ୍ରିଲ ୨୬ ତାରିଖରେ ସେହିଠାରେ ଉଦାରଙ୍କର ଜନ୍ମ । ତାଙ୍କର ବାପା ଏଲ୍. ବି. ପିଣ୍ଟୋ ହୁବୁଲି ସହରର ହାତ ଗଣା ଧନାଢ଼୍ୟମାନଙ୍କ ମଧ୍ୟରୁ ଜଣେ । ଜମିଦାରୀ ଓ ବ୍ୟବସାୟହିଁ ଥିଲା ତାଙ୍କର ମୁଖ୍ୟ ବେଉସା, ବିତ୍ତଶାଳୀ ହେବାର ଅସଲ ପନ୍ଥା ।

ହୁବୁଲି ଓ ବାଙ୍ଗାଲୋରରୁ ସ୍କୁଲ୍ ପଢ଼ା ଶେଷ ହେବାପରେ କର୍ଣ୍ଣାଟକ କଲେଜରୁ I. Sc. ଓ Royal Institute of Science, Bombay ରୁ B. Sc. ଡିଗ୍ରୀ ହାସଲ କରି ଉଦାର ଇଂଲଣ୍ଡ ଯାତ୍ରା କଲେ । ଲଣ୍ଡନରେ ଏରୋନେଟିକାଲ୍ ଇଂଜିନିଅରିଂ ପଢୁଥିବା ସମୟରେ ସଂଭ୍ରାନ୍ତ ବଂଶୀୟା ଇଂରେଜ ମହିଳା ମୋନାଙ୍କ ସହ ତାଙ୍କର ପରିଚୟ ହୋଇଥିଲା ଏବଂ ଉଭୟେ ବିବାହ କରିବାର ସିଦ୍ଧାନ୍ତ ନେଇଥିଲେ । ମାତ୍ର ଉଭୟ ପରିବାରର ସଦସ୍ୟମାନଙ୍କ ପାଇଁ ଏହାଥିଲା ଏକ ବିସମ୍ବାଦ, ରକ୍ଷଣଶୀଳତା ପ୍ରତି ଏକ ବଜ୍ରାଘାତ — ଜଣେ ଭାରତୀୟ ଯୁବକ କେବେ ବି ଜଣେ ଇଂରେଜ ମହିଳାଙ୍କୁ ବିବାହ କରି ନ ପାରେ । ସେମାନେ କିନ୍ତୁ ସ୍ଥିର ନିଶ୍ଚିତ, ପରିଣାମ ପ୍ରତି ଅନୁଦ୍‌ବିଗ୍ନ ।

୧୯୩୩ ମସିହାରେ ଉଦାର ଭାରତ ଫେରି ଆସି ଚାକିରିର ଅନ୍ୱେଷଣ କଲେ । ତାଙ୍କର ଯୋଗ୍ୟତାହିଁ ତାଙ୍କର ପ୍ରତିବନ୍ଧକ ହେଲା । କାରଣ ସେତେବେଳେ ସାରା ଭାରତରେ ମାତ୍ର ଦୁଇଟି ଛୋଟ ଉଡ଼ାଜାହାଜ ଥିଲା, ଯାହାର ରକ୍ଷଣାବେକ୍ଷଣ ପାଇଁ ତାଙ୍କ ଭଳି ଜଣେ ଉଚ୍ଚଶିକ୍ଷିତ ଦକ୍ଷ ଇଂଜିନିୟରଙ୍କ ଆବେଦନ ଗୃହୀତ ନ ହେବା ସ୍ୱାଭାବିକ । ତେଣୁ ସେ ଚାକିରି ଆଶା ହରାଇ ବ୍ୟବସାୟ ନିମିତ୍ତ ଫରାସୀ ଶାସିତ ପଣ୍ଡିଚେରୀକୁ ଫେରି ଆସିଲେ ୧୯୩୪ ମସିହାରେ । କିଛିଟା ଆର୍ଥିକ ସ୍ୱଚ୍ଛଳତା ଲାଭ କରିବାପରେ ୧୯୩୭ ମସିହା ଫେବ୍ରୁଆରି ମାସରେ ପଣ୍ଡିଚେରୀରେହିଁ ତାଙ୍କର ମୋନାଙ୍କ ସହିତ ବିବାହ ଅନୁଷ୍ଠିତ ହେଲା । ଏବଂ ଅଳ୍ପ ଦିନ ଅନ୍ତରରେ ଦୁହେଁ ମା'ଙ୍କ କାମ ପାଇଁ ଆଶ୍ରମରେ ଯୋଗ ଦେଲେ । ଠିକ୍ ସେହି ସମୟରେ ୧୦ ଅକ୍‌ଟୋବର ୧୯୩୭ ମସିହାରେ ଗୋଲକୁଣ୍ଡର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥାଏ । ମା' ତାହାର ନିର୍ମାଣ କାର୍ଯ୍ୟରେ ସହଯୋଗ କରିବା ପାଇଁ ଉଦାରଙ୍କୁ ନିର୍ଦ୍ଦେଶ ଦେଲେ ।

ଗୋଲକୁଣ୍ଡର ସ୍ଥପତି ଶୈଳୀ ସେତେବେଳର ନିର୍ମିତ ସୌଧମାନଙ୍କ ମଧ୍ୟରେ ସଂପୂର୍ଣ୍ଣ ଅଭିନବ । ମୁଖ୍ୟତଃ ଖ୍ୟାତନାମା ତିନିଜଣ ସ୍ଥାପତ୍ୟ ବିଶାରଦଙ୍କ ମିଳିତ ସହଯୋଗରେ ତାହାର ନକ୍‌ସା ପ୍ରସ୍ତୁତ କରାଯାଇଥିଲା । ସେମାନେ ହେଲେ ଚେକୋସ୍‌ଲୋଭାକିଆର ଏଣ୍ଟୋନିନ୍ ରେମଣ୍ଡ ଓ ତାଙ୍କର ସହଯୋଗୀ ଫ୍ରାସିସ୍ ସେମ୍ପର୍ ଏବଂ ଜାପାନର ଜର୍ଜ ନାକାଶିମା । ଏହି ପ୍ରାସାଦଟି ନିଜସ୍ୱ ଢଙ୍ଗରେ ନିର୍ମିତ । ଯାହାର ରହିଛି ଏକ ଭିନ୍ନ ଶୈଳୀ ଓ ନିଖୁଣତାର ଚରମ ନିଦର୍ଶନ । ଏହାର ପ୍ରକୋଷ୍ଠସବୁ ପ୍ରଶସ୍ତ ଓ ବାୟୁଚଳାଚଳ ପାଇଁ ବାତାୟନସବୁ ପରସ୍ପରର ସମାନ୍ତରାଳ । କଂକ୍ରିଟ୍ ତିଆରି ବାତାୟନସବୁ ଖୋଲିଦେଲେ ସମଗ୍ର ପ୍ରାସାଦଟି ମନେହେବ ସେସବୁ କେତୋଟି ଆବଦ୍ଧ କକ୍ଷ ନୁହନ୍ତି, ବରଂ ଏକ ମୁକ୍ତ କ୍ଷେତ୍ର । ପୁଣି ବାସ୍ତୁ ଶାସ୍ତ୍ର ଅନୁଯାୟୀ ସୂର୍ଯ୍ୟଙ୍କ ଗତିକୁ ଆଖିରେ ରଖି ଏଭଳି ନିର୍ମାଣ କରାଯାଇଛି ଯେ ଶୀତତାପ ନିୟନ୍ତ୍ରଣ ଜନିତ କୌଣସି ଯାନ୍ତ୍ରିକ ବ୍ୟବସ୍ଥାର ଆବଶ୍ୟକତା ପଡ଼େ ନାହିଁ ।

ଗୋଲକୁଣ୍ଡର ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ମା'ଙ୍କୁ ପ୍ରତିଦିନର ଟିକିନିଖି ବିବରଣୀ ପ୍ରଦାନ କରାଯାଉଥିଲା ଏବଂ

ତାଙ୍କରି ନିର୍ଦ୍ଦେଶକୁ ଚୂଡ଼ାନ୍ତ ନିଷ୍ପତ୍ତି ରୂପେ ଗ୍ରହଣ କରାଯାଉଥିଲା । ସେତେବେଳେ ଅଧିକାଂଶ ସାଧକ ଓ ସ୍ୱେଚ୍ଛାସେବୀମାନଙ୍କୁ ମା' ଗୋଲକୁଣ୍ଡ ଯାଇ କାମ କରିବା ପାଇଁ ପରାମର୍ଶ ଦେଉଥିଲେ । ଆଶ୍ରମର ଇଞ୍ଜିନିଅର୍ ଚନ୍ଦୁଲାଲ ଏବଂ ତାଙ୍କର ସହଯୋଗୀ ଯତୀନ୍ଦ୍ରନାଥ ବାଉଲ ଏଇ କାମରେ ନିଜକୁ ଉତ୍ସର୍ଗୀ ଦେଇଥିଲେ ଏବଂ ଆଉ କେତେଜଣ ଅନ୍ତେବାସୀ ବାରଘଣ୍ଟାରୁ ଅଧିକ ସମୟ ସେହିଠାରେହିଁ ବିନିଯୋଗ କରୁଥିଲେ, ନିଜର ରୁଚିଗତ କାର୍ଯ୍ୟକ୍ରମକୁ ଜଳାଞ୍ଜଳି ଦେଇ ।

ଦିନକର କଥା । ଛାତ ପଡ଼ିବା ପାଇଁ ସବୁପ୍ରକାରର ବ୍ୟବସ୍ଥା ଚାଲିଥାଏ । ସିମେଣ୍ଟ୍ ବସ୍ତାସବୁ ବାହାରେ ଗଦାକରି ରଖା ଯାଇଥାଏ । ଠିକ୍ ଏହି ସମୟରେ ଆକାଶରେ କଳାମେଘ ଛାଇ ହୋଇଗଲା, ସବୁଆଡ଼ ଆବୋରି ବସିଲା ଶୀତୁଆ ଅନ୍ଧାର । ସତେ ଯେମିତି ମୁଷଳ ବର୍ଷା ସମୁଦ୍ର ଓ ଭୂଖଣ୍ଡ ଏକାକାର କରିଦେବ । ସଙ୍ଗେ ସଙ୍ଗେ ମା'ଙ୍କୁ ଜଣାଇ ଦିଆଗଲା । ମା' ଶ୍ରୀଅରବିନ୍ଦଙ୍କ ସାହାଯ୍ୟ ନିମନ୍ତେ ନିବେଦନ ଜଣାଇଲେ, ''ପ୍ରଭୁ ! ଏବେ ଯେମିତି ବର୍ଷା ନ ହୁଏ ।'' ଏଣେ ସମସ୍ତେ ତଟସ୍ଥ ହୋଇ ଅନାଇ ରହିଥା'ନ୍ତି । ନିରୁପାୟ, ନୀରବ ଦର୍ଶକ ହେବା ଛଡ଼ା ସେମାନଙ୍କର ଅନ୍ୟ ଉପାୟ ନ ଥାଏ । ପଶ୍ଚିମା ପବନ ପ୍ରବଳ ବେଗରେ ବହିବାକୁ ଲାଗିଲା । ମନେହେଲା ପ୍ରକୃତି ଓ ଦୈବୀ ଶକ୍ତି ମଧ୍ୟରେ ଏହା ଏକ ଚରମ ସଂଗ୍ରାମ । ଶେଷରେ ମେଘମାନେ ଛତ୍ରଭଙ୍ଗ ଦେଲେ । କାମ ପୁଣି ସୁରୁଖୁରୁରେ ଆରମ୍ଭ ହେଲା ।

ଗୋଲକୁଣ୍ଡର କଂକ୍ରିଟ୍ କାମ ଶେଷ ହୋଇ ଯିବାପରେ କବାଟ, ଝରକା, ଆସବାବପତ୍ର ଓ ଆଭ୍ୟନ୍ତରୀଣ ସଜ୍ଜା ନିମନ୍ତେ ସମସ୍ତ ଜିନିଷ ପ୍ରସ୍ତୁତ କରିବା ପାଇଁ ମା' ଉଦାରଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କଲେ । ତାଙ୍କ ବୈଷୟିକ ଜ୍ଞାନ ସହ କର୍ମତତ୍ପରତା ଓ ନିଷ୍ଠାପରତାହିଁ ତାଙ୍କୁ ଏସବୁ କରିବା ପାଇଁ ଯୋଗ୍ୟ କରିଦେଲା । ସର୍ବାନ୍ତକରଣେ ମା'ଙ୍କ ଉପରେ ତାଙ୍କର ବିଶ୍ୱାସ ନିଃସଂଶୟରେ ମା'ଙ୍କ ନିର୍ଦ୍ଦେଶକୁ ମାନିନେବା ହେଉଛି ତାଙ୍କ ସାଫଲ୍ୟର ମୂଳ ରହସ୍ୟ ।

ପ୍ରକୃତରେ କହିବାକୁ ଗଲେ ଗୋଲକୁଣ୍ଡର ନିର୍ମାଣ ପଛରେ ରହିଛି ଏକ ଭିନ୍ନ ଉଦ୍ଦେଶ୍ୟ ଓ ରହସ୍ୟ । ମା' ଚାହିଁଥିଲେ ଏକ ବହୁତଳ ବିଶିଷ୍ଟ ସୁନ୍ଦର ପ୍ରାସାଦ ନିର୍ମାଣ କରି ସେଠାରେ ଆଶ୍ରମର କେତେଜଣ ନିଷ୍ଠାପର ଅନ୍ତେବାସୀଙ୍କୁ ରଖିବା ପାଇଁ । ତାହାହିଁ ହୋଇଥା'ନ୍ତା ସେମାନଙ୍କର ତପସ୍ୟାର ଗୁହା ।

ସେତେବେଳେ ଆଶ୍ରମର ଆର୍ଥିକ ଅବସ୍ଥା ଆଦୌ ସ୍ୱଚ୍ଛଳ ନ ଥିଲା । ତେଣୁ ମା' ଆକବର ହାଇଦରଙ୍କୁ ଏକଥା ଜଣାଇଲେ । ସେ ହାଇଦ୍ରାବାଦ ନିଜାମଙ୍କର ଦେଓ୍ୱାନ୍ ରୂପେ କାର୍ଯ୍ୟ କରୁଥା'ନ୍ତି । ଭଗବତ୍ କର୍ମ ନିମିତ୍ତ ଅର୍ଥ ସାହାଯ୍ୟ କରିବାର ସୌଭାଗ୍ୟ ସମସ୍ତଙ୍କର ଭାଗ୍ୟରେ ଜୁଟି ନ ଥାଏ । ଯିଏ ଯଥାର୍ଥରେ ଧନର ରକ୍ଷକ ଓ ମିତବ୍ୟୟୀ, ସେହିଁ ପାଇଥାଏ ଏହି ପରମପଦ । ନିଜାମ ଅକୁଣ୍ଠ ଚିତ୍ତରେ ଏକ ଲକ୍ଷ ଟଙ୍କା ମା'ଙ୍କ ନିକଟରେ ଅର୍ପଣ କଲେ । ତାହାର ମୂଲ୍ୟ ଆଜିର ବଜାର ଦର ଅନୁଯାୟୀ ଢେର ଅଧିକ । ସେହି ଅର୍ଥରେ ଜାପାନରୁ ଉନ୍ନତମାନର ସିମେଣ୍ଟ ଓ ଷ୍ଟିଲ୍ ଅଣାଯାଇଥିଲା । ହାଇଦରାବାଦ୍‌ରୁ ପ୍ରଥମ ଆର୍ଥିକ ସାହାଯ୍ୟ ମିଳିଥିବାରୁ ହାଇଦରାବାଦ୍‌ର ପ୍ରସିଦ୍ଧ ହୀରାଖଣିର ନାମାନୁଯାୟୀ ମା' ତାହାର ନାମ ରଖିଥିଲେ 'ଗୋଲକୁଣ୍ଡ' ।

ଗୋଲକୁଣ୍ଡର ନିର୍ମାଣ କାର୍ଯ୍ୟ ଶେଷ ହେବା ପୂର୍ବରୁ ଦ୍ୱିତୀୟ ମହାଯୁଦ୍ଧ ଆରମ୍ଭ ହୋଇଗଲା । ଫଳରେ କିଛି ଦର୍ଶନାର୍ଥୀ ସପରିବାରେ ପଣ୍ଡିଚେରୀର ବାସିନ୍ଦା ହେବା ପାଇଁ ମା'ଙ୍କ ଶରଣାପନ୍ନ ହେଲେ, ମା' ବାଧ୍ୟ ହୋଇ ସେହିଠାରେ ରହିବା ପାଇଁ ଅନୁମତି ଦେଲେ । କ୍ରମେ ତାହା ଆଶ୍ରମ ଅତିଥିଶାଳାରେ ପରିଣତ ହୋଇଗଲା । ମାତ୍ର ମା' କହିଛନ୍ତି, ''ଗୋଲକୁଣ୍ଡ ଏକ ଅତିଥିଶାଳା ନୁହେଁ । ଏହା ଏକ ସାମୂହିକ ବିଶ୍ରାମସ୍ଥଳୀ, ଯାହାର ବାସିନ୍ଦା ଏଇ ସୁନ୍ଦର ପରିବେଷ୍ଟନୀ ମଧ୍ୟରେ ଧ୍ୟାନ ଧାରଣା ସହ ସାଧନା କରିପାରିବେ । ଏହାର କକ୍ଷସବୁ ଖୁବ୍ ସୁନ୍ଦର ଏବଂ ସାଧନା ନିମିତ୍ତ ଜଞ୍ଜାଳ ମୁକ୍ତ କରିବା ଉଦ୍ଦେଶ୍ୟରେ ଏମିତିକି ସେମାନଙ୍କର ନିତି ଦିନର ଛୋଟ ଛୋଟ କାମସବୁ ମଧ୍ୟ କରି ଦିଆଯାଉଥିଲା । ପୁରାତନ ଯୁଗରେ ଋଷିମାନେ ପାହାଡ଼ ପର୍ବତରେ ବାସ କରୁଥିଲେ ଏବଂ ତାଙ୍କର ଶିଷ୍ୟମାନେ ସେହି ପର୍ବତର ଗୁମ୍ଫାରେ ରହୁଥିଲେ । ଶ୍ରୀଅରବିନ୍ଦଙ୍କ ପ୍ରବର୍ତ୍ତିତ ପୂର୍ଣ୍ଣାଙ୍ଗ ଯୋଗ ସାଧନା ନିମନ୍ତେ ଗୋଲକୁଣ୍ଡ ହେଉଛି ଆଧୁନିକ ଯୁଗର ଅନୁରୂପ ଗୁମ୍ଫା ।

ଗୋଲକୁଣ୍ଡର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହେବାପରେ ମା' ସେହି ଅତିଥିଶାଳାର ପରିଚାଳନା ଦାୟିତ୍ୱ ମୋନାଙ୍କୁ ପ୍ରଦାନ କରିଥିଲେ ଏବଂ ସେ ତାଙ୍କର ଶେଷ ଜୀବନ ପର୍ଯ୍ୟନ୍ତ ସେହି କାର୍ଯ୍ୟଟି ଚାଲୁ ରଖିଥିଲେ ।

(କ୍ରମଶଃ)

(*ଉଦାରଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ*) ❑

**ଉଦାରଙ୍କ ଜନ୍ମ ଶତବାର୍ଷିକ ଉପଲକ୍ଷେ**

# ଶ୍ରୁତି ଓ ସ୍ମୃତି

## (୨)



## ଶ୍ରୀ ସନ୍ତୋଷ କୁମାର ରଥ



ଅତୀତ ଏକ ବିଗତ ବର୍ତ୍ତମାନ ବ୍ୟତୀତ ଭିନ୍ନ କିଛି ନୁହେଁ । ତାହାର ସ୍ୱରୂପ ଓ ସ୍ଥିତି ଦେଶ ଓ କାଳ ମଧ୍ୟରେ ପୂର୍ବବତ୍ ସୁନିର୍ଦ୍ଦିଷ୍ଟ ଓ ବ୍ୟବସ୍ଥିତ । ସେହି ଭିତ୍ତି ଉପରେ ବର୍ତ୍ତମାନ ପୁଣି ରୂପ ନିଏ, ବିବର୍ତ୍ତିତ ହୁଏ ଭବିଷ୍ୟତର ଉତ୍ତୋରଣ ପାଇଁ । ମଣିଷର ଜନ୍ମ ଓ ମୃତ୍ୟୁର ଘୂର୍ଣ୍ଣନ ଏହି ଦୋଳନରେ ବନ୍ଧା । ତା'ର ପ୍ରତିଟି ଜୀବନ ଅତୀତର ଗୋଟିଏ ଗୋଟିଏ ମାଇଲଖୁଣ୍ଟ । ଅତୀତର ସେଇ ସ୍ମୃତିକୁ ସ୍ତୂପୀକୃତ କଲାବେଳେ ମନେପଡ଼େ ଶ୍ରୀଅରବିନ୍ଦଙ୍କ ସାବିତ୍ରୀର ପଂକ୍ତିଟିଏ :

An episode in an unremembered tale,
Its beginning lost, its motive and
plot concealed,
A once living story has
prepared and made
Our present fate, child of past energies.
(*Savitri,* p. - 12)

ଅର୍ଥାତ୍ ଆମର ବର୍ତ୍ତମାନ ଜୀବନ ଏକ ବିସ୍ମୃତ କାହାଣୀର ଘଟଣାକ୍ରମ, ତା'ର ଆରମ୍ଭ ଆମ ସମ୍ମୁଖରେ ଲୁପ୍ତ ଏବଂ ତା'ର ଉଦ୍ଦେଶ୍ୟ ଓ ବିଷୟ ବସ୍ତୁ ଗୁପ୍ତ ଏବଂ ଦିନେ ଯାହା ଜୀବନ୍ତ କାହାଣୀ ଥିଲା ତାହା ଆମ ବର୍ତ୍ତମାନ ନିୟତିକୁ ଅତୀତ ଜୀବନର ସଂସ୍କାରରାଜିର ସନ୍ତାନଭାବେ ଗଢ଼ି ତୋଳିଛି ।

ପୁନର୍ଜନ୍ମ ଉପରେ ଆସ୍ଥା ରହିଥିଲେ ବି ଜଣେ ସାଧାରଣ ମଣିଷ ପକ୍ଷରେ ତା'ର ଅତୀତ ଜନ୍ମର ରହସ୍ୟ ଉଦ୍‌ଘାଟନ କରିବା ସହଜସାଧ୍ୟ ନୁହେଁ । କଥାଟା ସତ, ମାତ୍ର ଉଦାର ଏକ ବ୍ୟତିକ୍ରମ । ତାଙ୍କ ଜନ୍ମଜନ୍ମାନ୍ତରର ରହସ୍ୟ ସମ୍ୱନ୍ଧେ ଜାଣିଲେ ମନେ ହୁଏ ତାହା ଯେମିତି ଉପରୋକ୍ତ ପଂକ୍ତିଟିର ନିହିତ ସତ୍ୟର ଏକ ସଫଳ ଦୃଷ୍ଟାନ୍ତ ।

୧୯୩୭ ମସିହାରେ ଶ୍ରୀଅରବିନ୍ଦ ଓ ମା'ଙ୍କର ପ୍ରଥମ ସାନ୍ନିଧ ଲାଭ କରିବା ପରେ ଉଦାର (ସେତେବେଳର ନାମ ଲରେନ୍ସ୍ ମାର୍ଶାଲ ପିଣ୍ଟୋ) ଉତ୍ସର୍ଗୀ ଦେଲେ ନିଜକୁ, ଯୋଗ ଦେଲେ ଆଶ୍ରମର ଅନ୍ତେବାସୀ ରୂପେ । କ୍ରମେ ସେ ନିଜର କର୍ତ୍ତବ୍ୟ ନିଷ୍ଠା ଓ ନିବେଦିତ କର୍ମ ମାଧ୍ୟମରେ ମା'ଙ୍କର ଅତି ନିକଟ ସାହଚର୍ଯ୍ୟ ଲାଭ କରିବାର ସାମର୍ଥ୍ୟ ଅର୍ଜନ କଲେ । ମା'ଙ୍କର ଆଦେଶ, ଉପଦେଶ ଓ ନିର୍ଦ୍ଦେଶକୁ ମାନିନେବାହିଁ ଥିଲା ତାଙ୍କ ଜୀବନର ଏକମାତ୍ର ବ୍ରତ । ଉଦାର ଏଭଳି ଅହେତୁକ ସୌଭାଗ୍ୟ କେବଳ ଏଇ ଜନ୍ମରେ ପାଇଥିଲେ ତାହା ନୁହେଁ, ଜନ୍ମଜନ୍ମାନ୍ତରରୁ ସେ ଯେ ଏହି ସୌଭାଗ୍ୟର ଅଧିକାରୀ । ତାହାର ପ୍ରମାଣ ମିଳିଥିଲା ମା'ଙ୍କଠାରୁ ।

ଥରେ ସେ ଦିଲ୍ଲୀ ଯାଇଥିଲେ । ସେଠାରେ ସେ ଏଭଳି ଜଣେ ମହାତ୍ମାଙ୍କ ସନ୍ଧାନ ପାଇଲେ ଯିଏକି ପୂର୍ବଜନ୍ମର ବୃତ୍ତାନ୍ତ ସ୍ପଷ୍ଟ ରୂପେ କହିଦେଇ ପାରୁଥିଲେ । ଉଦାର ଏକଥା ଶୁଣି ନିଜ ସମ୍ୱନ୍ଧରେ ଜାଣିବା ପାଇଁ ଖୁବ୍ ଆଗ୍ରହୀ ହୋଇ ଉଠିଲେ । ଏବଂ ନିଜର ଉତ୍କଣ୍ଠା ତାଙ୍କ ଆଗରେ ପ୍ରକାଶ କରିବାରୁ ସେ ଅବଶ୍ୟ ସହମତ ହେଲେ । ଏକ ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ ହେଲା । ଏବଂ ଉଭୟ ଧ୍ୟାନସ୍ଥ ହେଲେ । ଗଭୀର ଧ୍ୟାନାବେଶରେ ଉଦାର ସେ-ଦିନ ଏକ ଅଭିନବ ଅନୁଭୂତି ଅର୍ଜନ କଲେ । ଅତୀତର ଜନ୍ମକୁ ରାହା କରି ସେ ସ୍ତର ପରେ ସ୍ତର ଅତିକ୍ରମ କରିଚାଲିଲେ ଏବଂ ତାଙ୍କର ବୋଧ ହେଲା ଯେ କାଳର ଗତି ଧାରାରେ ସେ ଶ୍ରୀଅରବିନ୍ଦ ଓ ମା'ଙ୍କ ସହିତ ଜନ୍ମ ନେଇ ଚାଲିଛନ୍ତି କାହିଁ କେଉଁ ଯୁଗରୁ । ଏମିତିକି ସୃଷ୍ଟିର ଆରମ୍ଭରେ ଯେତେବେଳେ ପ୍ରାଣର ସଂଚାର ମଧ୍ୟ ହୋଇ ନ ଥିଲା, କେବଳ ଥିଲା ପଥର ଓ ବାଲି ଚରାଭୂମି ସେତେବେଳେ ମଧ୍ୟ ସେ ତାଙ୍କରି ସହିତ ଥିଲେ । ଆଶ୍ରମକୁ ଫେରି ଆସିବା ପରେ ସେ ଯେତେବେଳେ ତାଙ୍କର ସେହି ରହସ୍ୟପୂର୍ଣ୍ଣ ଅଭିଜ୍ଞତାଟିକୁ ମା'ଙ୍କ ସମ୍ମୁଖରେ ବର୍ଣ୍ଣନା କଲେ ମା' ସଙ୍ଗେ ସଙ୍ଗେ ତାହା ସତ୍ୟ ବୋଲି ଅନୁମୋଦନ କଲେ ।

ପୁଣିଥରେ ଅନୁରୂପ ପ୍ରମାଣ ମିଳିଥିଲା ୧୯୬୬ ମସିହାରେ ଭିନ୍ନ ଏକ ଘଟଣାରୁ । ସେହି ବର୍ଷ Ist December କାର୍ଯ୍ୟକ୍ରମରେ ଆଶ୍ରମ ଥିଏଟର ହଲ୍‌ରେ ଶ୍ରୀଅରବିନ୍ଦଙ୍କ ଲିଖିତ 'Perseus the Deliverer' ନାଟକଟି ମଞ୍ଚସ୍ଥ ହୋଇଥିଲା । ଉଦାର ତହିଁରେ ଆଣ୍ଡ୍ରୋମେଡ଼ାର ପିତା ରାଜା ସିଫିୟସ୍‌ଙ୍କ ଭୂମିକାରେ ଅଭିନୟ କରିଥିଲେ । ଶିଖିବା ସମୟରେ

ରାଜକୀୟ ଢଙ୍ଗରେ ତାଙ୍କର ସଂଳାପ ଓ ଅଭିନୟର ଶୈଳୀ ଯେମିତି ନିର୍ଦ୍ଦୋଷ ସେମିତି ବାସ୍ତବ ମନେ ହେଉଥିଲା । ବିଶେଷ କରି ଚମକପ୍ରଦ ପୋଷାକ ପ୍ରଦାନ କରୁଥିଲା ତାଙ୍କୁ ଏକ ପାରମ୍ପରିକ ଆଭିଜାତ୍ୟ । ନାଟକଟି ମଞ୍ଚସ୍ଥ ହେବା ପୂର୍ବରୁ ଦିନେ ସମସ୍ତ କଳାକାର ନିଜ ନିଜର ନାଟକୀୟ ପୋଷାକ ପରିଧାନ କରି ମା'ଙ୍କ ନିକଟକୁ ଗଲେ; ଉଦ୍ଦେଶ୍ୟ ଥିଲା ପୋଷାକ ପରିପାଟୀ ଚରିତ୍ରଧର୍ମୀ ହୋଇଛି କି ନାହିଁ ସେଥିନିମନ୍ତେ ମା'ଙ୍କ ଅନୁମୋଦନ ଲାଭ କରିବା । ଉଦାରଙ୍କ ଉପରେ ଆଖି ପଡ଼ିଯିବାରୁ ମା' ହଠାତ୍ କହି ପକାଇଲେ, ''ଓଃ ! ତୋର ଏହି ରାଜକୀୟ ପୋଷାକ ଦେଖି ମୋର ଏବେ ମନେ ପଡୁଛି, ଗୋଟାଏ ଜନ୍ମରେ ଆମେ ଦୁହେଁ ଏମିତି ଏକାଠି ଥିଲେ । ସେତେବେଳେ ତୁ ରୋମର ସମ୍ରାଟ ଥିଲୁ ।'' ମା'ଙ୍କର କଥା ଶୁଣି ଉଦାରଙ୍କର ସର୍ବାଙ୍ଗ ଶରୀରରେ ଖେଳିଗଲା ବିଦ୍ୟୁତ୍‌ର ଏକ ଶିହରଣ । ମା' ଆଉ ବିଶେଷ କିଛି ନ କହି ଚୁପ୍ ହୋଇଗଲେ । ଉଦାର ଜାଣିବା ପାଇଁ ଇଚ୍ଛୁକ ଥିଲେ ବି ପଚାରି ପାରିଲେ ନାହିଁ, ଘଟଣା ଭିନ୍ନ ମୋଡ଼ ନେଲା ।

ଉଦାର ଆଶ୍ରମରେ ଯୋଗଦେବା ବର୍ଷ ଗୋଲକୁଣ୍ଡର ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା । ମା' ସେହି କାର୍ଯ୍ୟରେ ସହଯୋଗ କରିବା ପାଇଁ ଉଦାରଙ୍କୁ ନିର୍ଦ୍ଦେଶ ଦେଲେ । ତାହାର ନିର୍ମାଣ ଶୈଳୀ ଏତେ ଭିନ୍ନ ଧର୍ମୀ ଓ ଉଚ୍ଚମାନର ଥିଲା ଯେ ସେଥିନିମନ୍ତେ ଆବଶ୍ୟକ ସରଞ୍ଜାମ ସବୁ ତଦନୁଯାୟୀ ନିର୍ମିତ ହେବାର ସ୍ଥିର କରାଗଲା । ମାତ୍ର ପ୍ରଧାନ ପ୍ରତିବନ୍ଧକ ହେଲା ଉପଯୁକ୍ତ କାରଖାନା ବା ନିର୍ମାଣଶାଳା ଲାଗି ସ୍ଥାନର ଅଭାବ । ସେତେବେଳେ ଆଶ୍ରମ ପରିସର ମଧ୍ୟରେ Atelier ଥିଲା ଏବଂ ସେହିଠାରେ 'ପବିତ୍ର ଦା' ଛୋଟ ଛୋଟ ଇଞ୍ଜିନିୟରିଂ କାମସବୁ କରୁଥିଲେ । କିନ୍ତୁ ସେଠାରେ ଏସବୁ କରିବା ସମ୍ଭବପର ନ ଥିଲା । ଯୋଗକୁ ଗୋଲକୁଣ୍ଡର ଅତି ନିକଟରେ ଓ ଆଶ୍ରମ ପାଖାପାଖି ଅତି ପୁରାତନ ଓ ଜୀର୍ଣ୍ଣ ଘର କେଇ ବଖରା ଥାଇ ଜାଗାଟିଏ ବିକ୍ରି ହେବାର ଖବର ମିଳିଲା, ଯାହାକି ଉଦାରଙ୍କର କାରଖାନା ପାଇଁ ଉପଯୁକ୍ତ ସ୍ଥାନ । ପ୍ରସ୍ତାବଟି ପାଇବା ପରେ ମା' କିଣିବା ପାଇଁ ରାଜି ହୋଇଗଲେ । ଜାଗାଟିର ମାଲିକ ଥିଲେ ଜଣେ ବିତ୍ତଶାଳୀ ମାତ୍ର ଅତ୍ୟନ୍ତ ଲୋଭାତୁର ବ୍ୟକ୍ତି । ସେ ଏହି ମଉକାରେ ଜାଗାଟିର ଦର ଅସମ୍ଭବ ପ୍ରକାର ବୃଦ୍ଧି କରିଦେଲେ, ପୂରାପୂରି ଆକାଶ ଛୁଆଁ । ଶେଷରେ ମା' କିନ୍ତୁ ତା'ର ଜୁଲମ୍ ରକ୍ଷା କଲେ ଏବଂ କିଣା ହେବା ପରେ ଜାଗାଟିର ନାମ ଦେଲେ 'ହରପାଗନ୍' । ଫରାସୀ ସାହିତ୍ୟରେ 'ମୋଲିଏର୍'ଙ୍କ ଲିଖିତ 'ଲଭର୍' ନାଟକରେ ହରପାଗନ୍ ହେଉଛି ଏକ ସୁପରିଚିତ ଚରିତ୍ର ଯାହାର ଅର୍ଥ କୃପଣ । ଉଦାର ସେହିଠାରେ (3 & 5 Rue Dupuy) ହରପାଗନ୍ ୱାର୍କ୍‌ସପ୍ ଆରମ୍ଭ କଲେ । ତାଙ୍କରି ପ୍ରଚେଷ୍ଟାରେ ପରବର୍ତ୍ତୀ କାଳରେ ଅର୍ଥାତ୍ ୧୯୬୭ ମସିହାର ଡିସେମ୍ବର ୧୮ ତାରିଖରେ ଆଶ୍ରମର ସମସ୍ତ ବ୍ୟବସାୟିକ ବିଭାଗମାନଙ୍କୁ ନେଇ ଏକ ନୂତନ ଟ୍ରଷ୍ଟ ଗଠନ କରାଯାଇଥିଲା, ଯାହାର ନାମ ରଖା ଯାଇଥିଲା ଶ୍ରୀଅରବିନ୍ଦ ଆଶ୍ରମ ହରପାଗନ୍ ୱାର୍କ୍‌ସପ୍ ଟ୍ରଷ୍ଟ । ୧୯୯୫ ମସିହା ଅକ୍ଟୋବର ପହିଲାଠାରୁ ସେହି ଟ୍ରଷ୍ଟର ନାମ ହୋଇଛି ଶ୍ରୀଅରବିନ୍ଦ ଉଦ୍ୟୋଗ ଟ୍ରଷ୍ଟ । ଜୀବନର ଶେଷ ଅବଧି ପର୍ଯ୍ୟନ୍ତ ଉଦାର ତାହାର ଟ୍ରଷ୍ଟି ରୂପେ କାର୍ଯ୍ୟ ତୁଲାଇଥିଲେ ।

ମା' ଦେଇଥିବା ପୁରୁଣା ପିତଳ ବାସନକୁସନକୁ ତଳାଇ କରି ସେଥିରୁ ବିଭିନ୍ନ କିସମର ସ୍କ୍ରୁ ଓ ନଟ୍‌ବୋଲ୍‌ଟ୍ ତିଆରି କରିବା କାମ ଉଦାର ନବଗଠିତ ହରପାଗନ୍ ୱାର୍କ୍‌ସପ୍‌ରେ ଆରମ୍ଭ କରିଦେଲେ । ମା'ଙ୍କର କଡ଼ା ନିର୍ଦ୍ଦେଶ ଥାଏ – ଗୋଲକୁଣ୍ଡ ପାଇଁ ସ୍ଥପତିମାନଙ୍କର ନମୁନାଠାରୁ ମାପରେ କିଂବା ଆକୃତିରେ ଯେମିତି କୌଣସି ଜିନିଷ ସୂତେ ଏପଟ ସେପଟ ନ ହୁଏ । ଉଦାର ମଧ୍ୟ ସେଥିପ୍ରତି ଖୁବ୍ ସଚେତନ ରହୁଥିଲେ । ଦିନକୁ ପ୍ରାୟ ଅଠର ଘଣ୍ଟା ପରିଶ୍ରମ କରି ସେ ସେସବୁ ତିଆରି କରିବାରେ ଲାଗି ପଡ଼ିଲେ । ଥରେ ଗୋଟିଏ ନିର୍ଦ୍ଦିଷ୍ଟ ପ୍ରକାରର ବୋଲ୍‌ଟ ତିଆରି କରିବା ପାଇଁ ଉଦାର ସ୍ଥପତିଙ୍କଠାରୁ ଏକ ସୁନ୍ଦର ନକ୍‌ସା ପାଇଲେ । ସେତେବେଳେ ସେ ୫ କିଂବା ୬ ସେଣ୍ଟିମିଟର୍‌ର ବୋଲ୍‌ଟ୍ ତିଆରି କରୁଥିଲେଏବଂ ତାହା ଏକ ସାଧାରଣ ମାପ । ମାତ୍ର ସେହି ନୂତନ ବୋଲ୍‌ଟର ମାପ ଥିଲା ସାଢ଼େ ପାଞ୍ଚ ସେଣ୍ଟିମିଟର୍ । ଉଦାରଙ୍କ ମୁଣ୍ଡରେ ଚଡ଼କ ପଡ଼ିଲା । କେଉଁଠାରୁ ସେ ଏଭଳି ଏକ ଅସ୍ୱାଭାବିକ ମାପର ବୋଲ୍‌ଟ ପାଇଁ ଛାଞ୍ଚ ତିଆରି କରିବେ । ମା'ଙ୍କ ନିର୍ଦ୍ଦେଶ କଥା ମନେ ପକାଇ ସେ କୌଣସି ପ୍ରକାର ସାଲିସ୍ ମନୋବୃତ୍ତି ଗ୍ରହଣ ନ କରିବା ପାଇଁ ନିଜକୁ ପ୍ରସ୍ତୁତ କଲେ । ଶେଷରେ ପବିତ୍ରଦା'ଙ୍କ ସହାୟତାରେ ସେ ନିଜେ ତାହା ପାଇଁ ଏକ ସ୍ୱତନ୍ତ୍ର ମାପର ଛାଞ୍ଚ ତିଆରି କରିବାରେ ସଫଳକାମ ହେଲେ ଏବଂ ଆବଶ୍ୟକ ସଂଖ୍ୟକ ବୋଲ୍‌ଟ ଠିକ୍ ସମୟରେ ଯୋଗାଇ ଦେଇ ପାରିଲେ । ଭଗବତ୍ ନିବେଦିତ ମନୋଭାବର ଏହା ଏକ ଜ୍ୱଳନ୍ତ ନମୁନା ।

ହରପାଗନ୍ ୱାର୍କ୍‌ସପ୍‌ରେ ଏଭଳି ଜିନିଷସବୁର ପ୍ରସ୍ତୁତି

ନିମନ୍ତେ କେତେକ ସ୍ୱତନ୍ତ୍ର ଧରଣର ଯନ୍ତ୍ରପାତି ଖରିଦ କରିବା ଏକାନ୍ତ ଆବଶ୍ୟକ ହୋଇପଡ଼ିଲା । ମାତ୍ର ଉଦାର ସେତେବେଳକୁ ତାଙ୍କ ଲବ୍ଧ ସମସ୍ତ ଅର୍ଥ ମା'ଙ୍କ ଚରଣରେ ଅର୍ପଣ କରି ଦେଇ ସାରିଥା'ନ୍ତି । ତେଣୁ ସେ ଏଥିନିମନ୍ତେ ଆବଶ୍ୟକ ଅର୍ଥ ମା'ଙ୍କୁ ମାଗିଲେ । ମା' ସଙ୍ଗେ ସଙ୍ଗେ ତାଙ୍କ କୋଠରିରୁ ଟଙ୍କାଟିଏ ଆଣି ବଢ଼ାଇ ଦେଲେ ଉଦାରଙ୍କୁ ଏବଂ ହସି କରି କହିଲେ, ''ଏଇ ନିଅ ତୁମର ଅର୍ଥ ।'' ତାହାହିଁ ଥିଲା ଉଦାରଙ୍କ ପାଇଁ ଏକ ଚାଲେଞ୍ଜ୍ : ବିନ୍ଦୁରୁ ସିନ୍ଧୁ ପ୍ରାପ୍ତ-ହେବାର ଅପୂର୍ବ ସୁଯୋଗ । ପରେ ପରେ ମେସିନ୍ କିଣିବା ପାଇଁ ମା' ପ୍ରତି ମାସରେ ଦୁଇ ଶହ ଟଙ୍କା ଭତ୍ତା ଆକାରରେ ଦେବାର ବ୍ୟବସ୍ଥା କରି ଦେଇଥିଲେ । ଫଳରେ ୱାର୍କସପ୍‌ର କଳେବର କ୍ରମଶଃ ବୃଦ୍ଧି ପାଇବାରେ ଲାଗିଲା । ସେହିଠାରେ ଆଶ୍ରମର ପ୍ଲେ-ଗ୍ରାଉଣ୍ଡ, ଟେନିସ୍ ଗ୍ରାଉଣ୍ଡ୍ ଓ ସ୍ପୋର୍ଟସ୍ ଗ୍ରାଉଣ୍ଡ୍ ନିମନ୍ତେ ଆବଶ୍ୟକ ସମସ୍ତ ଖେଳ ଉପକରଣ ପ୍ରସ୍ତୁତ ହେଲା । ତତ୍‌ସହିତ ଅନ୍ୟାନ୍ୟ ବିଭାଗର କମାରକାମ, ବଢ଼େଇକାମ, ଢଳେଇ କାମ, ପଥର କାମ ଓ ଅନ୍ତେବାସୀମାନଙ୍କର ସାଇକେଲ ମରାମତି ମଧ୍ୟ ଆରମ୍ଭ ହେଲା । ଉଦାର ଜଣେ ଉଚ୍ଚଯୋଗ୍ୟତା-ସମ୍ପନ୍ନ ଇଂଜିନିୟର୍ ରୂପେ କେବଳ ଏସବୁର ତଦାରଖ କରୁ ନ ଥିଲେ, ୱାର୍କସପ୍‌ରେ ଅନ୍ୟାନ୍ୟ ସହକର୍ମୀଙ୍କ ସହ ମିଶି ସେ ନିଜେ ଏସବୁ ତିଆରି କରୁଥିଲେ । ତାଙ୍କୁ କାର୍ଯ୍ୟରେ ସହଯୋଗ କରିବା ପାଇଁ 'ପାଣୁଦା' ଯୋଗ ଦେଲେ । ସେ ଦିନରାତି ଉଦାରଙ୍କ ସହ କାମ କରୁଥିଲେ ଏବଂ ତାଙ୍କରିଠାରୁ ବୈଷୟିକ ଜ୍ଞାନ ଅର୍ଜନ କରି ପରେ ୱାର୍କସପ୍ ପରିଚାଳନାର ଦାୟିତ୍ୱ ଗ୍ରହଣ କରିଥିଲେ ।

ଯେହେତୁ ଉଦାର ବାହାର ଦୁନିଆରେ ବେଶ୍ କେତେ ବର୍ଷ କଟାଇ ଆସିଥିଲେ, ତେଣୁ ତାଙ୍କର ବ୍ୟବସାୟ ଓ ବାଣିଜ୍ୟଗତ ଜ୍ଞାନ ଅନ୍ୟମାନଙ୍କ ତୁଳନାରେ ଯଥେଷ୍ଟ ଅଧିକ ଥିଲା । ଏମିତିକି କେଉଁ ଜିନିଷସବୁ ବିଦେଶରୁ ଆମଦାନି କରାଯାଇ ପାରିବ ଏବଂ ସେସବୁ ନିମନ୍ତେ ଧାର୍ଯ୍ୟ ଥିବା ସରକାରୀ ନିୟନ୍ତ୍ରଣ ଓ ଶୁଳ୍କ ବିଷୟରେ ସେ ସଠିକ ପରାମର୍ଶ ଦେଇ ପାରୁଥିଲେ । ମା' ଏକଥା ଜାଣିପାରି ଆଶ୍ରମର ଓ ଅନ୍ୟାନ୍ୟ ବିଭାଗର ବ୍ୟୟବହୁଳ ଜିନିଷସବୁ କ୍ରୟ କରିବାର ଦାୟିତ୍ୱ ତାଙ୍କରି ଉପରେ ନ୍ୟସ୍ତ କଲେ । ଫଳରେ ଉଦାରଙ୍କ ତତ୍ତ୍ୱାବଧାନରେ ପର୍‌ଚେଜିଙ୍ଗ୍ ଡିପାର୍ଟମେଣ୍ଟ (Purchasing Department) ନାମରେ ଆଉ ଗୋଟିଏ ବିଭାଗ ଖୋଲାଗଲା ଏବଂ ତାହା ବହୁ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ଥିଲା । ଉଲ୍‌ଫି ଓ ଲିଲୋ ତାଙ୍କୁ ଏହି କାର୍ଯ୍ୟରେ ସହଯୋଗ କରୁଥିଲେ । ଉଦାରଙ୍କର ଦକ୍ଷତାରେ ମା' ଏତେ ବେଶୀ ପ୍ରୀତ ଥିଲେ ଯେ କେହି କିଛି ନୂତନ ସମସ୍ୟା ନେଇ ଆସିଲେ ମା' ପ୍ରଥମେ ଉଦାରଙ୍କ ନିକଟକୁ ପଠାଇ ଦେଉଥିଲେ ଏବଂ ଉଦାର ମା'ଙ୍କ ସହିତ ପରାମର୍ଶ କରି ବିହିତ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରୁଥିଲେ ।

ଥରେ ସିମେଣ୍ଟ ଅଭାବରୁ ଆଶ୍ରମର ନିର୍ମାଣକାର୍ଯ୍ୟ ପ୍ରାୟ ଅଚଳ ହୋଇଯିବାକୁ ବସିଲା । ଉଦାର ଡିଲରମାନଙ୍କଠାରୁ ବିଫଳ ମନୋରଥ ହୋଇ ଫେରିବା ପରେ ମା'ଙ୍କ ନିକଟରେ ସମସ୍ୟାଟି ଉପସ୍ଥାପନ କଲେ । ''ଠିକ୍ ଅଛି ମୁଁ ଦେଖିବି'' – ଏତିକି କହି ମା' ନୀରବ ରହିଲେ । ଅଳ୍ପ ଦିନ ଭିତରେ ସିମେଣ୍ଟ ଆସିବା ଆରମ୍ଭ ହୋଇଗଲା, ସତେ ଯେମିତି ବନ୍ୟାର ସ୍ରୋତ । ଆଶ୍ରମର ସବୁ ଗୋଦାମ ଭର୍ତ୍ତି ହୋଇଗଲା । ''ସମ ଅନୁପାତରେ ସିମେଣ୍ଟ ଖର୍ଚ୍ଚ କରିବା ସମ୍ଭବ ନୁହେଁ । ଆମର ଆଉ ସିମେଣ୍ଟ ଦରକାର ନାହିଁ'' – ବିଭାଗୀୟ କର୍ତ୍ତାମାନେ ଉଦାରଙ୍କୁ ଜଣାଇଦେଲେ । ଉଦାର ମା'ଙ୍କୁ ଏ ବିଷୟରେ କିଛି ନ ଜଣାଇ ବିହିତ ପଦକ୍ଷେପ ଗ୍ରହଣ କଲେ । ସିମେଣ୍ଟ ଆସିବା ବନ୍ଦ ହୋଇଗଲା ସତ, ମାତ୍ର ଦୀର୍ଘ ଦିନ ଧରି ବନ୍ଦ ହୋଇଗଲା । ଗଚ୍ଛିତ ସିମେଣ୍ଟ ଶେଷ ହେବା ପୂର୍ବରୁ ଶତ ଚେଷ୍ଟା କଲେ ମଧ୍ୟ ବଜାରରେ ଆଉ ସିମେଣ୍ଟ ମିଳିଲା ନାହିଁ । ଶେଷକୁ ସବୁ ଗୋଦାମ ଖାଲି, କାମ ବନ୍ଦ ରହିଲା । ମନେହେଲା ସମସ୍ୟାଟି ପୂର୍ବ ଅପେକ୍ଷା ଆହୁରି ଗୁରୁତର । ଉଦାର ନିଜର ଅପରିଣାମଦର୍ଶିତାକୁ ମା'ଙ୍କ ନିକଟରେ ସ୍ୱୀକାର କରିନେଲେ ଏବଂ ପୁନର୍ବାର କୃପା ପାଇଁ ଅନୁରୋଧ ଜଣାଇଲେ । ମା' କହିଲେ – ''ଯେତେବେଳେ ଆମେ ଦିବ୍ୟ ସହାୟତା ଚାହିଁ ଥାଉ ସେତେବେଳେ ତାହା ଯେଉଁ ପରିମାଣରେ ଆସୁ ନା କାହିଁକି ଗ୍ରହଣ କରିବା ନିମନ୍ତେ ଆମକୁ ପ୍ରସ୍ତୁତ ରହିବାକୁ ପଡ଼ିବ । ଯଦି ସିମେଣ୍ଟ ଆସିବା ପରିମାଣ ବଢ଼ିଗଲା ତେବେ ତାହାକୁ ଉପଯୋଗ କରିବାର ସାମର୍ଥ୍ୟକୁ ବୃଦ୍ଧି କରିବା ଆମର ଉଚିତ ଥିଲା । ତାହାକୁ ବନ୍ଦ କରିଦେବା ହେଉଛି ଦିବ୍ୟ ସହାୟତା ପ୍ରତି ଅବଜ୍ଞା ପ୍ରଦର୍ଶନ କରିବା । ଯାହା ଏକ ଅଣଆଧାତ୍ମିକ କାର୍ଯ୍ୟ ।'' ମା'ଙ୍କର ଏଭଳି ମୃଦୁ ଭର୍ତ୍ସନାରେ ଉଦାର ସେଦିନ ଉଚିତ ଶିକ୍ଷା ପାଇଥିଲେ ଏବଂ ତାହାର ପୁନରାବୃତ୍ତି ନ କରିବା ପାଇଁ ସଂକଳ୍ପବଦ୍ଧ ହେଲେ ।

ଆଉ ଦିନକର ଘଟଣା । ମା'ଙ୍କଠାରୁ ଗାଳି ଶୁଣିବାରୁ ଉଦାର ଅଳ୍ପକେ ବର୍ତ୍ତିଗଲେ । ସେଦିନ ପବିତ୍ରଙ୍କର ରେଡ଼ିଓ ସଫା

କରୁଥିଲା ବେଳେ ଗୋଟିଏ ଅସରପା ତାଙ୍କ ଉପରକୁ ଡେଇଁ ପଡ଼ିଲା । ସେ ସଙ୍ଗେ ସଙ୍ଗେ ତାକୁ ମାରିବା ପାଇଁ ପ୍ରସ୍ତୁତ ହୋଇଗଲେ । ''ନା, ନା, ତାକୁ ମାର ନାହିଁ । ତାକୁ ତଡ଼ିଦିଅ ।'' – ଉତ୍ତର ଦେଲେ ପବିତ୍ର । ଉଦାର ନୂଆ ହୋଇ ଆଶ୍ରମରେ ଯୋଗ ଦେଇଥିବାରୁ, ଅହିଂସା ନୀତି ବିଧେୟ ଭାବି କଥାଟିକୁ ମାନିନେଲେ । ମାତ୍ର ପରେ ଏହା ମା'ଙ୍କୁ ଜଣାଇଲେ ଏବଂ ସେସ୍ଥଳରେ ତାଙ୍କର କ'ଣ କର୍ତ୍ତବ୍ୟ ଥିଲା ତାହା ଜାଣିବାକୁ ଚାହିଁଲେ । ମା' ବଡ଼ ଦୃଢ଼ ଭାବରେ କହିଲେ, ''ତୁମେ ତାକୁ ମାରିଦେବା ଉଚିତ ଥିଲା । ପବିତ୍ର ଭାରି ଭାବପ୍ରବଣ ବ୍ୟକ୍ତି । କଥାଟି ହେଉଛି : ଦୁଇଟି ଶକ୍ତି ରହିଛି, ଗୋଟିଏ ସୃଷ୍ଟିର କ୍ରମବିକାଶରେ ସାହାଯ୍ୟ କରେ ଅନ୍ୟଟି ତାହାର ବିପରୀତ ଅର୍ଥାତ୍ ବିରୋଧ କରେ । ଅସରପା ହେଉଛି ଦ୍ୱିତୀୟ ଗୋଷ୍ଠୀର କୀଟ । ତେଣୁ ତାକୁ ବିନା ଦ୍ୱିଧାରେ ଧ୍ୱଂସ କରିବା ଉଚିତ । ମାତ୍ର ମହୁମାଛି ପରି ବହୁ କୀଟପତଙ୍ଗ ଅଛନ୍ତି ସେମାନେ ସୃଷ୍ଟିର ପ୍ରଗତିରେ ସହାୟତା କରନ୍ତି । ତେଣୁ ସେମାନଙ୍କୁ ମାରିବା ଦରକାର ନାହିଁ ।''

ଉଦାର ଅବଶ୍ୟ ନିଜକୁ ଦୋଷୀ ମଣିଲେ ଏଇଥିପାଇଁ ଯେ ବିଚରା ଅସରପାଟା ସେଦିନ ତାଙ୍କ ହାତରୁ ବର୍ତ୍ତି ଯାଇଥିଲା ।

(Mother India ପତ୍ରିକାରେ ପ୍ରକାଶିତ
Udar Remembers ରୁ କିଛି ତଥ୍ୟ ସଂଗୃହୀତ)

❑❑❑

**ଉଦାରଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ :**

# ଶ୍ରୁତି ଓ ସ୍ମୃତି

## (୩)

**ଶ୍ରୀ ସନ୍ତୋଷ କୁମାର ରଥ**

ଶ୍ରୀଅରବିନ୍ଦ ଆଶ୍ରମର ଇତିବୃତ୍ତି ପର୍ଯ୍ୟାଲୋଚନା କଲେ ଏହା ସ୍ପଷ୍ଟ ଯେ ଆଶ୍ରମ ଗଠନ ଲାଗି କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ କିଂବା ଯୋଜନା ଶ୍ରୀଅରବିନ୍ଦଙ୍କର ନ ଥିଲା । ନିଜ ଆନ୍ତର ଆହ୍ବାନକୁ ଆଦେଶ ରୂପେ ଗ୍ରହଣ କରି ଶ୍ରୀଅରବିନ୍ଦ ୧୯୧୦ ମସିହାରେ ଚନ୍ଦନନଗରରୁ ପଣ୍ଡିଚେରୀ ଆସିଥିଲେ । ସେତେବେଳେ ସଙ୍ଗରେ ଥିଲେ ଅଳ୍ପ କେଇଜଣ ମାତ୍ର ସହଯୋଗୀ । କ୍ରମେ ତାଙ୍କ ଆଧ୍ୟାତ୍ମିକ ମାର୍ଗ ପ୍ରତି ଆକୃଷ୍ଟ ହୋଇ ଅଭୀପ୍ସୁ ସାଧକମାନଙ୍କର ସଂଖ୍ୟା ବଢ଼ିବାକୁ ଲାଗିଲା ଏବଂ ସେମାନଙ୍କର ସାମୂହିକ ଜୀବନ ବ୍ୟବସ୍ଥାର ଆବଶ୍ୟକତା ବହୁତ ଜରୁରୀ ମନେ ହେଲା । ଠିକ୍ ସେତିକି ବେଳକୁ ଅର୍ଥାତ୍ ୧୯୨୦ ମସିହା ଏପ୍ରିଲ ୨୪ ତାରିଖରେ ମା ଫ୍ରାନ୍ସ ଓ ଜାପାନରେ ଅନେକ ଦିନ ରହିବା ପରେ ପଣ୍ଡିଚେରୀକୁ ସ୍ଥାୟିଭାବରେ ଫେରି ଆସିଲେ ଏବଂ ତାଙ୍କରି ତତ୍ତ୍ୱାବଧାନରେ ରୂପ ନେଲା ଆଶ୍ରମର କଳେବର । ୧୯୨୬ ମସିହା ନଭେମ୍ବର ୨୪ ତାରିଖ ଅଧିମାନସ ଅବତରଣ ପରଠାରୁ ଆଶ୍ରମ ପରିଚାଳନାର ସମସ୍ତ ଦାୟିତ୍ୱ ଶ୍ରୀଅରବିନ୍ଦ ମା'ଙ୍କ ଉପରେ ନ୍ୟସ୍ତ କରି ସାଧନା ନିମିତ୍ତ ଅନ୍ତରାଳରେ ଅବସ୍ଥାନ କଲେ । ସେହି ଦିନଟିକୁ ଆଶ୍ରମର ପ୍ରତିଷ୍ଠା ଦିବସ ବୋଲି ମଧ୍ୟ କୁହାଯାଏ ଏବଂ ପରବର୍ତ୍ତୀ କାଳରେ ଶ୍ରୀଅରବିନ୍ଦ ଏକଥା ପ୍ରକାଶ କରିଛନ୍ତି ଯେ ସାଧନା ଓ କର୍ମ ମା'ଙ୍କ ଆଗମନକୁ ସତେ ଯେମିତି ପ୍ରତୀକ୍ଷା କରି ରହିଥିଲା । ମା' ଦିନର ପ୍ରତିଟି କାର୍ଯ୍ୟ ଶ୍ରୀଅରବିନ୍ଦଙ୍କ ନିକଟରେ ଉପସ୍ଥାପନା କରୁଥିଲେ ଏବଂ ତାଙ୍କର ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରୁଥିଲେ । ଅର୍ଥାତ୍ ମା' ହେଲେ କାର୍ଯ୍ୟକାରିଣୀ ଶକ୍ତି ଆଉ ଶ୍ରୀଅରବିନ୍ଦ ହେଉଛନ୍ତି ସାକ୍ଷିପୁରୁଷ, ଅନୁମନ୍ତା । ସାବିତ୍ରୀରେ ଯେପରି ବର୍ଣ୍ଣନା ରହିଛି –

"A playmate in the mighty Mother's game,"
(*Savitri*, page - 60)

''ପରମ ପୁରୁଷ ହେଉଛନ୍ତି ଶକ୍ତିମୟୀ ବିଶ୍ୱଜନନୀଙ୍କର ଏକ ଲୀଳା ସହଚର ।''

କେବଳ ମାତ୍ର ଦର୍ଶନ ଦିନଗୁଡ଼ିକୁ ଛାଡ଼ିଦେଲେ ଶ୍ରୀଅରବିନ୍ଦ ଅଭ୍ୟନ୍ତରକୁ ଚାଲିଯିବା ପରଠାରୁ ଭକ୍ତ, ପରିଦର୍ଶକ ଏମିତିକି ଆଶ୍ରମର ଅନ୍ତେବାସୀମାନେ ମଧ୍ୟ ତାଙ୍କ ଦର୍ଶନ ଲାଭରୁ ବଞ୍ଚିତ ହେଲେ । ତାଙ୍କର କକ୍ଷହିଁ ଥିଲା ତାଙ୍କ ତପସ୍ୟାର ଗୁହା । ଥରେ ଜଣେ ସାଧକଙ୍କ ଲିଖିତ ଚିଠିର ଉତ୍ତର ଦେବାକୁ ଯାଇ ଶ୍ରୀଅରବିନ୍ଦ ଲେଖିଥିଲେ, ''ମୁଁ ଯଦି ମାସକୁ ଥରେ ବାହାରକୁ ଆସି ଦର୍ଶନ ଦେବି ତେବେ ତାହାର ପ୍ରଭାବ ଏକ ତୃତୀୟାଂଶ କମିଯିବ । ସେତେବେଳେ ବର୍ଷକୁ କେବଳ ତିନି ଦିନ ଦର୍ଶନ ଦିବସ ରୂପେ ପାଳନ କରାଯାଉଥିଲା, ଯଥା : ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଜନ୍ମ ଦିବସ ଏବଂ ସିଦ୍ଧି ଦିବସ । ପରବର୍ତ୍ତୀ କାଳରେ ଅର୍ଥାତ୍ ୧୯୩୯ ମସିହାଠାରୁ ମା'ଙ୍କ ଚୂଡ଼ାନ୍ତ ଆଗମନ ଦିବସ ଏପ୍ରିଲ ୨୪କୁ ଦର୍ଶନ ଦିବସ ରୂପେ ଯୋଗ କରାହେଲା । ତେଣୁ ଅଳ୍ପ କେଇଜଣ ସେବାକାରୀଙ୍କ ବ୍ୟତୀତ ଅନ୍ୟ କେହି ଶ୍ରୀଅରବିନ୍ଦଙ୍କ ଦର୍ଶନ ପାଇବାର ଅଧିକାରୀ ନ ଥିଲେ । ଉଦାର ଥିଲେ ଦ୍ୱିତୀୟ ଗୋଷ୍ଠୀର ଅନ୍ତର୍ଭୁକ୍ତ । ମାତ୍ର ମା'ଙ୍କ କରୁଣାରୁ ସବୁକିଛି ପରିବର୍ତ୍ତିତ ହୋଇଗଲା ।

ଶ୍ରୀଅରବିନ୍ଦଙ୍କ କକ୍ଷର ଆସବାବପତ୍ର ବହୁତ ପୁରୁଣା ହୋଇ ଯାଇଥିବାରୁ ସେସବୁର ପରିବର୍ତ୍ତନ ଲାଗି ମା' ଶ୍ରୀଅରବିନ୍ଦଙ୍କ ଅନୁମୋଦନ ଭିକ୍ଷା କଲେ । କାରଣ ସେସବୁ ଡାବଲ ପଟାରେ ତିଆରି ହୋଇ ସବୁଜ ରଙ୍ଗ ମରା ହୋଇଥିଲା । ଶ୍ରୀଅରବିନ୍ଦ ଏଥିରେ ସମ୍ମତି ପ୍ରଦାନ କଲେ । ମା' ଏହି କାର୍ଯ୍ୟଟି ଉଦାରଙ୍କ ଉପରେ ନ୍ୟସ୍ତ କଲେ । ଉଦାର ପରମ ସୌଭାଗ୍ୟ ମଣି କାର୍ଯ୍ୟଟି ଆରମ୍ଭ କରିବା ପାଇଁ ପ୍ରସ୍ତୁତ ହୋଇଗଲେ । ମାତ୍ର ସମସ୍ୟା ହେଲା ଶ୍ରୀଅରବିନ୍ଦଙ୍କ ସେବକମାନଙ୍କର ଅନାଗ୍ରହତା । ସେମାନେ ସେସବୁ ଆସବାବପତ୍ର ପ୍ରତି ଏତେବେଶୀ ଅଭ୍ୟସ୍ତ ହୋଇଯାଇଥିଲେ ଯେ ସେଗୁଡ଼ିକର ଆକୃତି ଓ ସ୍ଥିତିକୁ ଯଥାସମ୍ଭବ ଅତୁଟ ରଖିବା ପାଇଁ ଇଚ୍ଛୁକ ଥିଲେ । ମା' ମଧ୍ୟ କଥାଟିକୁ ସମର୍ଥନ କଲେ । ପ୍ରକାରାନ୍ତରେ ଉଦାରଙ୍କ ପାଇଁ ଏହା ହେଲା ଏକ ଚାଲେଞ୍ଜ୍ । ସେ ନିଜ ଦକ୍ଷତାର ସମ୍ପୂର୍ଣ୍ଣ ବିନିଯୋଗ କରି ଅବିକଳ ମାପ ସହିତ ଉନ୍ନତ ମାନଦଣ୍ଡର ଆସବାବପତ୍ର ତିଆରି କରିବା କାମ ହର୍‌ପାଗନ୍

ୱାର୍କ୍‌ସପ୍‌ରେ ଆରମ୍ଭ କରିଦେଲେ । ଏଥିନିମନ୍ତେ ସେ ଆଭ୍ୟନ୍ତରୀଣ ସଜ୍ଜୀକରଣ ସମ୍ବନ୍ଧୀୟ ପୁସ୍ତକ ଅଧ୍ୟୟନ କରି ତନ୍ମଧ୍ୟରୁ ଉପଯୋଗୀ ଡିଜାଇନ୍‌ସବୁ ବାଛିଲେ ଏବଂ କବାଟ ଓ ଝରକାର ସ୍ଥିତି ଓ ବ୍ୟାବହାରିକ ଉପଯୋଗିତାକୁ ଦୃଷ୍ଟିରେ ରଖି ସେହି ସବୁ ଡିଜାଇନ୍‌କୁ କିଛି ଅଂଶରେ ପରିବର୍ତ୍ତନ କଲେ । ଫଳରେ ତାହା ଅଧିକ ଉପଯୋଗୀ ହୋଇ ଉଠିଲା ।

ଆସବାବପତ୍ର ପ୍ରସ୍ତୁତି ନିମନ୍ତେ ଶାଗୁଆନ ଓ ଶିଶୁକାଠ ବ୍ୟତୀତ ଅନ୍ୟକିଛି ବ୍ୟବହୃତ ହେବ ନାହିଁ ବୋଲି ଉଦାର ମା'ଙ୍କୁ ଜଣାଇଦେଲେ । ସେତେବେଳେ ଆଶ୍ରମ କାଠ ଗୋଦାମରେ କିଛି ପରିମାଣରେ ଶିଶୁକାଠ ମହଜୁଦ ଥିଲା, ମାତ୍ର ଶାଗୁଆନ କାଠ ଖରିଦ କରିବା ଦରକାର ପଡ଼ିଲା । ପଣ୍ଡିଚେରୀ କାଠ ମିଲ୍‌ରେ ଉନ୍ନତ ମାନର କାଠ ନ ମିଳିବାରୁ ଉଦାର କାଡ଼ାଲୋର୍ ଯାଇ ଆଣିବା ପାଇଁ ସ୍ଥିର କଲେ । ଆଶ୍ଚର୍ଯ୍ୟର କଥା ମା' ଏକଥା ଶୁଣି ଉଦାରଙ୍କ ସହ ଯିବା ପାଇଁ ପ୍ରସ୍ତୁତ ହୋଇଗଲେ – ଡ୍ରାଇଭର୍ ହେଲେ ପବିତ୍ରଦା' ।

ଉଦାର କାଠ ମିଲ୍‌ରେ ପଡ଼ିଥିବା ବିଭିନ୍ନ କିସମର ଗଣ୍ଡିଗୁଡ଼ିକ ମଧ୍ୟରୁ ଆବଶ୍ୟକତା ଅନୁଯାୟୀ ଗଣ୍ଡିଗୁଡ଼ିକୁ ବାଛିଲେ । ସେ ପ୍ରତିଟି କାଠର ବକଳ ଛଡ଼ାଇ ତାହା କେତେ ବେଶୀ ପାକଳ ହୋଇଛି ଓ ତା'ର ନିଖୁଣତାକୁ ପରଖି ନେଲେ । ଏଥିପାଇଁ ଅନେକ ସମୟ ଲାଗିଲା । ମା' ଗାଡ଼ି ଭିତରୁ ଏ ସମସ୍ତକାର୍ଯ୍ୟ ଖୁବ୍ ମନୋଯୋଗ ସହକାରେ ଦେଖୁଥିଲେ । ମିଲ୍ ମାଲିକଙ୍କ ସହ ଦରଦାମ୍ ଛିଣ୍ଡିଯିବା ପରେ ମା' ଉଦାରଙ୍କୁ ଡାକି କହିଲେ, ''ତୁମ କାଠ ବାଛିବା ଶେଷ ହୋଇଗଲା ?''

– ''ହଁ ମା'', ଉତ୍ତର ଦେଲେ ଉଦାର ।

ମା' ସଙ୍ଗେ ସଙ୍ଗେ ଗୋଟିଏ କଣରେ ପଡ଼ିଥିବା ବିରାଟ ଆକୃତିର କାଠଗଣ୍ଡି ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି କହିଲେ, ''ଉଦାର, ସେଇ କାଠ ଗଣ୍ଡିଟିକୁ ତୁମେ ନେଇ ଆସ । ସେ ମୋ ସହିତ ଯିବା ପାଇଁ ଅଳି କରୁଛି ।''

ଉଦାର ପୂର୍ବରୁ ସେଇଟିକୁ ଅନାବଶ୍ୟକ ମଣିଥିଲେ ବି ମା'ଙ୍କ କଥା ଶୁଣି ଆଶ୍ଚର୍ଯ୍ୟ ହେଲେ ଏବଂ ତାଲିକାଭୁକ୍ତ କରିନେଲେ । ସେଇ ଗଣ୍ଡିଟି ଏତେ ବିରାଟ ହୋଇଥିଲା ଯେ ପଣ୍ଡିଚେରୀକୁ ଆଣିବା ପାଇଁ ଦୁଇଟି ଶଗଡ଼ ଦରକାର ପଡ଼ିଲା । ସବୁଠାରୁ ବଡ଼ ବିସ୍ମୟକର କଥା ଏହି ଯେ ଶ୍ରୀଅରବିନ୍ଦଙ୍କ ରୁମ୍‌ର ଆସବାବପତ୍ର ପାଇଁ ସେହି କାଠ ଗଣ୍ଡିଟିକୁ କାଟିବା ଦରକାର ପଡ଼ିଲା ନି । କିନ୍ତୁ କିଛିଦିନ ପରେ ଯେତେବେଳେ ମା'ଙ୍କ ଉପର ରୁମ୍‌ର ଆସବାବପତ୍ର ତିଆରି କରିବା ଦରକାର ପଡ଼ିଲା ଉଦାର ପୂର୍ବରୁ ଅବ୍ୟବହୃତ ହୋଇ ପଡ଼ିଥିବା ସେହି ଗଣ୍ଡିଟିକୁ କାଟିଲେ ଏବଂ ସମସ୍ତ କାଠ ପୂରାପୂରି କାମରେ ଲାଗିଗଲା । ଉଦାର ସେତେବେଳେ ବୁଝିଲେ – ଏତେ ଦିନ ଧରି କାଠଗଣ୍ଡିଟି ସେଇ ସୌଭାଗ୍ୟ ଟିକକ ପାଇଁ ପ୍ରତୀକ୍ଷା କରି ରହିଥିଲା ଏବଂ ସେଦିନ ମା'ଙ୍କୁ ତା'ର ସେହି ପ୍ରାର୍ଥନାଟି ଜଣାଇଥିଲା ।

ମା'ଙ୍କର ଅଶେଷ କରୁଣାରୁ ଶ୍ରୀଅରବିନ୍ଦଙ୍କ ସାନ୍ନିଧ୍ୟ ଲାଭ କରିବାର ସୌଭାଗ୍ୟ ଉଦାର ପୁଣି ଥରେ ପାଇଲେ । କାର୍ଯ୍ୟଟି ହେଲା – ଶ୍ରୀଅରବିନ୍ଦଙ୍କ ରୁମ୍‌ର ଆସବାବପତ୍ର ମହମ ପଲିଶ୍ ହେବ, ଏକାଦିକ୍ରମେ ନୁହେଁ, ପ୍ରତିଦିନ ଘଣ୍ଟାଏ ଲେଖାଏଁ କରି । ଉଦାର ଆନନ୍ଦରେ ସମ୍ମତି ପ୍ରଦାନ କଲେ । ମା' କୌଣସି ସମୟ ନିର୍ଘଣ୍ଟ ନ କରିଥିବା ଯୋଗୁଁ ଉଦାର ନିଜେ ନିଜର ସମୟ ଧାର୍ଯ୍ୟ କଲେ, ସେଥିରେ ମା' ଓ ଶ୍ରୀଅରବିନ୍ଦଙ୍କର ପ୍ରତିବାଦ ନ ଥିଲା ।

ଶ୍ରୀଅରବିନ୍ଦ ସ୍ୱଭାବତଃ ସ୍ୱଳ୍ପଭାଷୀ । ତେଣୁ ତାଙ୍କ କଣ୍ଠସ୍ୱର ଶୁଣିବାର ସୌଭାଗ୍ୟ କାହାରି ଭାଗ୍ୟରେ ଜୁଟୁ ନ ଥିଲା । ସେତେବେଳେ ସାବିତ୍ରୀ ଲିଖନ କାର୍ଯ୍ୟ ଚାଲିଥିଲା ମାତ୍ର ସମସ୍ତଙ୍କ ଅଗୋଚରରେ । ପ୍ରତିଦିନ ଦୈବାଦିଷ୍ଟ ହୋଇ ଶ୍ରୀଅରବିନ୍ଦ ସାବିତ୍ରୀର ପଂକ୍ତିଗୁଡ଼ିକ ଡାକି ଯାଉଥିଲେ ଏବଂ ନୀରଦବରଣ ତାହାକୁ ଲିପିବଦ୍ଧ କରୁଥିଲେ । ପରଦିନ ମା' ସେସବୁ ନଳିନୀଦା'ଙ୍କ ହାତରେ ଗୋଟିଏ ଖାମରେ ପୂରାଇ ଅମଲକିରଣଙ୍କ ପାଖକୁ ପଢ଼ିବା ନିମନ୍ତେ ପଠାଉଥିଲେ । ଅନେକ ଦିନ ପରେ ଯାଇ ନଳିନୀଦା' ଏହି ଗୋପନୀୟତା ସମ୍ପର୍କରେ ସନ୍ଧାନ ପାଇଲେ । ମାତ୍ର ଦିନେ ଦିନେ ଉଦାର ପଲିଶ୍ କାର୍ଯ୍ୟ କରୁଥିବା ବେଳେ ଶ୍ରୀଅରବିନ୍ଦଙ୍କ ମୁଖନିଃସୃତ ସାବିତ୍ରୀର ପଙ୍‌କ୍ତିଗୁଡ଼ିକୁ ଶୁଣିବାର ସୌଭାଗ୍ୟ ଲାଭ କରୁଥିଲେ । ସେପର୍ଯ୍ୟନ୍ତ ସେ ସାବିତ୍ରୀର ରହସ୍ୟ ଓ ମହାନତାକୁ ଉପଲବ୍ଧି କରି ନ ଥିଲେ ସତ ମାତ୍ର ଶ୍ରୀଅରବିନ୍ଦଙ୍କ ମୁଖନିଃସୃତ ନିରବଚ୍ଛିନ୍ନ ଧାଡ଼ିଗୁଡ଼ିକୁ ଶୁଣି ସେ ସ୍ତବ୍ଧ ଚକିତ ହୋଇ ଉଠୁଥିଲେ । ଅନୁଭବ କରିଥିଲେ ତା'ର ନିହିତ ମାନ୍ତ୍ରିକ ମୂଲ୍ୟବୋଧକୁ । ପରବର୍ତ୍ତିକାଳରେ ସାବିତ୍ରୀ ପୁସ୍ତକଟି ଉଦାରଙ୍କର ସବୁଠାରୁ ପ୍ରିୟ ହୋଇ ଉଠିଥିଲା ଏବଂ ତାହାର ଅଧିକାଂଶ ପଙ୍କ୍ତି ତାଙ୍କର ହୃଦ୍‌ଗତ ହୋଇଯାଇଥିଲା ।

ଏହି ପ୍ରସଙ୍ଗରେ ଉଦାର କୁହନ୍ତି – ''ପ୍ରତିଦିନ ମୁଁ ଘଣ୍ଟାଏ ଧରି ଶ୍ରୀଅରବିନ୍ଦଙ୍କ ରୁମ୍‌ରେ କାମ କରୁଥିବା ବେଳେ

ତାଙ୍କ ସହିତ ମୋର ବ୍ୟକ୍ତିଗତ ବାକ୍ୟାଳାପ ହୋଇ ନାହିଁ । ଯଦି ବା କେତେବେଳେ କେମିତି ଗୋଟିଏ ବା ଦୁଇଟି ଶବ୍ଦ ବିନିମୟ ହୋଇଥିବ, ତାହା ମୋ ସ୍ମୃତିର ଅଗୋଚର । ମାତ୍ର ଥରେ ମୁଁ ଅନୁଭବ କଲି ସତେ ଯେମିତି ସେ ମୋର ଖୁବ୍ ନିକଟରୁ ମୋତେ ଗଭୀର ଭାବରେ ନିରୀକ୍ଷଣ କରୁଥିଲେ । ସେ ଚାହାଣିରେ ଭରି ରହିଥିଲା ପ୍ରେମ ଓ କରୁଣା, ଯାହା ମୋ ଆଡ଼କୁ ପ୍ରବାହିତ ହେଉଥିଲା । ମୁଁ ତାହାର ଅନ୍ତର୍ନିହିତ ଉଦ୍ଦେଶ୍ୟ ବୁଝି ନ ପାରି ବିଶେଷ ଗୁରୁତ୍ୱ ନ ଦେଇ ଫେରି ଆସିଲି । ମାତ୍ର ପରେ ପରେ ତାଙ୍କର ମହାପ୍ରୟାଣ ଦିନ ବୁଝିଲି – He was bidding me a physical good-bye. (ସେ ମୋତେ ଶେଷ ବିଦାୟର ସୂଚନା ଦେଇଥିଲେ ।)

ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ ପୂର୍ବର ଆଉ ଏକ ଘଟଣା । ୧୯୨୬ ମସିହା ପରଠାରୁ ୧୯୫୦ ମସିହା ପର୍ଯ୍ୟନ୍ତ ଶ୍ରୀଅରବିନ୍ଦଙ୍କର ଗୋଟିଏ ମଧ ଫଟୋ ଉଠାଯାଇ ନ ଥିଲା । ମାତ୍ର ଭଗବାନଙ୍କର ଲୀଳା ବଡ଼ ବିଚିତ୍ର । ସେହି ବର୍ଷ ଅର୍ଥାତ୍ ୧୯୫୦ ମସିହା ଏପ୍ରିଲ ମାସରେ ଫ୍ରାନ୍ସର ବିଶିଷ୍ଟ ଫଟୋଗ୍ରାଫର୍ କାର୍ତ୍ତିଏ ବ୍ରସୋଁ (Cartier Bresson) ଆଶ୍ରମ ଆସିଥିଲେ । ସେ ଶ୍ରୀଅରବିନ୍ଦଙ୍କ ଫଟୋ ଉଠାଇବା ପାଇଁ ମା'ଙ୍କ ଅନୁମତି ଚାହିଁଲେ । ମା' ଶ୍ରୀଅରବିନ୍ଦଙ୍କଠାରୁ ସମ୍ମତି ପାଇବା ପରେ ଉଦାରଙ୍କୁ ଡାକି କହିଲେ, ''ଏହି ଭଦ୍ରବ୍ୟକ୍ତି ଜଣକ ଶ୍ରୀଅରବିନ୍ଦଙ୍କର ଫଟୋ ଉଠାଇବେ । ମୁଁ ତାଙ୍କୁ ଅନୁମତି ଦେଇଛି । ତାଙ୍କର ଯାହା ଦରକାର ତୁମେ ପାଖରେ ରହି ସାହାଯ୍ୟ କର ।''

ଉଦାର ସତେ ଯେମିତି ସଦା ପ୍ରସ୍ତୁତ । ମା'ଙ୍କର ନିର୍ଦ୍ଦେଶ ପ୍ରତି ପ୍ରଶ୍ନବାଚୀ ଟାଣିବାର ଅଭ୍ୟାସ ତାଙ୍କ ସ୍ୱଭାବରେ ନ ଥିଲା । ସେ ଶ୍ରୀଅରବିନ୍ଦଙ୍କ ରୁମ୍‌ରେ ଫଟୋଗ୍ରାଫରଙ୍କ ପାଇଁ ସବୁପ୍ରକାର ବନ୍ଦୋବସ୍ତ କରିଦେଲେ । ସେତେବେଳେ ଶକ୍ତିଶାଳୀ ଲେନ୍ସର ପ୍ରଚଳନ ନ ଥିଲା । ତେଣୁ କାର୍ତ୍ତିଏ ବ୍ରସୋଁ ବଡ଼ ଦୁଃଖିତ ହୋଇ ମା'ଙ୍କୁ କହିଲେ, ''ଏତେ କମ୍ ଆଲୋକରେ ପୂର୍ଣ୍ଣାଙ୍ଗ ଚିତ୍ର ଉତ୍ତୋଳନ କରିବା ସମ୍ଭବପର ନ ହୋଇପାରେ, ମାତ୍ର ମୁଁ ମୋର ସର୍ବୋତ୍ତମ ଚେଷ୍ଟା କରୁଛି ।'' ଶ୍ରୀଅରବିନ୍ଦ ସୋଫା ଉପରେ ବସିଥିବାବେଳେ ବିଭିନ୍ନ କୋଣରୁ କେତୋଟି ସଟ୍ ନେଲେ । ଉଦାର ଫଟୋଗ୍ରାଫରଙ୍କ ସହିତ ଅର୍ଥାତ୍ ଶ୍ରୀଅରବିନ୍ଦଙ୍କ ସମ୍ମୁଖରେ ଠିଆହୋଇ ସବୁ ଲକ୍ଷ୍ୟ କରୁଥିଲେ । ପ୍ରତି ସଟ୍‌ର ବ୍ୟବଧାନ ପ୍ରାୟ ଦଶ ମିନିଟ୍ ଲାଗୁଥିଲା ମାତ୍ର ଶ୍ରୀଅରବିନ୍ଦ ସ୍ଥିର ନିଶ୍ଚଳ ହୋଇ ସେମିତି ବସି ରହୁଥିଲେ । ତାଙ୍କ ଚକ୍ଷୁରେ ପଲକ ସୁଦ୍ଧା ପଡୁ ନ ଥିଲା ଏବଂ ନୈର୍ବ୍ୟକ୍ତିକ ଥିଲା ସେ ଦୃଷ୍ଟି । କାର୍ତ୍ତିଏ ବ୍ରସୋଁ ଆଶ୍ଚର୍ଯ୍ୟ ହୋଇ କହିଲେ, ''ମୁଁ ଆଗରୁ ଏମିତି ମଡେଲ୍ କେବେ ବି ଦେଖି ନ ଥିଲି । ସେ ଥିଲେ କାଳାତୀତ । ତାଙ୍କ ଦୃଷ୍ଟି ପଲକଶୂନ୍ୟ ଏବଂ ସ୍ଥିର ।''

ଏପ୍ରିଲ ୨୪ ତାରିଖ ଦିନ ଦର୍ଶନ ଅବକାଶରେ ମା ଓ ଶ୍ରୀଅରବିନ୍ଦଙ୍କର ଏକ ମିଳିତ ଫଟୋ ମଧ କାର୍ତ୍ତିଏ ବ୍ରସୋଁଙ୍କ ଦ୍ୱାରା ଉଠାଯାଇଥିଲା, ଯାହା ଦର୍ଶନ ଫଟୋ ରୂପେ ଭକ୍ତ ମହଲରେ ପରିଚିତ । ତାହାହିଁ ହେଉଛି ଏକମାତ୍ର ଯୁଗଳ ଫଟୋ । ସେଦିନ କ୍ୟାମେରାର ଲେନ୍ସ୍ ମାଧ୍ୟମରେ ଅଦିତି ଓ ଅବତାରଙ୍କର ମାନୁଷୀ ବିଗ୍ରହର ମିଳିତ ସ୍ୱରୂପ ଦର୍ଶନ କରି ଫଟୋଗ୍ରାଫର୍ ଅଭିଭୂତ ହୋଇଯାଇଥିଲେ । ତାଙ୍କ ହାତରେ ସ୍ପନ୍ଦନ ଜାତ ହୋଇଥିଲା । ଆଗରୁ ବହୁ ଗୁରୁତ୍ୱପୂର୍ଣ୍ଣ ଘଟଣା ଓ ବିଶିଷ୍ଟ ବ୍ୟକ୍ତିଙ୍କର ଫଟୋ ଉଠାଇଥିଲେ ବି ତାହା ଥିଲା ତାଙ୍କ ଜୀବନର ଏକ ବିଶେଷ ଘଟଣା । ଏଠାରେ ସୂଚନାଯୋଗ୍ୟ ଯେ ନିକଟ ଅତୀତରେ କାର୍ତ୍ତିଏ ବ୍ରସୋଁ ୨୦୦୪ ମସିହା ଅଗଷ୍ଟ ମାସର ପ୍ରଥମ ସପ୍ତାହରେ ୯୫ ବର୍ଷ ବୟସରେ ଫ୍ରାନ୍ସରେ ଶରୀର ତ୍ୟାଗ କରିଛନ୍ତି ।

ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ ପୂର୍ବରୁ କାର୍ତ୍ତିଏ ବ୍ରସୋଁଙ୍କ ଆଶ୍ରମ ଆଗମନ, ମା'ଙ୍କ ଅନୁରୋଧରେ ଫଟୋ ଉଠାଇବା ପାଇଁ ଶ୍ରୀଅରବିନ୍ଦଙ୍କ ସମ୍ମତି ପ୍ରଦାନ ମଧ୍ୟରୁ କୌଣସିଟି ଆକସ୍ମିକ ଯୋଗାଯୋଗ ନୁହେଁ । ସବୁକିଛି ପୂର୍ବ ନିର୍ଦ୍ଦିଷ୍ଟ । 'କାରଣ ଜଗତ୍' ଓ 'ସ୍ଥୂଳ ଜଗତରେ' ଯାହାକିଛି ଘଟୁଛି ସବୁକିଛି ମା ଶ୍ରୀଅରବିନ୍ଦଙ୍କ ଦ୍ୱାରା ପ୍ରଣୋଦିତ – ଉଦାର ଏକଥା ଅନୁଭବ କରିଥିଲେ । ତାଙ୍କ ପାଇଁ ଅଦିତି ଏବଂ ଅବତାର – ପରମଙ୍କର ଦୁଇ ସ୍ୱରୂପ ମାତ୍ର । ଯେମିତି ସାବିତ୍ରୀରେ ବର୍ଣ୍ଣନା ରହିଛି –

"There are Two who are One
and play in many worlds;"
(*Savitri* - 61)

''ସେମାନେ ଦୁଇ ଜଣ ମାତ୍ର ଏକ ଓ
ଅଭିନ୍ନ, ବହୁ ଜଗତରେ ସେମାନଙ୍କର ଲୀଳା ।''

(*Mother India* ପତ୍ରିକାରେ ପ୍ରକାଶିତ 'Udar Remembers'ରୁ କିଛି ଅଂଶ ସଂଗୃହୀତ) ✢

**ଉଦାରଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ :**

# ଶ୍ରୁତି ଓ ସ୍ମୃତି
## (୪)
## ଶ୍ରୀ ସନ୍ତୋଷ କୁମାର ରଥ

### ମହାସମାଧି

ଭଗବାନ୍ ମାନୁଷୀ ରୂପ ନେଇ ଲୀଳା ଖେଳା କରିବାର ରହସ୍ୟ ମଣିଷ ବୁଝିପାରେ ନାହିଁ । ବେଳ ପଡ଼ିଲେ ତାଙ୍କୁ ଅବଜ୍ଞା କରେ, ଉପହାସ କରେ; ଭାବେ – ସେ ବି ଆମରି ପରି ମଣିଷଟିଏ । ଗୀତାରେ ଶ୍ରୀକୃଷ୍ଣ ଏକଥା ଅର୍ଜୁନଙ୍କୁ ମଧ୍ୟ ସୂଚାଇଛନ୍ତି – 'ଅବଜାନନ୍ତି ମାଂ ମୂଢ଼ା ମାନୁଷୀଂ ତନୁମାଶ୍ରିତମ୍' । ଅର୍ଥାତ୍ ମନୁଷ୍ୟ-ଦେହ ଧାରଣ କରିଥିବାରୁ ମୋତେ ମୂଢ଼ଜନମାନେ ମଣିଷ ମନେ କରି ଅବଜ୍ଞା କରନ୍ତି । ଅବଶ୍ୟ ମଣିଷର ଏହି ଅବମାନନା ତାଙ୍କ ପକ୍ଷରେ ଅକ୍ଷମଣୀୟ ନୁହେଁ । ସମସ୍ତେ ତ ତାଙ୍କର ସନ୍ତାନ, ତାଙ୍କ କୃପାରୁ ବଞ୍ଚିତ ହେବେ ବା କେମିତି ! ପରନ୍ତୁ ବିକାଶଧାରାକୁ ତ୍ୱରାନ୍ୱିତ କରିବା ପାଇଁ ପାର୍ଥିବ ପ୍ରକୃତିର ସମସ୍ତ ଭାରକୁ ସେ ନିଜେ ସ୍କନ୍ଧରେ ବହନ କରନ୍ତି; ସମସ୍ତ ମୂଢ଼ତାକୁ ଅଙ୍ଗୀକାର କରି ନିଅନ୍ତି । ଯାହା ଶ୍ରୀଅରବିନ୍ଦଙ୍କ "A God's Labour" କବିତାରେ ବର୍ଣ୍ଣିତ । ମନେହୁଏ ଏହା ଏକ ସ୍ୱୀକାରୋକ୍ତି :

ସ୍ୱର୍ଗକୁ ଯିଏ ମଣାଇ ଆଣିବ ମର୍ତ୍ତ୍ୟ ଭୁବନପରେ
ପଙ୍କରେ ତା'କୁ ଥୋଇବାକୁ ହେବ ପ୍ରଥମେ ଆପଣା ପାଦ
ପାର୍ଥିବ ଏଇ ପ୍ରକୃତି-ଭାର ଆପଣା ସ୍କନ୍ଧେ ତୋଳି
ଚାଲିବାକୁ ହେବ, ଯେ ପଥ ରହିଛି ଶୋକ ଆଉ ଅବସାଦ ।
(ଅନୁବାଦ : ରବୀନ୍ଦ୍ର କୁମାର ପାଢ଼ୀ)

ସେ ବିଭୂତି ହୁଅନ୍ତୁ, ଅଥବା ଅବତାର ହୁଅନ୍ତୁ ପାର୍ଥିବ ଶରୀର ତାଙ୍କର ଜରା, ବ୍ୟାଧି ଓ ଯନ୍ତ୍ରଣାରୁ ବର୍ତ୍ତିପାରେ ନାହିଁ । ପୁଣି 'ଜାତସ୍ୟ ହି ଧ୍ରୁବମୃତ୍ୟୁ' ନୀତିରେ ମୃତ୍ୟୁ ମଧ୍ୟ ଅନିବାର୍ଯ୍ୟ । ଏହାର ସତେ ଯେମିତି ବ୍ୟତିକ୍ରମ ନାହିଁ ।

ଚତୁର୍ଥ ଦଶକର ଶେଷ ଆଡ଼କୁ ଶ୍ରୀଅରବିନ୍ଦଙ୍କ ଶରୀରରେ ରୋଗର କେତେକ ସୂଚନା ପରିଲକ୍ଷିତ ହେଲା । ପରିସ୍ରା ଯିବାର ସଂଖ୍ୟା ଅସ୍ୱାଭାବିକ ମନେ ହେବାରୁ ପରୀକ୍ଷା ପରେ ଜଣା ପଡ଼ିଲା ଯେ ପରିସ୍ରାରେ ଶର୍କରା ଓ ଆଲ୍‌ବୁମିନ୍‌ର ମାତ୍ରା ବୃଦ୍ଧି ପାଇଛି । କଲିକତାର ଖ୍ୟାତନାମା ଡାକ୍ତର ପ୍ରଭାତ ସାନ୍ୟାଲ୍ ପରୀକ୍ଷା କରି ନିଶ୍ଚିତ ହେଲେ ଯେ ପ୍ରୋଷ୍ଟେଟ୍ ଗ୍ଲାଣ୍ଡର ମଧ୍ୟ ବୃଦ୍ଧି ଘଟିଛି ଯାହାର ନିରାକରଣ ନିମନ୍ତେ ଅସ୍ତ୍ରୋପଚାର ବ୍ୟତୀତ ଅନ୍ୟ କୌଣସି ଉପାୟ ନାହିଁ । ମାତ୍ର ତାଙ୍କର ଏହି ପ୍ରସ୍ତାବଟି ଯେ ସ୍ୱୀକୃତ ହେବ ନାହିଁ ଏକଥା ସେ ଜାଣିଥିଲେ । ସତକୁ ସତ ତାହାହିଁ ଘଟିଲା । କିଛି ମାସ ପରେ ଡାକ୍ତର ସାନ୍ୟାଲ ପୁଣିଥରେ ଯେତେବେଳେ ପଣ୍ଡିଚେରୀ ଆସିଲେ, ଶ୍ରୀଅରବିନ୍ଦ ତାଙ୍କୁ କହିଲେ, 'ମୋତେ ଏହା ଆଉ କଷ୍ଟ ଦେଉ ନାହିଁ । ମୁଁ ଏହାକୁ ଦୂର କରି ଦେଇଛି ।' ଡାକ୍ତରୀ ବିଦ୍ୟାରେ ଏହା ଆକସ୍ମିକ ମନେ ହେଉଥିଲେ ବି ଭାଗବତୀ ଶକ୍ତିର କ୍ରିୟା ପ୍ରତି କୃତଜ୍ଞତା ଜଣାଇ ସାନ୍ୟାଲଙ୍କ ସହିତ ପାର୍ଶ୍ୱସ୍ଥ ସେବକଗଣ ଆଶ୍ୱସ୍ତ ହେଲେ ।

ଶାରୀରିକ ଅସୁସ୍ଥତା ଓ ଯନ୍ତ୍ରଣା ମଧ୍ୟରେ ମଧ୍ୟ ଶ୍ରୀଅରବିନ୍ଦ ତାଙ୍କର ସମସ୍ତ କ୍ରିୟାକ୍ରମ ଅବ୍ୟାହତ ରଖିଥା'ନ୍ତି । ସାବିତ୍ରୀ ମହାକାବ୍ୟର ସଂଶୋଧନ ସହିତ ଶେଷ ପର୍ଯ୍ୟାୟର ଲିଖନ କାର୍ଯ୍ୟ ଚାଲୁ ରହିଥାଏ । ମାତ୍ର ଅନ୍ୟାନ୍ୟ କାମରେ ବ୍ୟସ୍ତ ରହୁଥିବାରୁ ପ୍ରତିଦିନ ବେଶୀ ସମୟ ଦେବା ତାଙ୍କ ପକ୍ଷରେ ସମ୍ଭବ ହେଉ ନ ଥିଲା । ସେ ପ୍ରସଙ୍ଗ କ୍ରମେ ଥରେ କହିଲେ, ''ମୋର ଅସଲ କାମଟି କରିବାକୁ ମୋତେ ଆଉ ସମୟ ମିଳୁ ନାହିଁ । ଏଥର ସାବିତ୍ରୀ ଧରିବା । ମୁଁ ସେ କାମଟିକୁ ଶୀଘ୍ର ଶେଷ କରିଦେବାକୁ ଚାହେଁ ।'' ପ୍ରଭୁଙ୍କର ଏମନ୍ତ ଉତ୍ତରରେ ସମସ୍ତେ ସ୍ତମ୍ଭୀଭୂତ, ବୁଝିନେଲେ ନିଜକୁ ପ୍ରତ୍ୟାହୃତ କରିନେବାର ଏହାହିଁ ନିଶ୍ଚିତ ସୂଚନା ।

ସେ ଦିନ ଥିଲା ୨୯ ନଭେମ୍ବର ୧୯୫୦ ମସିହା । ଡାକ୍ତର ସାନ୍ୟାଲ ମା'ଙ୍କଠାରୁ ଏକ ଜରୁରୀକାଳୀନ ଟେଲିଗ୍ରାମ୍ ପାଇ କଲିକତାରୁ ପଣ୍ଡିଚେରୀ ଆସିଲେ । ସେତେବେଳକୁ ରୋଗର ପ୍ରକୋପ ଢେର ବଢ଼ି ଯାଇଥିଲା ମାତ୍ର ଅସହ୍ୟ ଯନ୍ତ୍ରଣାକୁ ନିର୍ବିକାର ଭାବରେ ସହ୍ୟ କରିନେଉଥିଲେ ଶ୍ରୀଅରବିନ୍ଦ । ପରିସ୍ରା ପରୀକ୍ଷା ପରେ ଏସିଟୋନ୍‌ର ମାତ୍ରା ବୃଦ୍ଧି ପାଇଥିବାର ଦେଖାଗଲା, ଯାହା ବଡ଼ ଭୟାନକ । ଶ୍ରୀଅରବିନ୍ଦ ଏକଥା ଶୁଣି ଖୁବ୍ ଶାନ୍ତ ଭାବରେ କହିଲେ, ''ମା'ଙ୍କୁ ଜଣାଇ ଦିଅ ।'' ଏହାହିଁ ଥିଲା ସତେ ଯେମିତି ସବୁକିଛିର ଶେଷ ସମାଧାନ । ମା' ମଧ୍ୟ

ପୁରାତନ ପଦ୍ଧତିରେ କଷ୍ଟଦାୟକ ଚିକିତ୍ସା ପ୍ରଣାଳୀକୁ ପ୍ରୟୋଗ ନ କରିବାକୁ ଡାକ୍ତରଙ୍କୁ ବାରଣ କରିଥିଲେ ଏବଂ ପ୍ରତ୍ୟେକଟି ପଦକ୍ଷେପରେ ଶ୍ରୀଅରବିନ୍ଦଙ୍କ ଅନୁମୋଦନ ଚାହୁଁଥିଲେ ।

ଥରେ ଚମ୍ପକଲାଲ ବିନୀତ ଭାବରେ କହିଲେ, ''ପ୍ରଭୁ, ଆରୋଗ୍ୟ ପାଇଁ ଆପଣ କାହିଁକି ଆପଣଙ୍କ ଶକ୍ତିକୁ ପ୍ରୟୋଗ କରୁ ନାହାନ୍ତି ?'' ଶ୍ରୀଅରବିନ୍ଦ ନୀରବ ରହିଲେ, ଅନିଚ୍ଛାହିଁ ଥିଲା ତାଙ୍କର ସଙ୍ଗତ ପ୍ରତ୍ୟୁତ୍ତର ।

ସମସ୍ତ ପ୍ରକାର ଚେଷ୍ଟା ସତ୍ତ୍ୱେ ସ୍ୱାସ୍ଥ୍ୟରେ ବିଶେଷ କିଛି ଉନ୍ନତି ପରିଲକ୍ଷିତ ହେଲା ନାହିଁ । ଅବସ୍ଥା ଦିନକୁ ଦିନ ଖରାପ ଆଡ଼କୁ ଗତି କରୁଥିବାରୁ ମା' ଅକ୍ସିଜେନ୍ ସିଲିଣ୍ଡର୍ ଯୋଗାଡ଼ କରିବା ପାଇଁ ଉଦାରଙ୍କୁ ନିର୍ଦ୍ଦେଶ ଦେଲେ । ସେତେବେଳେ ଏହା ପଣ୍ଡିଚେରୀରେ ନ ମିଳୁଥିବାରୁ ଏବଂ ପଣ୍ଡିଚେରୀ ଫରାସୀ ଶାସନାଧୀନ ଥିବାରୁ ଇଣ୍ଡିଆନ୍ କାଉନ୍‌ସିଲ୍ ଜେନେରାଲ୍ ମି. ଚଣ୍ଡନ୍‌ଙ୍କଠାରୁ ଅନୁମତି ପତ୍ର ନେଇ ଉଦାର କାଡ଼ାଲୋରରୁ ଅକ୍ସିଜେନ୍ ସିଲିଣ୍ଡର୍ ଆଣିଲେ ଏବଂ ତାହା କିପରି ପ୍ରୟୋଗ କରାଯିବ ସେକଥା ଶିଖିନେଇ ପ୍ରସ୍ତୁତ ରହିଲେ ।

ଡିସେମ୍ବର ୪ ତାରିଖ, ରାତି ସେତେବେଳକୁ ୧୦ଟା ହେବ । ଉଦାରଙ୍କୁ ଡକରା ପଡ଼ିଲା । ସଦା ଜାଗ୍ରତ୍ ଉଦାର ମୁହୂର୍ତ୍ତ ମାତ୍ର ବିଳମ୍ବ ନ କରି ଶ୍ରୀଅରବିନ୍ଦଙ୍କ ରୁମ୍‌ରେ ଉପସ୍ଥିତ ହେଲେ । ସାରା ରାତିଟି ତାଙ୍କର ସେହିଠାରେହିଁ କଟିଗଲା । ସେ ଦିନର ସେହି ସ୍ମୃତିକୁ ମନେ ପକାଇ ସେ କୁହନ୍ତି, ''ମୁଁ ଅକ୍ସିଜେନ୍ ସିଲିଣ୍ଡର୍ ସଜାଡ଼ି ଦେଲି । ମା', ଶ୍ରୀଅରବିନ୍ଦଙ୍କ ବିଛଣା ପାଖରେ ଛିଡ଼ା ହୋଇଥିଲେ । ପାଖରେ ଥିଲେ ଚମ୍ପକଲାଲ, ଡାକ୍ତର ସାନ୍ୟାଲ, ଡାକ୍ତର ନୀରଦବରଣ, ଡାକ୍ତର ସତ୍ୟବ୍ରତ, ଦ୍ୟୁମନ୍ ଓ ପୁରାଣୀ । ପ୍ରାୟ ମଧ୍ୟରାତ୍ରି ବେଳକୁ ସବୁଦିନ ପରି ଦୁଇ ଘଣ୍ଟା ବିଶ୍ରାମ ନେବା ପାଇଁ ମା' ଭିତରକୁ ଚାଲିଗଲେ । ଶ୍ରୀଅରବିନ୍ଦ ସେତେବେଳେ କୋମା ଅବସ୍ଥାରେ ଥିଲେ, ଯାହା ମୁଁ ବୁଝିଥିଲି ସେ କେବେ ବି ଉଠିବେ ନାହିଁ । ଚିକିତ୍ସା ସମ୍ବନ୍ଧୀୟ ମୋର ସମସ୍ତ ଜ୍ଞାନକୁ ଠୁଳ କରି ମୁଁ ଏତିକିହିଁ ବୁଝିଥିଲି । ମାତ୍ର ଶ୍ରୀଅରବିନ୍ଦ ଥିଲେ ଏକ ସଚେତନ କୋମା ଅବସ୍ଥାରେ, ଯାହା ସାଧାରଣ ମଣିଷ ପକ୍ଷରେ ଅସମ୍ଭବ । ସେ ହଠାତ୍ ଉଠିପଡ଼ି ଦୃଢ଼ ସ୍ୱରରେ ପ୍ରଶ୍ନ କଲେ, 'ନୀରଦ, ବର୍ତ୍ତମାନ ସମୟ କେତେ ?'

'ସାର୍, ବର୍ତ୍ତମାନ ଗୋଟାଏ ବାଜିଛି ।' — ଉତ୍ତର ଦେଲେ ନୀରଦ ।

'ଠିକ୍ ଅଛି' — ଏତିକି କହି ଶ୍ରୀଅରବିନ୍ଦ ପୁଣି କୋମା ଅବସ୍ଥାକୁ ଫେରିଗଲେ । ଚମ୍ପକଲାଲ ତାଙ୍କର ପାଦସେବା କରୁଥିଲେ । ଶ୍ରୀଅରବିନ୍ଦଙ୍କ ନିଃଶ୍ୱାସ କ୍ରମଶଃ କ୍ଷୀଣରୁ କ୍ଷୀଣତର ହୋଇ ଆସୁଥିଲା ।

ଡାକ୍ତର ସାନ୍ୟାଲ ମା'ଙ୍କୁ ଡାକିବାକୁ ଉଚିତ ମଣିଲେ । ଦ୍ୟୁମନ ସଙ୍ଗେ ସଙ୍ଗେ ଯାଇ ମା'ଙ୍କୁ ଡାକି ଆଣିଲେ । ମା' ଶ୍ରୀଅରବିନ୍ଦଙ୍କ ବିଛଣା ପାଖରେ ଠିଆ ହୋଇରହିଲେ । ତାଙ୍କର ତୀବ୍ର ଓ ଗଭୀର ଦୃଷ୍ଟି ନିବଦ୍ଧ ରହିଥିଲା ପ୍ରଭୁଙ୍କ ଉପରେ । କିଛି ସମୟ ପରେ ଶ୍ରୀଅରବିନ୍ଦ ହଠାତ୍ କହିଲେ, 'ନୀରଦ, ମୋତେ କିଛି ପିଇବା ପାଇଁ ଦିଅ ।' ଅତି ସାମାନ୍ୟ ପାନ କରି ପୁଣି ଥରେ ସେ ପୂର୍ବ ଅବସ୍ଥାକୁ ଫେରିଗଲେ । ସମୟ ସେତେବେଳକୁ ଗୋଟାଏ ୨୬ ମିନିଟ୍ ତାଙ୍କ ଶ୍ୱାସବାୟୁ ରୁଦ୍ଧ ହୋଇଗଲା । ସବୁକିଛି ସତେଯେମିତି ହଠାତ୍ ସ୍ଥିର ହୋଇଗଲା । ପୃଥିବୀ ଇତିହାସରେ ତାହା ଥିଲା ସବୁଠାରୁ ଗାମ୍ଭୀର୍ଯ୍ୟପୂର୍ଣ୍ଣ ମୁହୂର୍ତ୍ତ ।

ଡାକ୍ତର ସାନ୍ୟାଲ ମୋତେ ଅକ୍ସିଜେନ୍ ସିଲିଣ୍ଡର୍ ବନ୍ଦ କରିଦେବା ପାଇଁ କହିଲେ ।''

ମା'ଙ୍କ ସମେତ ସମସ୍ତେ ନୀରବ ନିଶ୍ଚଳ । ଗୋଟାଏ ସ୍ଥିର ପ୍ରଶାନ୍ତ ସ୍ତମ୍ଭ ସଦୃଶ ମା' ସେମିତି ଠିଆ ହୋଇ ରହିଥା'ନ୍ତି । ଘନ ନୀରବତା ସତେ ଯେମିତି ସ୍ଥାଣୁ କରି ଦେଇଥିଲା ସମଗ୍ର ପରିବେଶକୁ । ମନେ ହେଉଥିଲା ସେତେବେଳେ ପୁନର୍ବାର ମନ୍ଦ୍ରିତ ହୋଇ ଉଠୁଥିଲା ସାବିତ୍ରୀର ସେଇ ପଙ୍‌କ୍ତି କେତୋଟି :

The Creator bears the law of pain and death;

... ... ...

It is finished, the dread mysterious sacrifice,
Offered by God's martyred body for the world;

(*Savitri* - 445)

ସ୍ରଷ୍ଟା ସ୍ୱୟଂ ବରିଛନ୍ତି ବିଧାନକୁ ଦୁଃଖ ଓ ମୃତ୍ୟୁର;

... ... ...

ଅନ୍ତ ହେଲା ଭୟଙ୍କର ନିଗୂଢ଼ ତ୍ୟାଗର
ଧରା ଲାଗି ଅରପିଲେ ପ୍ରଭୁ ନିଜର ଶରୀର ।

(ସାବିତ୍ରୀ - ୪୪୫)

ନିହାତି ଆକସ୍ମିକ ଓ ଅସହ୍ୟ ବୋଧ ହେଉଥିଲେ ବି ଘଟଣାଟି ଠିକ୍ ସେହିପରି ନ ଥିଲା । ପ୍ରାୟ ବର୍ଷକ ପୂର୍ବରୁ ଶ୍ରୀଅରବିନ୍ଦ ଶରୀରତ୍ୟାଗର ନିଷ୍ପତ୍ତି ନେଇ ସାରିଥିଲେ । ଏହା ପ୍ରକାଶ କରିବାକୁ ଯାଇ ମା' ଡାକ୍ତର ସାନ୍ୟାଲଙ୍କୁ କହିଥିଲେ,

''ଲୋକେ ଜାଣନ୍ତି ନାହିଁ ଯେ ପୃଥିବୀ ନିମନ୍ତେ ସେ କିପରି ମହାନ୍ ଆତ୍ମାହୁତି ଦେଇଛନ୍ତି । ପ୍ରାୟ ଏକ ବର୍ଷ ତଳେ ମୁଁ ତାଙ୍କୁ କହିଲି, 'ମୁଁ ଶରୀର ତ୍ୟାଗ କରିବାକୁ ଚାହୁଁଛି,' ସେ ଦୃଢ଼ କଣ୍ଠରେ ଉତ୍ତର ଦେଲେ, ''ନା, ତାହା ହୋଇ ନ ପାରେ । ଯଦି ଦରକାର ପଡ଼େ ରୂପାନ୍ତର କାର୍ଯ୍ୟ ପାଇଁ ମୁଁ ଚାଲିଯାଇପାରେ । ମାତ୍ର ତୁମକୁ ଏହି ଯୋଗର ଉଦ୍ଦେଶ୍ୟ, ଅତିମାନସ ଅବତରଣ ଓ ରୂପାନ୍ତର ସାଧନ କରିବାକୁ ହେବ ।''

ଶ୍ରୀଅରବିନ୍ଦ ଦୀର୍ଘ ଦିନ ଧରି ଅତିମାନସ ଚେତନାରେ ବାସ କରିଥିବାରୁ ସେହି ସ୍ୱର୍ଣ୍ଣିମ ଆଭା ତାଙ୍କ ଶରୀର ମଧ୍ୟକୁ ଓହ୍ଲାଇ ଆସିଥିଲା । ମାତ୍ର ତାହା ଯେ କେତେଦିନ ପର୍ଯ୍ୟନ୍ତ ବିଦ୍ୟମାନ ରହିବ ସେ କଥା ଜଣା ନାହିଁ ବୋଲି ମା' ଉଦାରଙ୍କ ଆଗରେ ପ୍ରକାଶ କଲେ । ତେଣୁ ଧୂଳି ଓ ଉଡ଼ା ପୋକଙ୍କ ଦାଉରୁ ଶରୀରକୁ ସୁରକ୍ଷିତ ରଖିବା ପାଇଁ ପତଳା କାଚର ଗୋଟିଏ ବାକ୍ସ କରିବା ପାଇଁ ମା' ଉଦାରଙ୍କୁ ନିର୍ଦ୍ଦେଶ ଦେଲେ । ଜିନିଷ କିଣି ଆଣିବା ପାଇଁ ଉଦାର ସଙ୍ଗେ ସଙ୍ଗେ ମାଡ୍ରାସକୁ ଲୋକ ପଠାଇ ଦେଲେ । ଏବଂ ଇତି ମଧ୍ୟରେ କୋଠରିର ଉତ୍ତାପକୁ ନିମ୍ନମାନଯୁକ୍ତ କରିବା ପାଇଁ ସେ ବରଫ ଖଣ୍ଡ ଓ ପଙ୍ଖା ଯୋଗାଡ଼ କରିବା ପାଇଁ ତତ୍ପର ହୋଇ ଉଠିଲେ । ମୃତ ଶରୀରର ସୁରକ୍ଷା ପାଇଁ ସର୍ବତ୍ର ଏହାହିଁ କରାଯାଇଥାଏ । ତେଣୁ ମା'ଙ୍କ ଅନୁମତିକୁ ଅପେକ୍ଷା ନ କରି ସେ କାର୍ଯ୍ୟକ୍ରମ ଆରମ୍ଭ କରିଦେଲେ । ମାତ୍ର ମା' ଯେତେବେଳେ ଏକଥା ଜାଣିଲେ, ସଙ୍ଗେ ସଙ୍ଗେ ଉଦାରଙ୍କୁ ଡାକି କହିଲେ – ଏସବୁ ବାହାର କରି ନିଅ । ଶରୀର ସୁରକ୍ଷା ଲାଗି କୃତ୍ରିମ ବିଧି ବ୍ୟବସ୍ଥାର କୌଣସି ଆବଶ୍ୟକତା ନାହିଁ । ଶରୀର ଯଦି ଅକ୍ଷୟ ଅବସ୍ଥାରେ ରହିବ, ତେବେ ତାଙ୍କରି ଇଚ୍ଛା ଦ୍ୱାରାହିଁ ହେବ ।

ବିଦ୍ୟୁତ୍ ତରଙ୍ଗ ସଦୃଶ ମହାପ୍ରୟାଣର ସମ୍ବାଦ ପ୍ରସରି ଗଲା ଦେଶ ଦେଶାନ୍ତର । ଡିସେମ୍ବର ୫ ତାରିଖ ସକାଳୁ ଆରମ୍ଭ ହୋଇଗଲା ଶେଷ ଦର୍ଶନ ନିମନ୍ତେ ଭକ୍ତଙ୍କର ସମାଗମ । କେତେବେଳେ କ'ଣ କରିବାକୁ ହେବ ଏବଂ କିପରି କରିବାକୁ ହେବ ମା' ନିର୍ଦ୍ଦେଶ ଦେଲେ ଉଦାରଙ୍କୁ ।

ଉଦାର ସେବାବୃକ୍ଷ ମୂଳରେ ଥିବା ଟାଙ୍କି ତିନୋଟିକୁ ଭାଙ୍ଗି ଖନନ କାର୍ଯ୍ୟ ଆରମ୍ଭ କଲେ । ୧୯୩୦ ମସିହାରେ ମା'ଙ୍କ ନିର୍ଦ୍ଦେଶରେ ସେବାବୃକ୍ଷଟି ବଟାନିକାଲ୍ ଗାର୍ଡେନରୁ ଅଣାଯାଇ ରୋପଣ କରାଯାଇଥିଲା । ପୂର୍ବରୁ ସେଠାରେ ଆମ୍ବ ଗଛଟିଏ ଥିଲା । ପରବର୍ତ୍ତୀ କାଳରେ ଅର୍ଥାତ୍ ୧୯୪୨ ମସିହାରେ ସେଠାରେ ଥିବା ପୁରୁଣା ଚାଳଛପର ରୋଷେଇ ଘରଟି ଭଙ୍ଗା ହୋଇଯିବାରୁ ସେବା ବୃକ୍ଷର ଡାଳକୁ ସୁରକ୍ଷିତ ରଖିବା ପାଇଁ ଚେକୋସ୍ଲୋଭାକିଆର ଆର୍‌କିଟେକ୍ଟ୍ ସମେରଙ୍କ ଡିଜାଇନ୍‌ରେ ଖମ୍ବଗୁଡ଼ିକ ନିର୍ମାଣ କରାଯାଇଥିଲା । ଆଶ୍ରମର ଅନ୍ତେବାସୀ ଓ ଭକ୍ତଙ୍କ ସାହାଯ୍ୟରେ ଉଦାର ସେହିଠାରେ ଆଠ ଫୁଟ ଗଭୀର ପର୍ଯ୍ୟନ୍ତ ଖୋଳି ତଳେ ଛଅ ଇଞ୍ଚ କଂକ୍ରିଟ୍ ଢଳେଇ କରି ପ୍ଲାଷ୍ଟର କରି ଚଟାଣ ପ୍ରସ୍ତୁତ କଲେ । ତା' ଉପରେ କୋକୋ ଗାର୍ଡେନରୁ ଅଣାଯାଇଥିବା କଂକ୍ରିଟ୍ ହାଲୋବ୍ଲକରେ ଆଠ ଇଞ୍ଚ ମୋଟେଇର କାନ୍ଥ ପ୍ରସ୍ତୁତ କରି ପ୍ଲାଷ୍ଟର୍ କରିଦେଲେ ଏବଂ ତଳୁ ପ୍ରାୟ ସାଢ଼େ ଚାରିଫୁଟ ଉଚ୍ଚତାରେ ଦେଢ଼ଇଞ୍ଚ ମୋଟେଇର କଂକ୍ରିଟ୍ ସ୍ଲାବ୍ ଦେଇ ପ୍ରଥମ କକ୍ଷଟି ନିର୍ମାଣ କଲେ । ଏ ସମସ୍ତ କାର୍ଯ୍ୟ ଉଦାରଙ୍କ ତତ୍ତ୍ୱାବଧାନରେ ସଂଘଟିତ ହେଲା ।

ପାର୍ଶ୍ୱସ୍ଥ ସେବକଗଣ ସଜାଗ ଦୃଷ୍ଟି ରଖିଥା'ନ୍ତି ଶରୀରର ବିଘଟନ ଉପରେ । ମାତ୍ର ଶରୀର ସେମିତି ସତେଜ ରହିଥାଏ । ବିଘଟନ ତ ଦୂରର କଥା ମୃତ୍ୟୁର କୌଣସି ସୂଚନା ମଧ୍ୟ ପରିଲକ୍ଷିତ ହେଉ ନ ଥିଲା । ସତେ ଯେମିତି ପ୍ରଭୁ ନିତ୍ୟ-ନୈମିତ୍ତିକ ନିଦ୍ରାରେ ଶାୟିତ । ସେତେବେଳକୁ ୨୪ ଘଣ୍ଟା ଅତିବାହିତ ହୋଇ ସାରିଲାଣି, ମା' ଖୁବ୍ ଧୀର ଗଳାରେ କହିଲେ, ''ଯେପର୍ଯ୍ୟନ୍ତ ଅତିମାନସ ଆଲୋକ ବିଦ୍ୟମାନ ରହିଛି ସେପର୍ଯ୍ୟନ୍ତ ଶରୀର ଅକ୍ଷୟ ଅବସ୍ଥାରେ ରହିଥିବ । ଏହା ଦିନେ ରହିପାରେ କିଂବା ଅଧିକ ।'' ଏକଥା ଶୁଣି ଡାକ୍ତର ସାନ୍ୟାଲ୍ ବହୁତ ଉତ୍ସୁକ ହୋଇ ଉଠିଲେ । ସେ ମା'ଙ୍କୁ ଚୁପ୍ କରି କହିଲେ, ''ଆପଣ ଯେଉଁ ଆଲୋକ କଥା କହୁଛନ୍ତି – ମୁଁ କ'ଣ ତାହା ଦେଖି ପାରିବି ନାହିଁ ?'' ଡାକ୍ତର ଆଣ୍ଠୁମାଡ଼ି ଶ୍ରୀଅରବିନ୍ଦଙ୍କ ଖଟ ପାଖରେ ବସିଥା'ନ୍ତି, ମା' କରୁଣାବଶ ହୋଇ ସ୍ମିତହାସ୍ୟ ସହ ତାଙ୍କ ମସ୍ତକକୁ ସ୍ପର୍ଶ କଲେ । ସଙ୍ଗେ ସଙ୍ଗେ ଏକ ନୀଳ ସ୍ୱର୍ଣ୍ଣାଭ ଆଭା ପ୍ରଭୁଙ୍କ ଶରୀରକୁ ଘେରି ରହିଥିବାର ସେ ସ୍ପଷ୍ଟ ଦେଖି ପାରିଲେ ।

ଡିସେମ୍ବର ୮ ତାରିଖରେ ମା' ଶୁଣିପାରିଲେ ଶ୍ରୀଅରବିନ୍ଦଙ୍କ କଣ୍ଠସ୍ୱର । ତାହା ଥିଲା ଅତ୍ୟନ୍ତ ସ୍ପଷ୍ଟ – ''ମୁଁ ଏ ଶରୀର ଜାଣିଶୁଣି ତ୍ୟାଗ କରିଛି, ମୁଁ ଏହା ପୁନରାୟ ଗ୍ରହଣ କରିବି ନାହିଁ । ଅତିମାନସ ତତ୍ତ୍ୱାନୁସାରେ ଗଠିତ ପ୍ରଥମ ଶରୀରକୁ ମୁଁ ଧାରଣ କରି ପ୍ରକାଶିତ ହେବି ।''

ଶ୍ରୀଅରବିନ୍ଦଙ୍କ ଶରୀରରୁ ଜ୍ୟୋତିଃର ଆଭା ନିଷ୍ପ୍ରଭ ହେବାର ସୂଚନା ଲକ୍ଷ୍ୟ କରି ମା' କାଚ ବାକ୍ସରେ ଶରୀରକୁ

ସୁରକ୍ଷିତ କରି ରଖିବାର ଯୋଜନାକୁ ରଦ୍ଦ କରିଦେଲେ । ଏବଂ ଖୁବ୍ ଶୀଘ୍ର ସମାଧି ଦେବା କାର୍ଯ୍ୟ ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେଲେ । ତାହା ଥିଲା ଡିସେମ୍ବର ୯ ତାରିଖ ।

ଉଦାର ହରପାଗନ୍ ୱାର୍କସପ୍‌ରେ ଶିଶୁ କାଠରେ ପିତଳର ପାତ ଓ ସ୍କ୍ରୁ ଦେଇ କଫିନ୍‌ଟି ତିଆରି କରାଇଲେ । ତାହାର ଭିତର ପାଖରେ ରୁପାର ପାତ ଓ ରବର ଗ୍ୟାସ୍‌କେଟ୍ ଦେଇ ଖୁବ୍ ମଜଭୁତ ଓ ନିସନ୍ଧା କରାଗଲା, ଯାହାଫଳରେ ବାହାରର କୌଣସି କୀଟାଣୁ ଭିତରକୁ ପ୍ରବେଶ କରିପାରିବେ ନାହିଁ କି କ୍ଷତି ଘଟାଇ ପାରିବେ ନାହିଁ । କଫିନ୍ ଭିତରେ ସୁନେଲି କପଡ଼ା ବିଛାଇ ଦେଇ ପ୍ରଭୁଙ୍କ ଶରୀରକୁ ଖୁବ୍ ଯତ୍ନ ସହକାରେ ରଖାଯାଇ କଫିନ୍‌ଟିକୁ ସିଲ୍ କରିଦିଆଗଲା । ଉଦାର କୁହନ୍ତି, ''ମୁଁ ଯେତେବେଳେ ଶ୍ରୀଅରବିନ୍ଦଙ୍କ ଶରୀରକୁ ନେଇ କଫିନ୍ ଭିତରେ ଶୁଆଇ ଦେଲି, ବେଶ୍ କିଛି ପରିମାଣରେ ତରଳ ପଦାର୍ଥ ନିର୍ଗତ ହେଲା । ସାଧାରଣତଃ ସେସବୁ ଦୁର୍ଗନ୍ଧ ହୋଇଥାଏ । ମାତ୍ର ଆଶ୍ଚର୍ଯ୍ୟର ବିଷୟ ତାହାର ସଂସ୍ପର୍ଶରେ ଆସି ମୋର ପୋଷାକ ଓ ଦେହ ଏକ ଅପୂର୍ବ ସ୍ୱର୍ଗୀୟ ମହକରେ ମହକି ଉଠିଲା । ସେହି ସୁଗନ୍ଧକୁ ସାଇତି ରଖିବା ପାଇଁ ମୁଁ ପୋଷାକ ପରିବର୍ତ୍ତନ କଲି ନାହିଁ କି କେତେ ଦିନ ପର୍ଯ୍ୟନ୍ତ ସ୍ନାନ ମଧ୍ୟ କଲି ନାହିଁ ।''

ସନ୍ଧ୍ୟା ୫ଟା ବେଳକୁ ଉଦାର ପୂର୍ବ ପ୍ରସ୍ତୁତ ସମାଧି ମଧ୍ୟରେ ପ୍ରବେଶ କରି କଫିନ୍‌ଟିକୁ ସଯତ୍ନେ ସ୍ଥାପନା କଲେ । ତା'ପରେ କଂକ୍ରିଟ୍ ସ୍ଲାବ୍ ଦେଇ ସିମେଣ୍ଟ ପ୍ଲାଷ୍ଟର୍ କରି କକ୍ଷଟିକୁ ନିବୁଜ କରିଦେଲେ । ମା'ଙ୍କ ଆଜ୍ଞା ଅନୁସାରେ ଚମ୍ପକଲାଲ ପ୍ରଥମ କରି ଗୋଟିଏ ଟୋକେଇ ମାଟି ଢାଳିଲେ ଏବଂ ପରେ ପରେ ମଣି, ନଳିନୀ ଓ ଅନ୍ୟ ସାଧକବୃନ୍ଦ ମାଟି ପକାଇଲେ । ମା' ଉପର ମହଲାରୁ ଏହିସବୁ କାର୍ଯ୍ୟ ପର୍ଯ୍ୟବେକ୍ଷଣ କରୁଥିଲେ । ସାରା ପ୍ରାଙ୍ଗଣ ଥିଲା ଲୋକାରଣ୍ୟ ମାତ୍ର ନିସ୍ତବ୍ଧ ।

ସେଦିନର ସେହି ଗାମ୍ଭୀର୍ଯ୍ୟପୂର୍ଣ୍ଣ ପରିବେଶ କଥା ମନେ ପକାଇ ଉଦାର କୁହନ୍ତି, ''ସମାଧି ଉପରେ ଦ୍ୱିତୀୟ କକ୍ଷଟି ନିର୍ମାଣ କରିବା କଥା ମା' ଯେତେବେଳେ ମୋତେ କହିଲେ ମୁଁ ପ୍ରତିବାଦ କଲି । କାରଣ ମା' ଯେ ଆମକୁ ଛାଡ଼ି ଚାଲିଯିବେ ଏକଥା ମାନି ନେବାକୁ ମୁଁ ପ୍ରସ୍ତୁତ ନ ଥିଲି । ମାତ୍ର ମା' ସେ ଦିନ ଏମିତି ଟାଣ କରି କହିଲେ ଯାହା ପୂର୍ବରୁ କେବେ ବି ଶୁଣି ନ ଥିଲି, 'ମୋର ନିର୍ଦ୍ଦେଶ ତୋତେ ଏହା କରିବାକୁ ହେବ' । ମୁଁ ଅଗତ୍ୟା ମାନିନେଲି ।''

ଉଦାର ସେହି ସମାନ ପ୍ରକାରେ ଉପରକକ୍ଷଟି କରି ତହିଁ ଭିତରେ ବାଲି ଭର୍ତ୍ତି କରିଦେଲେ । ଫୁଲ ସଜାଇବା ଓ ଫୁଲ କୁଣ୍ଡ ରଖିବା ଉଦ୍ଦେଶ୍ୟରେ ସମାଧିର ଉଚ୍ଚତା ଭୂମିଠାରୁ ଅଢ଼େଇ ଫୁଟ ଉପରକୁ ଉଠାଇ ଦିଆଗଲା ଏବଂ ପଶ୍ଚିମ ପଟକୁ ବଢ଼ାଇ ଦିଆହେଲା । ବହୁ ବର୍ଷ ପରେ ଅର୍ଥାତ୍ ୧୯୬୬ ମସିହା ଏପ୍ରିଲ ମାସରେ ଉଦାର ମା'ଙ୍କ ଅନୁମୋଦନରେ ସମାଧିକୁ ମାର୍ବଲ ଦ୍ୱାରା ଆଚ୍ଛାଦନ କରିଦେଲେ । ମା' ଯେତେବେଳେ ଶରୀରତ୍ୟାଗ କଲେ ଉଦାର ସମାଧି ଉପରର ମାର୍ବଲ ସ୍ଲାବ୍ ବାହାର କରି ଉପର କକ୍ଷକୁ ଭଲକରି ସିଲ୍ କରିବା ପରେ ୨୩ ନଭେମ୍ବର ୧୯୭୩ ମସିହା ରାତିରେ ପୁନର୍ବାର ମାର୍ବଲ ଲଗାଇଦେଲେ, ଯାହା ଅଦ୍ୟାବଧି ଅକ୍ଷୁଣ୍ଣ ରହିଛି । ✣

**ଉଦାରଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ :**

# ଶ୍ରୁତି ଓ ସ୍ମୃତି

## (୫)

**ଶ୍ରୀ ସନ୍ତୋଷ କୁମାର ରଥ**

ପ୍ରତ୍ୟେକ ମନୁଷ୍ୟ ବାଲ୍ୟ ଅବସ୍ଥାରୁ ତା'ର ଆପଣା ଭିତରେ ଏକ ଉଚ୍ଚତର ଚେତନାର ସମ୍ଭାବନାକୁ ବହନ କରି ଚାଲିଛି ଏବଂ ତାହା ଏକ ପଦ୍ମ କଳିକା ତୁଲ୍ୟ ସଂବୃତ ହୋଇ ରହିଛି । ଉପଯୁକ୍ତ ସମୟରେ ଉପଯୁକ୍ତ ଶିକ୍ଷାଲାଭ ଦ୍ୱାରା ସେହି କଳିକାର ଉନ୍ମୀଳନ ଘଟିଥାଏ । ମାତ୍ର ସାଂପ୍ରତିକ ଶିକ୍ଷା ବ୍ୟବସ୍ଥା ଯେ ଏଥିପାଇଁ ଅନୁପଯୁକ୍ତ ଏହା ସତ୍ୟ । କାରଣ ଏହା ଜଣେ ବ୍ୟକ୍ତିକୁ ଉପାର୍ଜନ କ୍ଷମ କରିବା ଲାଗି ଆବଶ୍ୟକ ବୈଷୟିକ ଓ ବୌଦ୍ଧିକ ଜ୍ଞାନର ବିକାଶ ବ୍ୟତୀତ ଅନ୍ୟ ସହାୟତା ପ୍ରଦାନ କରି ନ ଥାଏ । ଅଧିକାଂଶ ସମୟରେ ଜଣେ ଉନ୍ନତଚେତା ଶିଶୁର ଯଥାର୍ଥ ବିକାଶ ପାଇଁ ଏହା ବାଧକ ରୂପେ କାର୍ଯ୍ୟ କରିଥାଏ । ଏମିତିକି ଶିଶୁଟିର ବାପାମା ମଧ୍ୟ ଏଥିପାଇଁ ଦାୟୀ ହୋଇଥା'ନ୍ତି । ମା' କୁହନ୍ତି, ''ବହୁ ସଂଖ୍ୟକ ପିଲା ନିଜର ପ୍ରଭାମଣ୍ଡଳ ମଧ୍ୟରେ ଅବସ୍ଥାନ କରୁଥା'ନ୍ତି । ମାତ୍ର ଦୁର୍ଭାଗ୍ୟବଶତଃ, ପିଲାମାନଙ୍କର ବାପମା' ଅନେକ ସମୟରେ ସେହି ଚେତନାଟିର ସ୍ୱରୂପ ସମ୍ବନ୍ଧରେ ଅଜ୍ଞ ଥିବାରୁ ସେମାନଙ୍କର ପିଲାମାନଙ୍କର ଜୀବନରେ ଯେ କ'ଣ ସବୁ ଘଟୁଛି ସେକଥା ସେମାନେ ଆଦୌ ବୁଝି ପାରନ୍ତି ନାହିଁ । ସାଧାରଣତଃ ସେସବୁ ପ୍ରତି ଉତ୍ତମ ପ୍ରତିକ୍ରିୟା ମଧ୍ୟ ପ୍ରକାଶ କରିପାରନ୍ତି ନାହିଁ । ବରଂ ସେମାନେ ପିଲାମାନଙ୍କୁ ଯାହାକିଛି ଶିକ୍ଷା ଦିଅନ୍ତି ତଦ୍ୱାରା ସେମାନେ ଅଧିକରୁ ଅଧିକ ଅଚେତନତା ମଧ୍ୟରେ ଅବସ୍ଥାନ କରନ୍ତି ଓ ସେମାନଙ୍କର ଧ୍ୟାନକୁ ବାହ୍ୟବସ୍ତୁଗୁଡ଼ିକ ମଧ୍ୟରେ କେନ୍ଦ୍ରିତ କରାଇ ରଖିଥା'ନ୍ତି ।''

ତେଣୁ ଉଭୟ ବାପମା' ଓ ଶିକ୍ଷକ-ଶିକ୍ଷୟିତ୍ରୀ ଶିକ୍ଷାର ପାଞ୍ଚଟି ପ୍ରମୁଖ କ୍ରିୟାକ୍ଷେତ୍ର ପ୍ରତି ସଚେତନ ରହିଥିଲେହିଁ ଯାଇ ଶିଶୁର ଯଥାର୍ଥ ବିକାଶରେ ସହାୟକ ହୋଇ ପାରିବେ । ସେହି ପାଞ୍ଚଟି ଦିଗ ହେଉଛି ଶାରୀରିକ, ପ୍ରାଣିକ, ମାନସିକ, ଚୈତ୍ୟ ଓ ଆଧ୍ୟାତ୍ମିକ । ଏହାର ଅଭିନବ ସମ୍ମେଳନ ହେଉଛି ପୂର୍ଣ୍ଣାଙ୍ଗ ଶିକ୍ଷାର ସାମଗ୍ରିକ ସମ୍ଭାର । ମାତ୍ର ସବୁଠାରୁ ରହସ୍ୟଜନକ କଥାଟି ହେଉଛି ଏହି ନୂତନ ଶିକ୍ଷା ବ୍ୟବସ୍ଥାର ପ୍ରୟୋଗଶାଳା ରୂପେ କାର୍ଯ୍ୟ କରୁଥିବା ଆଶ୍ରମ ସ୍କୁଲ୍‌ଟି ଆଶ୍ରମ ଗଠନ ସହିତ ସଂଶ୍ଳିଷ୍ଟ ନ ଥିଲା । କାରଣ ନିୟମତଃ ୧୯୨୦ ମସିହାରୁ ୧୯୪୦ ମସିହା ମଧ୍ୟରେ ସାନ ପିଲାମାନଙ୍କୁ ଆଶ୍ରମ ଭିତରେ ବାସ କରିବାର ଅନୁମତି ଦିଆଯାଉ ନ ଥିଲା । ଚତୁର୍ଥ ଦଶକର ଆରମ୍ଭରେ ଆଶ୍ରମରେ କେତେକ ପରିବାରବର୍ଗଙ୍କୁ ଆସି ରହିବା ଲାଗି ଅନୁମତି ଦିଆଗଲା । ବିଶେଷ କରି ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯିବା ଯୋଗୁଁ କେତେକ କ୍ଷେତ୍ରରେ ଏହା ଅପରିହାର୍ଯ୍ୟ ହୋଇପଡ଼ିଲା । ଫଳତଃ ୧୯୪୩ ମସିହା ଡିସେମ୍ବର ୨ ତାରିଖରେ ପ୍ରାୟ କୋଡ଼ିଏ ଜଣ ପିଲାଙ୍କୁ ନେଇ ମା ଔପଚାରିକ ଭାବେ ଏକ ବିଦ୍ୟାଳୟ ଆରମ୍ଭ କଲେ । ସେତେବେଳେ ମା' ନିଜେହିଁ ସେହି ବିଦ୍ୟାଳୟର ଶିକ୍ଷୟିତ୍ରୀ ଥିଲେ ।

ପରବର୍ତ୍ତୀ କାଳରେ ୧୯୫୦ ଡିସେମ୍ବର ମାସରେ ଶ୍ରୀଅରବିନ୍ଦ ଶରୀର ଛାଡ଼ିବା ପରେ ତାଙ୍କ ନାମରେ ଏକ ବିଶ୍ୱବିଦ୍ୟାଳୟ ସ୍ଥାପନା କରିବାର ଇଚ୍ଛା ମା' ପ୍ରକାଶ କଲେ । ଏଥିନିମନ୍ତେ ୧୯୫୧ ମସିହା ଏପ୍ରିଲ ୨୪ ତାରିଖରେ ଏକ ସମାବର୍ତ୍ତନ ଉତ୍ସବର ଆୟୋଜନ ଟେନିସ୍ ଗ୍ରାଉଣ୍ଡରେ କରାଯାଇଥିଲା । ଏହି ଉତ୍ସବର ସମସ୍ତ ଦାୟିତ୍ୱ ଉଦାରଙ୍କ ଉପରେ ମା' ନ୍ୟସ୍ତ କରିଥିଲେ । ସେଦିନ ସମ୍ମିଳନୀଟିକୁ ଉଦ୍‌ଘାଟନ କରି ମା' କହିଥିଲେ, ''ଶ୍ରୀଅରବିନ୍ଦ ଆମରି ଭିତରେ ଉପସ୍ଥିତ ରହିଛନ୍ତି, ଏବଂ ତାଙ୍କର ସେହି ସୃଜନମୟ ପ୍ରତିଭାର ସକଳ ଶକ୍ତି ତଥା ବିଭବ ସହିତ ସିଏ ଏହି ବିଶ୍ୱବିଦ୍ୟାକେନ୍ଦ୍ରର ପ୍ରତିଷ୍ଠା ହେବାର ଉପଲକ୍ଷଟିରେ ଅଧ୍ୟକ୍ଷତା ମଧ୍ୟ କରୁଛନ୍ତି ।... ଆଜି ମୁଁ ତାଙ୍କରି ନାମରେ ଏହି ସମ୍ମିଳନୀଟି ଉଦ୍‌ଘାଟନ କରୁଛି ।''

ଏହି ସମ୍ମିଳନୀରେ ସଭାପତିତ୍ୱ କରିବା ପାଇଁ କଲିକତାର ଶ୍ୟାମପ୍ରସାଦ ମୁଖାର୍ଜୀଙ୍କୁ ମା' ବାଛିଥିଲେ । ସେ ଜଣେ ବିଦ୍ୱାନ, ବିଶିଷ୍ଟ ଶିକ୍ଷାବିତ୍ ଓ ସଚ୍ଚା ରାଜନୀତିଜ୍ଞ ଥିଲେ । ସର୍ବୋପରି ଲୋକସଭାର ସିଂହ ରୂପେ ସର୍ବସାଧାରଣଙ୍କ ଶ୍ରଦ୍ଧା ଓ ସମ୍ମାନ ଭାଜନ ହୋଇପାରିଥିଲେ । ଅଖଣ୍ଡ ଭାରତହିଁ ଥିଲା ତାଙ୍କର କର୍ମମୟ

ଜୀବନର ସ୍ୱପ୍ନ ଯାହା ଶ୍ରୀଅରବିନ୍ଦ ଦୃଢ଼ ଭାବରେ ପ୍ରକାଶ କରିଥିଲେ – "...by whatever means, the division must and will go." (SABCL, Vol.26, p. 402)

ଏବେ ଆମେ ଯାହାକୁ ଆଶ୍ରମ ସ୍କୁଲ୍ ବୋଲି କହୁଛେ ତାହାକୁ ମା' ୧୯୫୨ ମସିହା ଜାନୁଆରି ୬ ତାରିଖରେ ଉଦ୍‌ଘାଟନ କରିଥିଲେ । ସେତେବେଳେ ତାହାର ନାମ ଥିଲା 'ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ବିଶ୍ୱବିଦ୍ୟାକେନ୍ଦ୍ର' (Sri Aurobindo International University Centre) ମାତ୍ର ପରବର୍ତ୍ତୀ କାଳରେ ଅର୍ଥାତ୍ ୧୯୫୯ ମସିହାରେ ତାହାର ନାମ 'ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର' (SAICE – Sri Aurobindo International Centre of Education) ବୋଲି ରଖାଗଲା ।

ଏହି ଉଦ୍‌ଘାଟନୀ ଉତ୍ସବରେ ମା' ଶ୍ରୀଅରବିନ୍ଦଙ୍କୁ ସ୍ମରଣ କରି କହିଥିଲେ, ''ଆମେ ନିଜକୁ ବୀର ଯୋଦ୍ଧା କରି ଗଢ଼ିବା ଲାଗି ଆକାଙ୍କ୍ଷା ରଖିଛୁ । ତୁମେ ଆମକୁ ତାହାହିଁ କରି ଗଢ଼ । ଅତୀତ ତଥାପି ବଞ୍ଚିରହିବାକୁ ଚାହେଁ, ତାହାରି ବିରୋଧରେ ଜନ୍ମଲାଭ କରିବାକୁ ଯାଉଥିବା ଭବିଷ୍ୟତର ଯେଉଁ ଯୁଦ୍ଧ ହେବାକୁ ଯାଉଛି, ଆମେ ଯେପରି ସେହି ଯୁଦ୍ଧରେ ବିଜୟ ହାସଲ କରିପାରୁ । ସେହି ବିଜୟ ହାସଲ ଦ୍ୱାରାହିଁ ନୂତନ ବସ୍ତୁଗୁଡ଼ିକ ପ୍ରକାଶିତ ହୋଇ ଆସିବ ଏବଂ ସେଗୁଡ଼ିକ ଗ୍ରହଣ କରିବା ଲାଗି ଆମେ ଯଥାର୍ଥ ଭାବରେ ପ୍ରସ୍ତୁତ ହେବୁ ।''

ମା' ସ୍କୁଲ୍‌ର ବହୁବିଧ ଉନ୍ନତିମୂଳକ କାର୍ଯ୍ୟରେ ଉଦାରଙ୍କୁ ନିଯୁକ୍ତ କରିଥିଲେ । ବିଜ୍ଞାନଭିତ୍ତିକ ପରୀକ୍ଷା ନିରୀକ୍ଷା ଲାଗି ବିଭିନ୍ନ ସାମଗ୍ରୀ, ପ୍ରୟୋଗଶାଳା, ଆଗ୍ରହୋଦ୍ଦୀପକ ଉପକରଣ ପ୍ରସ୍ତୁତିରେ ଉଦାର ଥିଲେ ପ୍ରମୁଖ ସ୍ରଷ୍ଟା । ସେ ଗୋଟିଏ କାର୍ଯ୍ୟ ପୂର୍ଣ୍ଣ କରିସାରିବା ପରେ ଅନ୍ୟ ଗୋଟିଏ କାର୍ଯ୍ୟରେ ହାତ ଦେଉଥିଲେ । ଏସବୁ ସହିତ ସେ ବହୁବର୍ଷ ଧରି ପିଲାମାନଙ୍କୁ ଇଞ୍ଜିନିୟରିଂ ପାଠ ପଢ଼ାଉଥିଲେ । ପିଲାମାନଙ୍କ ପାଇଁ ସେ ଗୋଟିଏ ଦୂରବୀକ୍ଷଣ ଯନ୍ତ୍ର ପ୍ରସ୍ତୁତ କରିଥିଲେ ଯାହାଦ୍ୱାରା ମହାକାଶର ନୀହାରିକା ପୁଞ୍ଜ, ମୁଖ୍ୟ ଗ୍ରହ-ନକ୍ଷତ୍ରମାନଙ୍କ ଚଳନ ରୀତିକୁ ନିରିକ୍ଷଣ କରୁଥିଲେ । ପରେ ସେହି ଯନ୍ତ୍ରଟି ଲାଇବ୍ରେରି ଛାତ ଉପରକୁ ସ୍ଥାନାନ୍ତରିତ କରାଯାଇଥିଲା ଏବଂ ପିଲାମାନେ ତାହାଦ୍ୱାରା ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣ ଆଦି ଅନୁଧାନ କରୁଥିଲେ ।

ଉଦାରଙ୍କ ଶିକ୍ଷାଦାନ ପ୍ରଣାଳୀ ଥିଲା ଭିନ୍ନ ଢଙ୍ଗର । ସେ ପିଲାମାନଙ୍କ ସହ ବନ୍ଧୁଭାବରେ ଅନ୍ତରଙ୍ଗତା ସ୍ଥାପନ କରି ଅଧ୍ୟାପନା କରୁଥିଲେ । ଶ୍ରୀଅରବିନ୍ଦଙ୍କ ମତକୁ ଉଦ୍ଧାର କରି ସେ କୁହନ୍ତି – ଜ୍ଞାନ ଆମ ଭିତରେ ରହିଛି । ଆମେ କେବଳ ତାକୁ ଜାଗ୍ରତ୍ କରିବାକୁ ହେବ । ତାହାହିଁ ହେଉଛି ଶିକ୍ଷାର ମୌଳିକ ଓ ଅନ୍ତର୍ନିହିତ ଉଦ୍ଦେଶ୍ୟ । ଏହି ପରିପ୍ରେକ୍ଷୀରେ ଶିକ୍ଷକ ହେଉଛି ଛାତ୍ରର ସହାୟକ ମାତ୍ର ।

ସିଏ ନିଜେ ଜଣେ ଦକ୍ଷ ଓ କୁଶଳୀ ଇଞ୍ଜିନିୟର୍ ହୋଇ ମଧ୍ୟ ଶ୍ରୀଅରବିନ୍ଦ ମା'ଙ୍କ ଦର୍ଶନ ସାହଚର୍ଯ୍ୟରେ ଆସି ଜଡ଼ ମଧ୍ୟରେ ଯେ ଚେତନା ଘନୀଭୂତ ଅବସ୍ଥାରେ ରହିଛି ସେକଥାକୁ ଉପଲବ୍ଧି କରିପାରିଥିଲେ । ତାଙ୍କ ମତରେ ତାହାହିଁ ହେଉଛି ଆମ ଯୋଗର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଯାହାକି ସମଗ୍ର ମାନବ ସଭ୍ୟତା ଓ ସଂସ୍କୃତିକୁ ଉନ୍ନୀତ କରାଇବାରେ ସହାୟକ ହେବ । ଆମର ଆଦିମ ଋଷି ପରମ୍ପରାର କେବେ ବି ବିଲୋପ ହେବ ନାହିଁ । ଜଡ଼ ଓ ଆତ୍ମା ଦୁଇଟି ଭିନ୍ନ କଥା ନୁହେଁ, ବରଂ ଗୋଟିଏ ଉଚ୍ଚତର ଉପଲବ୍ଧିର ଦୁଇଟି ଦିଗ ।

ଶାରୀରିକ ଶିକ୍ଷା ହେଉଛି ପୂର୍ଣ୍ଣାଙ୍ଗ ଶିକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଯାହାକୁ କି ଉପେକ୍ଷା କରାଯାଇ ନ ପାରେ । କାରଣ ଜଡ଼ ସ୍ତରରେ ସାଧାରଣତଃ ନମନୀୟତା ଓ ଗ୍ରହଣଶୀଳତାର ଅଭାବ ରହିଥାଏ । ବିଭିନ୍ନ ପ୍ରକାରର ପଦ୍ଧତି, ପ୍ରଣାଳୀ ଓ ଶୃଙ୍ଖଳା ମାଧ୍ୟମରେ ତାହାକୁ ସକ୍ରିୟ ଓ ସଚେତନ କରିବାକୁ ହେଲେ ଆମକୁ ସାରାଜୀବନ ଏହି ଶିକ୍ଷାକୁ ଅବିଚ୍ଛିନ୍ନ ରଖିବାକୁ ହେବ । ଫଳରେ ଶରୀର ଉପରେ ଏହାର ପ୍ରତ୍ୟକ୍ଷ ପ୍ରଭାବ ଅନୁଭୂତ ହୁଏ । ମା' କୁହନ୍ତି ଶରୀର ଶିକ୍ଷାର ମୁଖ୍ୟତଃ ତିନୋଟି ଦିଗ ରହିଛି : ୧. ଶରୀରଗତ ନିୟନ୍ତ୍ରଣ ଓ ଶୃଙ୍ଖଳା ଅର୍ଜନ ୨. ଶରୀରର ସୁଷମ ବିକାଶ ୩. ଶରୀର ଭିତରେ ରହିଥିବା ବିରୂପତାର ସଂଶୋଧନ ।

ସ୍କୁଲ୍ ପିଲା ଓ ସାଧକମାନଙ୍କର ଶାରୀରିକ ଶିକ୍ଷା ଲାଗି ଆବଶ୍ୟକ ଉପକରଣସବୁ ଉଦାର ହର୍‌ପାଗନ ୱାର୍କସପ୍‌ରେ ପ୍ରସ୍ତୁତ କରାଇ ପ୍ଲେଗ୍ରାଉଣ୍ଡରେ ଲଗାଇଲେ । ବୟସ ଓ ଦକ୍ଷତା ଅନୁଯାୟୀ ବିଭିନ୍ନ ଗ୍ରୁପ୍‌ରେ ବିଭକ୍ତ କରାଯାଇ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଆରମ୍ଭ କରାଗଲା । ପ୍ରତିଯୋଗିମାନଙ୍କର ତାଲିକା ପ୍ରସ୍ତୁତ କରିବା, ସେମାନଙ୍କର ଫଳାଫଳ ଘୋଷଣା କରିବାର ଦାୟିତ୍ୱ ଥିଲା ଉଦାରଙ୍କର । ମାତ୍ର ପ୍ରତିଯୋଗିତାର ଉଦ୍ଦେଶ୍ୟ ଥିଲା ଭିନ୍ନ । ଉଦାର କୁହନ୍ତି – ମା' କହୁଥିଲେ ଅନ୍ୟକୁ ପରାସ୍ତ କରିବାର ଅଭିଳାଷ ନେଇ

ପ୍ରତିଯୋଗିତା କରିବା ଉଚିତ ନୁହେଁ, ପ୍ରତିଯୋଗିତା ହେବା ଉଚିତ ନିଜ ସହିତ ।

ଅନୁରୂପ ଘଟଣାଟିଏ ଘଟିଲା ସ୍ପୋର୍ଟ୍‌ସଗ୍ରାଉଣ୍ଡରେ । ଦୁଇଶହ ମିଟର ଦୌଡ଼ ପ୍ରତିଯୋଗିତାରେ ଥରେ ଜଣେ ବାଳିକା ଜାତୀୟ ସ୍ତରରେ ରହିଥିବା ରେକର୍ଡ଼କୁ (All India Record) ଭାଙ୍ଗିଦେଲେ । ସଙ୍ଗେ ସଙ୍ଗେ ଉଦାର ମା'ଙ୍କୁ ପଚାରିଲେ, ''ମା', ସେ ଭାଙ୍ଗିଥିବା ଦୁଇଶହ ମିଟରର ରେକର୍ଡ଼କୁ ମୁଁ କ'ଣ ଘୋଷଣା କରିବି କି ?''

ମା' ଉତ୍ତରରେ କହିଲେ, ''ନା ! ଆମ୍ଭେ ଏଠାରେ ରେକର୍ଡ଼ ଭାଙ୍ଗିବାକୁ ନାହୁଁ । ଯଦି ଚାହଁ ନିଜର ରେକର୍ଡ଼ ଭାଙ୍ଗ, ଅନ୍ୟର ନୁହେଁ ।''

ସ୍ପୋର୍ଟ୍‌ସ୍ ଗ୍ରାଉଣ୍ଡରେ ଏକ ଉନ୍ନତ ମାନର ସୁଇମିଙ୍ଗ-ପୁଲ୍ ତିଆରି କରିବା ପାଇଁ ମା' ଉଦାରଙ୍କୁ ନିର୍ଦ୍ଦେଶ ଦେଲେ । ସହରର ଜଳ ଯୋଗାଣ ବ୍ୟବସ୍ଥା ଉପରେ ନିର୍ଭର ନ କରି ନଳକୂପ ଖନନ ମାଧ୍ୟମରେ ସ୍ୱାଧୀନ ଓ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ପାଇଁ ଉଦାର ମନସ୍ଥ କଲେ । ମାତ୍ର ସେଠାରେ ଜଳର ସ୍ତର ଯେ ନିମ୍ନମାନର ଏକଥା ତାଙ୍କୁ ଜଣାଥିଲା । ଉପଯୁକ୍ତ ସ୍ଥାନ ନିର୍ବାଚନ ନ କରିପାରିଲେ ଖରାଦିନେ ଜଳ ସଙ୍କଟରୁ ଉଦ୍ଧାର ପାଇବା ଅସମ୍ଭବ । କଥାଟି ମା'ଙ୍କୁ ଜଣାଇବାରୁ ମା' ଗୋଟିଏ ନିର୍ଦ୍ଦିଷ୍ଟ ଜାଗାରେ ଠିଆ ହୋଇ କିଛିସମୟ ପାଇଁ ଧ୍ୟାନସ୍ଥ ହୋଇଗଲେ । ମା' ପାଦ ରଖିଥିବା ଜାଗାକୁ ଚିହ୍ନଟ କରାଯାଇ ନଳକୂପ ଖନନ କରାଗଲା । ଆଶ୍ଚର୍ଯ୍ୟର କଥା ସବୁରତୁରେ ସେଠାରୁ ବାହାରୁଥିବା ଜଳର ପରିମାଣ ଆବଶ୍ୟକତାଠାରୁ ଥିଲା ଯଥେଷ୍ଟ ଅଧିକ । ତାହା ଏବେ ବି କାର୍ଯ୍ୟକ୍ଷମ ରହିଛି ।

ଉଦାରଙ୍କର ବହୁବିଧ ପ୍ରତିଭା ଓ କାର୍ଯ୍ୟଦକ୍ଷତା ପ୍ରତି ମା'ଙ୍କର ଅନୁମୋଦନ ଥିଲା ଅତୁଟ । ତାଙ୍କୁ ଆଶୀର୍ବାଦ ପ୍ରଦାନ କରି ମା' ଥରେ ଲେଖିଥିଲେ, "My Dear Child, I shall always be with you, in success and in failure, in joy and in sorrow as an eternal and unfailing presence.

– With my love and blessings."

– The Mother ✢

**ଉଦାରଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ :**

# ଶ୍ରୁତି ଓ ସ୍ମୃତି

## (୬)

## ଶ୍ରୀ ସନ୍ତୋଷ କୁମାର ରଥ

ଅପ୍ରତ୍ୟାଶିତ ପ୍ରାପ୍ତିକୁ ଭଗବତ୍ କୃପାର ନିଦର୍ଶନ ବୋଲି ସ୍ୱୀକାର କରିବା ଜଣେ ସାଧାରଣ ମଣିଷ ପକ୍ଷରେ କଷ୍ଟକର ହେଉଥିଲେ ହେଁ ଉଚ୍ଚଚେତନାଧାରୀ ବ୍ୟକ୍ତି ପାଇଁ ଏହା ଅନସ୍ୱୀକାର୍ଯ୍ୟ । ପୁନଶ୍ଚ ଜଣେ ସଚ୍ଚା ସାଧକ ପକ୍ଷରେ ପ୍ରାପ୍ତି-ଅପ୍ରାପ୍ତି, ସୁଖ-ଦୁଃଖ, ଆନନ୍ଦ-ନିରାନନ୍ଦର ଊର୍ଦ୍ଧ୍ୱଗାମୀ ହେବା ତଦୂର୍ଦ୍ଧ ଶ୍ରେୟସ୍କର । ଅବଶ୍ୟ ଏକଥା ସମ୍ଭବପର କେବଳ ସେତିକିବେଳେ ଯେତେବେଳେ ସାଧକ ନିଜର ସାମର୍ଥ୍ୟକୁ ଶ୍ରେୟଃ ନ ମଣି ଭାଗବତୀ ଶକ୍ତିକୁ ସୁରକ୍ଷାର କବଚ ରୂପେ ଗ୍ରହଣ କରିଥାଏ; ନିଜକୁ ସମର୍ପି ଦେଇଥାଏ ତାଙ୍କରି ଶ୍ରୀଚରଣରେ । ସେତେବେଳେ ସେ ସମସ୍ତ ବୈପରୀତ୍ୱ ଅବସ୍ଥାରେ ଅବିଚଳିତ ରହିପାରେ ଏବଂ ସମସ୍ତ ନେତିବୋଧକୁ ଅସ୍ତିବୋଧରେ ପରିଣତ କରିଦିଏ, ଭାବେ – ତାଙ୍କର ପକ୍ଷପାତ ନାହିଁ । ତାଙ୍କର ପ୍ରତ୍ୟାଖ୍ୟାନର ଅର୍ଥ କେବଳ ବିଳମ୍ବନ; ତାଙ୍କର ଦଣ୍ଡ ବି ତାଙ୍କର ପ୍ରସାଦ ।

ଥରେ ଜଣେ ଅଭୀପ୍ସୁ ମା'ଙ୍କ ସୁରକ୍ଷା ଶକ୍ତି ଉପରେ ଅନାସ୍ଥାଭାବ ପୋଷଣ କରିଥିବାରୁ ଶ୍ରୀଅରବିନ୍ଦ ଉତ୍ତରରେ ଲେଖିଥିଲେ, ''ମୋର ଓ ମା'ଙ୍କର ରକ୍ଷାକାରୀ ଶକ୍ତିର ଆଶ୍ରୟ ଗ୍ରହଣ କରିବା ପାଇଁ ସାମର୍ଥ୍ୟ ଓ ସ୍ୱଭାବକୁ ବିକାଶ କର । ଏହି କାରଣ ପାଇଁହିଁ ବାହ୍ୟ ମନରେ ବିଚାର କରିବା ବା ସମାଲୋଚନା କରିବା କିଂବା ପୂର୍ବକଳ୍ପିତ ଧାରଣା ଓ ରଚନାଗୁଡ଼ିକୁ ପୋଷଣ କରି ରଖିବାର ଅଭ୍ୟାସ ଦୂର ହୋଇଯିବା ଉଚିତ । ଏହିପରି କିଛି ଯଦି ମୁଣ୍ଡଟେକିବାକୁ ଚାହିଁବ, ତେବେ ତୁମେ ସର୍ବଦା ନିଜ ପାଖରେ ବାରଂବାର ଆବୃତ୍ତି କର,– ଶ୍ରୀଅରବିନ୍ଦ ଓ ଶ୍ରୀମା ମୋ ଅପେକ୍ଷା ଅଧିକ ଜାଣନ୍ତି । ସେମାନଙ୍କର ଏପରି ଅଭିଜ୍ଞତା ଓ ଜ୍ଞାନ ଅଛି ଯାହା ମୋର ନାହିଁ – ସେମାନେ ସାଧାରଣ ମାନୁଷୀ ଜ୍ଞାନ ଅପେକ୍ଷା ମହତ୍ତର ଆଲୋକ ଦ୍ୱାରା ଯାହା ସର୍ବୋତ୍ତମ, ତାହାହିଁ ନିଶ୍ଚୟ କରିବେ । ଯଦି ତୁମେ ଏହି ଧାରଣାକୁ ତୁମ ମଧ୍ୟରେ ଏପରି ଭାବରେ ବଦ୍ଧମୂଳ କରିବ ଯେ ମେଘାଚ୍ଛନ୍ନ ମୁହୂର୍ତ୍ତଗୁଡ଼ିକରେ ମଧ୍ୟ ତାହା ଅକ୍ଷୁଣ୍ଣ ରହିଥିବ; ତେବେ ତୁମେ ଆସୁରିକ ମାୟାର ପ୍ରରୋଚନାଗୁଡ଼ିକର ଅଧିକ ସହଜଭାବେ ସମ୍ମୁଖୀନ ହୋଇ ପାରିବ ।''

ପୁନଶ୍ଚ ଏକଥା ସତ୍ୟ ଯେ ଭଗବତ୍ କୃପା କେବେ ବି ଅପସରି ଯାଏ ନାହିଁ । ଯଦି କେହି କେବେ କୁହେ, ''ଭଗବତ୍ କୃପା ମୋତେ ଛାଡ଼ି ଚାଲିଯାଇଛି'', ତେବେ ତାହାହିଁ ତା'ର ମୂଢ଼ତା । ପ୍ରକୃତ ପକ୍ଷରେ ବ୍ୟକ୍ତି ନିଜେହିଁ ଏହାକୁ ଦୂରକୁ ଠେଲି ଦିଏ ଅର୍ଥାତ୍ ସେ ନିଜ ଭିତରେ ଓ ଭଗବତ୍ କୃପା ଭିତରେ ଏକ ଦୂରତ୍ୱ ବା ବ୍ୟବଧାନ ସୃଷ୍ଟି କରେ । ଏହି ଆନ୍ତର ବ୍ୟବଧାନ ଯୋଗୁଁ ବ୍ୟକ୍ତି ସେହି କୃପାର ଦିବ୍ୟ ଅସ୍ତିତ୍ୱକୁ ଉପଲବ୍ଧି କରିପାରେ ନାହିଁ, ଯାହାଫଳରେ ତା' ଭିତରେ ଏହି ପ୍ରକାରର ବୈପରୀତ୍ୱବୋଧ ସୃଷ୍ଟି ହୁଏ । ଯାହା ନିରର୍ଥକ । କାରଣ ମା ସ୍ପଷ୍ଟରୂପେ ସୂଚାଇ ଦେଇଛନ୍ତି ଯେ, ''ଭଗବତ୍ କୃପା କେବେ ବି କାହାକୁ ଛାଡ଼ି ଚାଲିଯାଏ ନାହିଁ । ଏପରିକି ଏହା ମଧ୍ୟ ସତ୍ୟ ନୁହେଁ ଯେ ଏହାକୁ ଦୂରକୁ ଠେଲି ଦେବାର ସାମର୍ଥ୍ୟ କାହାର ରହିଛି । ମାତ୍ର ବ୍ୟକ୍ତି ଏହି ଭଗବତ୍ କୃପାକୁ ଅନୁଭବ କରିବା ପାଇଁ ଓ ତାହାକୁ ଗ୍ରହଣ କରିବା ପାଇଁ ନିଜକୁ ଅକ୍ଷମ କରିଦେଇ ପାରେ, ସେ ଭଗବତ୍ କୃପା ଓ ନିଜ ଭିତରେ ଏକ ଆନ୍ତର ବ୍ୟବଧାନ, ଏକ ପ୍ରାଚୀର ଛିଡ଼ା କରାଇ ଦେଇପାରେ ।''

ଅବଶ୍ୟ ଅନୁଶୀଳନର ଅନ୍ୟ ଦିଗଟି ହେଉଛି ଆମେ ଯେ ସେହି କୃପାର ଅଧିକାରୀ ଏବଂ ତାଙ୍କରି ସୁରକ୍ଷାର ବଳୟ ମଧ୍ୟରେ ସଦା ସର୍ବଦା ସୁରକ୍ଷିତ ଏହି କୃତଜ୍ଞତାବୋଧକୁ ଜାଗ୍ରତ୍ କରିଦେବା ହେଉଛି ତାଙ୍କର ଆମ ପ୍ରତି ସବୁଠାରୁ ବଡ଼ କୃପା । ଯାହାର ଜ୍ୱଳନ୍ତ ପ୍ରମାଣ ହେଉଛି ଉଦାରଙ୍କର ଜୀବନରେ ଘଟିଥିବା କେତୋଟି ଅତ୍ୟାଶ୍ଚର୍ଯ୍ୟମୟ ଘଟଣା । ଯାହାକୁ ସେ ନିଜେହିଁ ମା'ଙ୍କ ଚରଣରେ ନିବେଦନ କରିଥିଲେ :

ଓଡ଼ିଶାରେ ମା'ଙ୍କ କାର୍ଯ୍ୟର ପ୍ରସାର ଧାରାକୁ ତ୍ୱରାନ୍ୱିତ କରିବାରେ ଉଦାରଙ୍କର ଥିଲା ଭିନ୍ନ ଏକ ଆଗ୍ରହ । ସେ ଏକାଧିକ-ବାର ଓଡ଼ିଶା ଗସ୍ତରେ ଯାଇ ବିଭିନ୍ନ ଗଠନମୂଳକ କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ ଏବଂ କେତେକ ସଂଗଠନ ଓ ପ୍ରକଳ୍ପର ଭିତ୍ତିଭୂମି ପ୍ରସ୍ତୁତ କରିଥିଲେ । ଥରେ ସେ ଓଡ଼ିଶାରୁ ମାଡ୍ରାସ୍

ଫେରୁଥିଲେ ହାଓ୍ୱଡ଼ା ମେଲ୍‌ରେ । ସେତେବେଳେ ଓଡ଼ିଶା-ପଣ୍ଡିଚେରୀ ରେଳଯାତାୟତ ପାଇଁ ମାଡ୍ରାସହିଁ ଥିଲା ଏକମାତ୍ର ପେଣ୍ଟସ୍ଥଳୀ । ଏବଂ ପଣ୍ଡିଚେରୀରୁ ମାଡ୍ରାସକୁ ପ୍ରଶସ୍ତ ରେଳରାସ୍ତା (Broad gauge)ନ ହୋଇଥିବାରୁ ପଣ୍ଡିଚେରୀ ଷ୍ଟେସନର ଟ୍ରେନ୍ ସଂଖ୍ୟା ହାତ ଗଣତି । ସେଦିନ ହାଓ୍ୱଡ଼ା ମେଲ୍ ମାଡ୍ରାସ୍ ଷ୍ଟେସନରେ ପହଞ୍ଚିବାକୁ ବେଶୀ ବାଟ ବାକି ନ ଥିଲା । ଯାତ୍ରାର ଅନ୍ତିମ ପର୍ବରେ ଯାତ୍ରୀମାନେ ଥିଲେ ଉଦ୍‌ବିଗ୍ନ । ଉଦାର କିନ୍ତୁ ନିଶ୍ଚିନ୍ତରେ ବସିଥା'ନ୍ତି । ବେଳା ଭୋର ହେବ, ହଠାତ୍ ଟ୍ରେନ୍‌ଟି ଷ୍ଟେସନ୍ ପୂର୍ବରୁ ଦିଗ ପରିବର୍ତ୍ତନ ସମୟରେ ଭିନ୍ନ ଏକ ରାସ୍ତାରେ ମୁହାଁଇଲା ଏବଂ ଖୁବ୍ ଜୋରରେ ଯାଇ ଠିଆହୋଇ ଥିବା ଏକ ମାଲବୁହା ଟ୍ରେନ୍ ସହିତ ଧକ୍କା ଲାଗିଲା ଭାବି ସମସ୍ତେ ତ୍ରସ୍ତ ହୋଇଉଠିଲେ । ବଗି ଭିତରେ ଯାତ୍ରୀମାନେ ଛିନ୍‌ଛତ୍ର ହୋଇଗଲେ । ଉଦାର କିନ୍ତୁ ଠିକ୍ ଲକ୍ଷ୍ୟ କରିଥିଲେ ଦୁର୍ଘଟଣାର ଅବ୍ୟବହିତ ପୂର୍ବରୁ ଟ୍ରେନ୍‌ର ଚାଳକ ମହାଶୟ ଆସନ୍ନ ବିପଦକୁ ଏଡ଼ାଇବାକୁ ଯାଇ ଖୁବ୍ ଜୋର୍‌ରେ ବ୍ରେକ୍ ଚିପିଥିଲେ । ମାତ୍ର ଦ୍ରୁତଗାମୀ ଟ୍ରେନର ଗତିରୋଧ କରିବା ସେତେବେଳକୁ ସମ୍ଭବ ନ ଥିଲା । ଚଳନ୍ତା ଟ୍ରେନର ବଗିଗୁଡ଼ିକ ଧକ୍କା ନ ଲାଗି ଲାଇନ୍‌ଚ୍ୟୁତ ହେଲେ । କିନ୍ତୁ କୌଣସି ଯାତ୍ରୀଙ୍କର ବିଶେଷ କିଛି କ୍ଷୟକ୍ଷତି କିଂବା ଗୁରୁତର ଆଘାତ ମଧ ହୋଇ ନ ଥିଲା । ସୁରକ୍ଷା ବାହିନୀ ଓ ପ୍ରତ୍ୟକ୍ଷ ଦ୍ରଷ୍ଟାମାନେ ସ୍ତମ୍ଭୀଭୂତ ହେଲେ ଏତେ ବଡ଼ ଦୁର୍ଘଟଣାରୁ ଯାତ୍ରୀମାନେ ଏଭଳି ଅସ୍ୱାଭାବିକ ରୂପେ ସୁରକ୍ଷିତ ରହିଲେ କିପରି ?

ଆଶ୍ରମକୁ ଫେରିଆସି ଉଦାର ଘଟିଥିବା ଦୁର୍ଘଟଣା ସମ୍ବନ୍ଧରେ ସବିଶେଷ ବିବରଣୀ ମା'ଙ୍କୁ ପ୍ରଦାନ କଲେ । ମା' ଅଳ୍ପ ହସି କହିଲେ, ''ହଁ, ମୁଁ ଜାଣିଥିଲି ବିପଦ ତୋତେ ଧମକାଇବାକୁ ଆସିଥିଲା ଏବଂ ତୋତେ ରକ୍ଷା କରିବାକୁ ଯାଇ ମୁଁ ସମଗ୍ର ଟ୍ରେନ୍‌କୁ ସୁରକ୍ଷିତ କରିଥିଲି ।'' ଉଦାରଙ୍କର ବ୍ୟସ୍ତ ଓ ବ୍ୟଗ୍ରତା ନିମିଷକେ ଉଭେଇଗଲା । ସେ ବୁଝିଗଲେ – 'ଏ ବିଶ୍ୱଧାତ୍ରୀ, ଦିବ୍ୟ ଜନନୀ ନୁହନ୍ତି ତ ଆଉ କିଏ ?'

ଆଉ ଦିନକର ଘଟଣା । ଉଦାର ସେତେବେଳେ ଦିଲ୍ଲୀ ଯାଇଥିଲେ ଏବଂ ରହୁଥିଲେ କୁତବ ମିନାର ନିକଟସ୍ଥ ମେହେରୋଲିର ଶ୍ରୀଅରବିନ୍ଦ ଆଶ୍ରମରେ । ନିଜର ଜଣେ ପୁରାତନ ବନ୍ଧୁଙ୍କୁ ସାକ୍ଷାତ୍ କରିବା ଉଦ୍ଦେଶ୍ୟରେ ଦିନେ ସକାଳୁ ସକାଳୁ ସେ ଆଶ୍ରମରୁ ସହରକୁ ଆସିଲେ । ବହୁଦିନ ପରେ ଦେଖା ହୋଇଥିବାରୁ ଦୁଇବନ୍ଧୁଙ୍କର ସାରାଦିନଟି ଖୁବ୍ ଆନନ୍ଦରେ କଟିଗଲା । ସନ୍ଧ୍ୟାବେଳକୁ ଫେରିଆସିବାର ପ୍ରସ୍ତାବରେ ରାଜି ହୋଇ ବନ୍ଧୁ ଜଣକ ଗୋଟିଏ ଟ୍ୟାକ୍‌ସି ଡାକି ଡ୍ରାଇଭର୍‌କୁ କହିଲେ, ''ସେ ମୋର ବନ୍ଧୁ, ତୁମେ ତାଙ୍କୁ ସଟକଟ୍ ରାସ୍ତାରେ ଆଶ୍ରମକୁ ନେଇଯିବ ।'' ଉଦାରଙ୍କୁ ଯଦିଓ ରାସ୍ତା ଜଣାଥିଲା ତଥାପି ବନ୍ଧୁଙ୍କର ଅତ୍ୟଧିକ ଆଗ୍ରହକୁ ଅନାଗ୍ରହ କଲେ ନାହିଁ । ମାତ୍ର ଡ୍ରାଇଭର ଯେଉଁସବୁ ଅପନ୍ତରା ଗଳି ଭିତର ଦେଇ ଗାଡ଼ି ଚଳାଇଲା ତାହା ଥିଲା ତାଙ୍କ ପାଇଁ ଅଜଣା ଓ ଅସ୍ୱସ୍ତିକର । ତଥାପି ସେ ନୀରବରେ ବସିରହିଲେ ବନ୍ଧୁଙ୍କ ନିର୍ଦ୍ଦେଶ ପାଳନ କରୁଥିବା ଡ୍ରାଇଭର୍ ଉପରେ ଆସୁଥିବା ବିରକ୍ତିକୁ ନିଜ ଭିତରେ ଚାପିରଖି । କୋଡ଼ିଏ ମିନିଟର ରାସ୍ତାକୁ ତିରିଶ ମିନିଟ୍ ପରେ ଗାଡ଼ି ପହଞ୍ଚାଇ ଦେଇ ଡ୍ରାଇଭର୍ କହିଲା, ''ଆଜ୍ଞା, ଆଶ୍ରମ ହୋଇଗଲା, ଏବେ ଓହ୍ଲାନ୍ତୁ ।''

ଉଦାରଙ୍କୁ ବହୁତ ଅସ୍ୱସ୍ତିବୋଧ ହେଲା – ଗୋଟାଏ ଅଜଣା ଜାଗାରେ ଓହ୍ଲାଇବାକୁ କହୁଛି କାହିଁକି ? ଏତ ଆଶ୍ରମ ନୁହେଁ । ଏକେ ତ ଏତେ ବାଟ ବୁଲାଇ ବୁଲାଇ ଆଣିଲା, ପୁଣି ଏଇ ଅନ୍ଧାରରେ ମୋତେ ଏମିତି ଛାଡ଼ିଦେଇ ଯିବ । ଏହାର କ'ଣ କିଛି ଭିନ୍ନ ଉଦ୍ଦେଶ୍ୟ ରହିଛି ।

''ଆଜ୍ଞା ! ଓହ୍ଲାନ୍ତୁ, ଏଇଟା ରାମକୃଷ୍ଣ ଆଶ୍ରମ । ମୋର ପୁଣି ଆଉ ଗୋଟାଏ ଭଡ଼ା ରହିଛି ।'' – ତରତର ହୋଇ କବାଟ ଖୋଲିଦେଇ କହିଲା ଡ୍ରାଇଭର୍ ।

ଉଦାର ଏବେ ବୁଝିପାରିଲେ ଅସୁବିଧାଟା କେଉଁଠି । ସଙ୍ଗେ ସଙ୍ଗେ କହିଲେ, ''ମୁଁ ଚାହେଁ ମେହେରୋଲିର ଶ୍ରୀଅରବିନ୍ଦ ଆଶ୍ରମକୁ ଯିବା ପାଇଁ ।''

''ଆପଣ ମୋତେ ତା'ହେଲେ ମେହେରୋଲି କଥା କହିଲେ ନାହିଁ କାହିଁକି ? ମୁଁ ସେଇଟା ବି ଜାଣେ । ଆପଣଙ୍କ ବନ୍ଧୁତ ଖାଲି ଆଶ୍ରମ ବୋଲି କହିଲେ, ସେଥିପାଇଁ ମୁଁ ଏଠାକୁ ନେଇ ଆସିଲି । ଏଥିରେ ମୋର ବା ଭୁଲ୍ କ'ଣ ?''– ଉତ୍ତର ଦେଲା ଡ୍ରାଇଭର୍ ଏବଂ ଟିକିଏ ଗରଗର ହୋଇ ଗାଡ଼ି ବୁଲାଇଲା ।

ଉଦାର ଯଦିଓ ବନ୍ଧୁଙ୍କର ଅଯାଚିତ ସାହାଯ୍ୟ ପ୍ରତି ମନେ ମନେ ବିରକ୍ତି ହେଉଥିଲେ, ତଥାପି ପଶ୍ଚାତରେ କିଛି ଗୋଟାଏ ଉଦ୍ଦେଶ୍ୟ ରହିଥିବା କଥା ଭାବି କ୍ଷାନ୍ତ ହେଲେ । ଏବଂ କୋଡ଼ିଏ ମିନିଟ୍ ପରେ ଯଥାର୍ଥ ସ୍ଥାନରେ ଆସି ପହଞ୍ଚିଲେ । ପରଦିନ ଖବରକାଗଜ ପଢ଼ିବାବେଳେ କୃତଜ୍ଞତାରେ ତାଙ୍କ ଆଖି ଛଳଛଳ ହୋଇ ଉଠିଲା । ସହରରୁ ଆସି ଯେଉଁ ରାସ୍ତାଟି ମେହେରୋଲି ରାସ୍ତାକୁ ଧରୁଥିଲା ସେଇଠାରେ ଗୋଟାଏ

ବଡ଼ଧରଣର ଦୁର୍ଘଟଣା ଘଟିଥିଲା, ଯାହାଫଳରେ ବହୁସଂଖ୍ୟକ କାର୍ ପରସ୍ପର ସହ ଧକ୍କା ଲାଗି ଭାଙ୍ଗି ଚୁରମାର୍ ହୋଇଯାଇଥିଲା । ବହୁସଂଖ୍ୟକ ଯାତ୍ରୀ ଆହତ ଓ କେତେକ ମୃତାହତ । ଉଦାର ହିସାବ କରି ଦେଖିଲେ ଯଦି ସେ ଗତକାଲି ସନ୍ଧ୍ୟାରେ ସହରରୁ ମୁଖ୍ୟ ରାସ୍ତାରେ ଆଶ୍ରମ ଆସିଥା'ନ୍ତେ ତେବେ ଠିକ୍ ସେହି ସମୟରେହିଁ ଦୁର୍ଘଟଣାର ସମ୍ମୁଖୀନ ହୋଇଥାନ୍ତେ । ଉଦାର ଏବେ ସ୍ଥିର ନିଶ୍ଚିତ – ଅବ୍ୟବସ୍ଥା ଓ ଅଯଥାର୍ଥ ମନେ ହେଉଥିବା ସବୁକିଛିହିଁ ଦିବ୍ୟଜନନୀଙ୍କର ଦିବ୍ୟ ଯୋଜନା, ଅଯାଚିତ କରୁଣା ।

ଆଶ୍ରମରେ ଥିବାବେଳେ ଆଉ ଏକ ଦୁର୍ଘଟଣା ଘଟିଥିଲା ଉଦାରଙ୍କ ଜୀବନରେ । ଅବଶ୍ୟ ଏହାର ଗୁଣଧର୍ମ ଥିଲା ଭିନ୍ନ ରକମର । ସେଦିନ ସ୍କୁଲ ଛୁଟି ଥିବାରୁ ଛୋଟ ପିଲାମାନେ ଆଶ୍ରମ ମେନ୍‌ଗେଟ୍ ପାଖରେ ଉଦାରଙ୍କୁ ଘେରି ଯାଇ କହିଲେ, ''ଉଦାର, ଆଜି ଆମ ସ୍କୁଲ ଛୁଟି, ଚାଲ ଲେକ୍ ବୁଲିବାକୁ ଯିବା । ଦୟାକରି ମନା କର ନାହିଁ ।''

ଛୋଟ ପିଲାମାନଙ୍କର ଅଳିକୁ ଆଡ଼ କରିଦେଇ ଚାଲିଯିବା ସତରେ ବଡ଼ କଷ୍ଟ । ଅନନ୍ୟୋପାୟ ହୋଇ ଉଦାର ଗାଡ଼ି ବାହାର କଲେ ଏବଂ ସଭିଏଁ ଜାକିଜୁକି ହୋଇ ଗାଡ଼ିରେ ବସିଗଲେ । ଗାଡ଼ିଟି ଲେକ୍‌ର ଅଣଓସାରିଆ ରାସ୍ତାଦେଇ ଗଲାବେଳେ ଉଭୟ ପାର୍ଶ୍ୱର ଦୃଶ୍ୟଦେଖି ପିଲାମାନେ ଅତ୍ୟନ୍ତ ଖୁସୀ । ଆନନ୍ଦରେ ନାଚି ଉଠୁଥା'ନ୍ତି । ହଠାତ୍ ଗାଡ଼ିଟି ଅଣାୟତ୍ତ ହୋଇ ରାସ୍ତା ତଳକୁ ଗଡ଼ିଗଲା । ଉଦାର ସେତେବେଳେ ମୁହଁ ବୁଲାଇ ପଛସିଟ୍‌ରେ ବସିଥିବା ପିଲାଠାରୁ ଟର୍ଫି ଗ୍ରହଣ କରୁଥିଲେ, ଯଦିଓ ତାଙ୍କ ହାତ ଷ୍ଟିଅରିଂ ଉପରେ ରହିଥିଲା । ଯୋଗକୁ ଗାଡ଼ି ବେଶୀ ଦୂର ଗଡ଼ି ନ ଯାଇ ଗୋଟିଏ ବୁଦାରେ ଅଟକିଯିବାରୁ ଓଲଟି ନ ପଡ଼ି ରକ୍ଷା ପାଇଗଲା । ପିଲାମାନେ ଭାବିଲେ ଏହା ବୋଧହୁଏ ଉଦାରଙ୍କର ଗାଡ଼ି ଚାଳନାର ଏକ କୌତୁକ କାରସାଦି । ବଡ଼ କଷ୍ଟରେ ଗାଡ଼ି ରାସ୍ତା ଉପରକୁ ଆଣି ଉଦାର ଆଶ୍ରମ ଫେରିଆସିଲେ, ଏବଂ ଗୋଟିଏ ଆସନ୍ନ ବିପଦରୁ ରକ୍ଷା ମିଳିଯାଇଥିବାରୁ ମା'ଙ୍କ ନିକଟରେ କୃତଜ୍ଞତା ଜଣାଇଲେ ।

ପରେ ଯେତେବେଳେ ଉଦାର ମା'ଙ୍କ ନିକଟକୁ ଯାଇ ସମସ୍ତ ବୃତ୍ତାନ୍ତ ଜଣାଇଲେ, ମା ସଙ୍ଗେ ସଙ୍ଗେ ତାଙ୍କୁ ପଚାରିଲେ, ''ଉଦାର, ତୁମେ ପିଲାମାନଙ୍କୁ ନେଇ ବୁଲିବାକୁ ଯିବା ପାଇଁ ମୋଠାରୁ କ'ଣ ଅନୁମତି ନେଇଥିଲ ? ତୁମେ ଭଲ ଭାବରେ ଜାଣ ସବୁ ସମୟରେ ତୁମେ ମୋତେ କହି କରି ଯାଅ । ଆଜି ତାହା କରି ନାହଁ । ଏହା ତୁମର ଭୁଲ୍ । ଏହା ତୁମର ବେଖାତିରି ପଣିଆ । ତଥାପି ମୁଁ ତୁମ ସହିତ ରହିଥିଲି ଏବଂ ତୁମମାନଙ୍କୁ ଏକ ବିରାଟ ଦୁର୍ଘଟଣାରୁ ରକ୍ଷାକଲି ।'' ଉଦାର ସେଦିନ ନିଜର ଭୁଲକୁ ହୃଦୟରେ ସ୍ୱୀକାର କରିନେଲେ ।

ଆମର ଜ୍ଞାତ ଓ ଅଜ୍ଞାତସାରରେ ଭଗବାନ୍ ଯେ ଆମକୁ ସଦାସର୍ବଦା ସୁରକ୍ଷା ପ୍ରଦାନ କରୁଛନ୍ତି ଏକଥା ସୁନିଶ୍ଚିତ । କାରଣ ସିଏହିଁ ଆମର ଗୁରୁ, ବନ୍ଧୁ, ପଥପ୍ରଦର୍ଶକ ଏବଂ ପରମ ଶାନ୍ତି ଓ ସହାୟତାର ଉତ୍ସ । ଏହାର ଯଥାର୍ଥ ସୂଚନା ମିଳେ ମା'ଙ୍କ କଥାରେ – ''The Divine is the sure friend who never fails, the Power, the Support, the Guide. The Divine is the light which scatters darkness, the Conqueror who assures the victory (The Mother, CWM, Vol. 14, P. 13)'' ଅର୍ଥାତ୍ ସେହି ପରମ ଦିବ୍ୟସତ୍ତା ହେଉଛନ୍ତି ସୁନିଶ୍ଚିତତମ ବନ୍ଧୁ ଯିଏକି କେବେହେଲେ ବଞ୍ଚନା କରନ୍ତି ନାହିଁ; ସେ ପରମ ଶକ୍ତି, ପରମ ଅବଲମ୍ବନ ଓ ପଥପ୍ରଦର୍ଶକ । ସିଏହିଁ ଦିବ୍ୟ ସତ୍ତାରୂପେ ପରମ ଆଲୋକ ଯିଏ ଯାବତୀୟ ଅନ୍ଧକାରକୁ ଦୂର କରିଦିଅନ୍ତି, ଏବଂ ଦିବ୍ୟସତ୍ତା-ରୂପୀ ପରମ ବିଜେତା ଯିଏ ସୁନିଶ୍ଚିତ ବିଜୟ ଆଣିଦିଅନ୍ତି । ✣

ଉଦାରଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ :

# ଶ୍ରୁତି ଓ ସ୍ମୃତି

## (୭)

## ଶ୍ରୀ ସନ୍ତୋଷ କୁମାର ରଥ

ଯୋଗର ଅର୍ଥ ଭଗବାନଙ୍କ ସହିତ ମିଳନ – ବିଶ୍ୱାତୀତ, ବିଶ୍ୱଗତ ଅଥବା ବ୍ୟଷ୍ଟିଗତ ମିଳନ । ଏଥି ନିମନ୍ତେ ସାଧକ ଏପରି ଏକ ଗଭୀର ଚେତନାରେ ନିମଜ୍ଜନ ହେବ ଯେଉଁଠାରେ କି ସେ ନିଜର ଆତ୍ମା, ନିଜର ଆନ୍ତର ସତ୍ତା ଏବଂ ନିଜର ଅସ୍ତିତ୍ୱର ପ୍ରକୃତ ମର୍ମ ବୁଝିପାରିବ । ସେତେବେଳେ ସେ ସ୍ୱୀୟ ଅହଂ ବା ବ୍ୟକ୍ତିଗତ ମନ-ପ୍ରାଣ-ଦେହ ଚେତନାରୁ ମୁକ୍ତ ହୋଇ ପରମାତ୍ମାଙ୍କ ସହିତ ବା ବିଶ୍ୱଚେତନା ସହିତ ସଂଶ୍ଲିଷ୍ଟ ହେବ । ମାତ୍ର ଏହା ନିଶ୍ଚିତ ରୂପେ ଏକ ଦୁରୂହ ବ୍ୟାପାର । କାରଣ ମନୁଷ୍ୟ ନିଜକୁ ଜାଣେ ନାହିଁ କି ନିଜ ସତ୍ତାର ବିଭିନ୍ନ ଅଂଶ ସମୂହକୁ ପୃଥକ୍ ରୂପେ ଚିହ୍ନିବାକୁ ଶିଖି ନାହିଁ । ଏହାର ମୂଳ ରହସ୍ୟଟି ହେଉଛି ଅଚେତନା । ଅଚେତନା ହେତୁହିଁ ଚେତନା ମଧ୍ୟରେ ଅଜ୍ଞାନ-ଅନ୍ଧକାର ଓହ୍ଲାଇ ଆସେ, ଯାହାର ମୂଳ ଉତ୍ସ ହେଉଛି ମଣିଷ ମନର ସନ୍ଦେହ । ସନ୍ଦେହ ବା ସଂଶୟ ହେଉଛି ମଣିଷର ଅଦ୍ୱିତୀୟ ଶତ୍ରୁ । ସର୍ବନାଶର ହେତୁ । – 'ସଂଶୟାତ୍ମା ବିନଶ୍ୟତି' । ଆମ୍ଭମାନଙ୍କର ସ୍ଥୂଳ ମନରୁହିଁ ସଂଶୟର ଉତ୍ପତ୍ତି ହୋଇ ଥାଏ । ତେଣୁ ଆମ୍ଭେମାନେ ଯେତେବେଶୀ ଅନ୍ତର୍ମୁଖୀ ହୋଇ ପାରିବା ଆମର ଶ୍ରଦ୍ଧା ଓ ବିଶ୍ୱାସ ସେତେ ବୃଦ୍ଧି ପାଇବ । କାରଣ ବିଶ୍ୱାସ ବା ଶ୍ରଦ୍ଧାହିଁ ହେଉଛି ଅନ୍ତରାତ୍ମାର ଇଙ୍ଗିତ, ଦିବ୍ୟ ଆଲୋକ ବା ଭଗବତ୍ ନିର୍ଦ୍ଦେଶ । ସେଥିପାଇଁ ବୈଦିକ ଯୁଗରୁ କୁହାଯାଇଛି – 'ଶ୍ରଦ୍ଧାବାନ୍ ଲଭତେ ଜ୍ଞାନମ୍' । ଶ୍ରୀଅରବିନ୍ଦଙ୍କ ଭାଷାରେ, ''ଶ୍ରଦ୍ଧା, ଭଗବାନଙ୍କ ଉପରେ ନିର୍ଭରତା ଦିବ୍ୟ ଶକ୍ତିଙ୍କ ପାଖରେ ସମର୍ପଣ ଓ ଆତ୍ମଦାନ – ଏହି ସମସ୍ତହିଁ ସାଧକ ପାଇଁ ଅତ୍ୟାବଶ୍ୟକ ଏବଂ ଅପରିହାର୍ଯ୍ୟ ।'' ଉଦାର ଥିଲେ ଏହାର ଏକ ଜ୍ୱଳନ୍ତ ନମୁନା । ମା'ଙ୍କର ସମସ୍ତ ନିର୍ଦ୍ଦେଶକୁ ସେ ସାରା ଜୀବନ ମାନିନେଇଛନ୍ତି ଦ୍ୱିଧା ଶୂନ୍ୟ ଭାବେ, ନିଃସନ୍ଦେହରେ । ପ୍ରତିବାଦ କିଂବା ପ୍ରତିପ୍ରଶ୍ନକୁ ପ୍ରଶ୍ରୟ ଦେବା ଥିଲା ତାଙ୍କ ସ୍ୱଭାବର ବିରୋଧୀ ।

ବହୁତ ଦିନ ତଳର କଥା । ସେତେବେଳେ ମା' ତାଙ୍କର ଉପର ମହଲାର କକ୍ଷକୁ ଯିବା ପୂର୍ବରୁ 'ବାଲ୍‌କୋନି ଦର୍ଶନ' ଦେଉଥିଲେ । ସେହି ଅଭୂତପୂର୍ବ ସୌଭାଗ୍ୟକୁ ଲାଭ କରିବା ପାଇଁ ବହୁ ଭକ୍ତ ଓ ଆଶ୍ରମର ଅନ୍ତେବାସୀମାନେ ସତୃଷ୍ଣ ନୟନରେ ଅପେକ୍ଷା କରି ରହୁଥିଲେ ରାସ୍ତା ଉପରେ । ବଡ଼ ଅଦ୍ଭୁତ ଉପଲବ୍ଧି ସେତେବେଳର । ଉପସ୍ଥିତ ସମସ୍ତ ଜନତା ଅନୁଭବ କରୁଥିଲେ ସତେ ଯେମିତି ମା' ତାଙ୍କୁହିଁ ନିରୀକ୍ଷଣ କରୁଛନ୍ତି । ଆଉ ଦିବ୍ୟଦୃଷ୍ଟିରୁ-ଉତ୍ସରିତ-କରୁଣାରେ ସଭିଏଁ ସିକ୍ତ । ଦିନେ ଏକ ଅଭିନବ ଘଟଣାର ସୂତ୍ରପାତ ହେଲା । ନିଜର ମା'କୁ ଛାଡ଼ି ଗଧ ଛୁଆଟିଏ ଅପେକ୍ଷା କରି ରହିଥିଲା ରାସ୍ତା ଉପରେ ଅପେକ୍ଷିତ ଜନତାଙ୍କ ମେଳରେ । ସତେ ଯେମିତି ସେ ବି ଅଭିଳାଷୀ ସେହି ମାହେନ୍ଦ୍ର ମୁହୂର୍ତ୍ତକୁ ।

ମା' ଦର୍ଶନ ଦେବାକୁ ଆସିବା ବେଳେ ତା'ଉପରେ ତାଙ୍କର ନଜର ପଡ଼ିଗଲା । ସେ ତ' ଜଗତଜନନୀ ସଭିଏଁ ତାଙ୍କର ସନ୍ତାନ । ସେ ବା କାହିଁକି ତାଙ୍କ କରୁଣା ଲାଭରୁ ବଞ୍ଚିତ ହୋଇଥାଆନ୍ତା । ଶ୍ରୀଅରବିନ୍ଦଙ୍କ ଭାଷାରେ, ''... ତାଙ୍କର ଅଛି ଜଗନ୍ମାତାଙ୍କର ମାତୃ ହୃଦୟ । ତାଙ୍କର କରୁଣା ଅଶେଷ ଓ ଅଫୁରନ୍ତ । ତାଙ୍କ ଦୃଷ୍ଟିରେ ସମସ୍ତେହିଁ... ତାଙ୍କର ସନ୍ତାନ ଏବଂ ଏକ ଓ ଅଦ୍ୱିତୀୟ ଅଂଶ ।''

ଉଦାର ସେତେବେଳେ ତଳକୁ ନ ଆସି ଉପରେ ଜଗି ବସୁଥିଲେ । କାରଣ ମା' ଦର୍ଶନ ଦେଇ ସାରି ଫେରିବା ବେଳକୁ ପ୍ରତିଦିନ ତାଙ୍କୁ ଗୋଟିଏ କରି ଗୋଲାପ ଫୁଲ ଦେଉଥିଲେ । ସେଦିନ ମା' ଖୁବ୍ ଉତ୍ସୁକତା ସହ ଡାକି କହିଲେ, ''ଉଦାର, ମୁଁ ତୋତେ ଗୋଟାଏ କଥା ଦେଖାଇବି । ଦେଖ, ସେଠାରେ ଗୋଟିଏ ଛୋଟ ଗଧ ଛୁଆ ତା'ର ମା'କୁ ଛାଡ଼ି କିପରି ଗହଳି ଭିତରେ ଅପେକ୍ଷା କରି ରହିଛି ମୋର ଦର୍ଶନ ଲାଭ କରିବା ପାଇଁ । ସେ ଚାହେଁ ମୋ ପାଖକୁ ଆସିବା ପାଇଁ । ତୁ ଯାଆ, ଗଧ ଛୁଆଟିକୁ ମୋ ପାଖକୁ ନେଇଆ ।''

ଗଧର ଏମନ୍ତ ବିଚାରକୁ ନିରୀକ୍ଷଣ କଲେ ଆଶ୍ଚର୍ଯ୍ୟ ଲାଗେ । ମନେ ହୁଏ ସତରେ ମା'ଙ୍କ ଦର୍ଶନ ଲାଭ କରିବାର ଗୂଢ଼ ରହସ୍ୟକୁ ମଣିଷ ଏବେ ବି ବୁଝିନି, ଯାହା ସେ ବୁଝିଛି । ତଥାପି ମଣିଷର ସେଇ ହେୟ ଭାବକୁ ମା' ସହ୍ୟ କରିଛନ୍ତି । ଦୃଷ୍ଟାନ୍ତଟି ଏହିପରି – ଥରେ ଜଣେ ବୟସ୍କା ସାଧିକା ମା'ଙ୍କ

ଦର୍ଶନ ଲାଭର ବିଳମ୍ବନ ଯୋଗୁଁ ନିଜର ଫୁଲ ଚାଙ୍ଗୁଡ଼ି ରଖିଦେଇ ଅଧୈର୍ଯ୍ୟ ହୋଇ ଚାଲିଗଲେ । ସେ ଯିବା ପରେ ପରେ କବାଟ ଖୋଲିଗଲା, ମା' ସଭିଁଙ୍କୁ ଦର୍ଶନ ଦେଲେ । ଏବଂ ଥୁଆ ହୋଇଥିବା ଫୁଲ ଚାଙ୍ଗୁଡ଼ି ଦେଖି ସବୁକିଛି ବୁଝିଗଲେ । ଅଳ୍ପ ସମୟ ପରେ ମା' କହିଲେ, ''ଜାଣ, ଦେବାଦେବୀମାନେ ମୋର ଟିକିଏ ଦର୍ଶନ ପାଇବାକୁ କେମିତି ଉନ୍ମୁଖ ହୋଇ ରହିଥା'ନ୍ତି ? ମୁନିଋଷିମାନେ ଧ୍ୟାନରେ ବା ସ୍ୱପ୍ନରେ ମୁହୂର୍ତ୍ତକ ପାଇଁ ମୋ ଦର୍ଶନ ପାଇଲେ ସାରାଜୀବନ ଧନ୍ୟ ହୋଇଗଲା ବୋଲି ମଣନ୍ତି । ମାତ୍ର ତୁମମାନଙ୍କର ମୋ ପାଇଁ ଟିକିଏ ସମୟ ନାହିଁ; ଅପେକ୍ଷା କରିପାରୁ ନାହଁ । ତୁମେମାନେ ମୋତେ ଅତି ସହଜରେ ପାଇଛ ତ, ତେଣୁ ମୂଲ୍ୟ ଦେଇ ଜାଣ ନାହିଁ ।''

ଉଦାର ବିନା ପ୍ରତ୍ୟୁତ୍ତରରେ ତଳକୁ ଚାଲିଗଲେ । ଗଧ ଛୁଆଟିକୁ ଅଡ଼େଇ ଆଣିବା ବେଳେ ଜଣେ ଲୋକ ହାତରେ ବାଡ଼ି ଖଣ୍ଡେ ଧରି ଆସି ପହଞ୍ଚିଲା । ଉଦାର ପଚାରିଲେ, ''ଏହା କ'ଣ ତୁମ ଗଧ ?'' ସେ 'ହଁ' ଭରିଲା । ଗଧଟିକୁ କିଣିବାକୁ ଚାହେଁ ବୋଲି ଉଦାର ତାକୁ ଜଣାଇ ଦେଲେ । ପ୍ରକୃତରେ ଗଧଟି ଥିଲା ଖୁବ୍ ଶାନ୍ତ ସ୍ୱଭାବର ଓ ଅନୁଗତ । ସେ ଉଦାରଙ୍କ ପଛେ ପଛେ ଆଶ୍ରମ ମେନ୍‌ଗେଟ୍ ଦେଇ ସର୍ଭିସ୍‌ଟ୍ରି ପାଖ ଦ୍ୟୁମନ ଭାଇଙ୍କ ରୁମ୍ ପାଖରେ ଆସି ପହଞ୍ଚିଗଲା । ମା' ତଳକୁ ଓହ୍ଲାଇ ଆସି ଗଧଟିକୁ ଖୁବ୍ ଆଦର କଲେ । ଶେଷରେ ଗଧଟି ଉଦାରଙ୍କ ସହିତ ତାଙ୍କ ଘରକୁ ଗଲା ।

ଉଦାର ସେତେବେଳେ ଲାଇବ୍ରେରୀ ସାମନା 'ରେଡ୍‌ହାଉସ୍' ରେ ରହୁଥିଲେ । ତାଙ୍କର ସେଠାରେ ଗୋଟିଏ ଛୋଟ ବଗିଚା ଥିଲା ଏବଂ ଗୋଟିଏ ସୁନ୍ଦର କୁକୁର ଥିଲା । ମା' କୁକୁରଟିର ନାମ ଦେଇଥିଲେ 'ବିଉଟି' । ଖୁବ୍ କମ୍ ସମୟ ମଧ୍ୟରେ ଦୁହେଁ ବନ୍ଧୁ ରୂପେ ପରସ୍ପରକୁ ଆଦରି ନେଲେ । ଆରମ୍ଭ ହୋଇଗଲା ଦୌଡ଼ ଧାପଡ଼, ଖେଳକୁଦ ସେଇ ବଗିଚା ଭିତରେ । ଗଧଟିର ଫୁର୍ତ୍ତି ଓ ଚଞ୍ଚଳତାକୁ ଲକ୍ଷ୍ୟ କରି ଉଦାର ଆଶ୍ଚର୍ଯ୍ୟ ହୋଇ ଉଠିଲେ । ମା'ଙ୍କୁ ଏକଥା ଜଣାଇବାରୁ ତାକୁ କାମରେ ଲଗାଇବା ପାଇଁ ମା' ନିର୍ଦ୍ଦେଶ ଦେଲେ । ଉଦାର ଏବେ ସମସ୍ୟାରେ ପଡ଼ିଲେ; ଗଧକୁ ପୁଣି କି କାମ ଦେବେ ? ହେଲେ ମା' ଯେତେବେଳେ କହିଛନ୍ତି, ବିହିତ ବ୍ୟବସ୍ଥା ଗ୍ରହଣ କରିବାକୁ ହେବ । ଶେଷରେ ସେ ଗୋଟାଏ ଛୋଟ ଶଗଡ଼ ଗାଡ଼ି ତିଆରି କରି ତାକୁ ଟାଣିବା ପାଇଁ ଗଧଟିକୁ ଆଣି ଯୋଚିଲେ । ମାତ୍ର ଗଧଟି ପୂରାପୂରି ଅମଙ୍ଗ, ଜମା ଚଳିଲା ନି । ଯେତେ ଚେଷ୍ଟା କଲେ ବି ସେ ଗାଡ଼ିଟିକୁ ଟାଣିଲା ନାହିଁ । ଉଦାରଙ୍କର ଧାରଣା ଥିଲା ଗଧଗୁଡ଼ାକ ବୋକା, ଯାହା କହିଲେ ମାନିନେବେ । ମାତ୍ର ଏବେ ବୁଝିଗଲେ ଏଇ ଗଧଟି ଖୁବ୍ ଚାଲାକ – ସେ ବୁଝିପାରୁଥିଲା ଖେଳ ଓ କାମ ଭିତରେ ରହିଥିବା ଫରକ୍‌କୁ ।

ଉଦାର କଥାଟିକୁ ମା'ଙ୍କୁ ଜଣାଇଲେ । ମା' ଖୁବ୍ କୌତୁକ ମନେକରି ସବୁକଥା ଶ୍ରୀଅରବିନ୍ଦଙ୍କ ଆଗରେ କହିଲେ । ଶ୍ରୀଅରବିନ୍ଦ ରହସ୍ୟ କରି କହିଲେ, "Typical Sadhak !" (ସାଧକୋଚିତ ସ୍ୱଭାବ) ସମସ୍ତେ ଆମୋଦିତ ହୋଇ ଉଠିଲେ ।

ମା' ତାକୁ ଡାକୁଥିଲେ 'ବୋଦେ' (ଫ୍ରେଞ୍ଚରେ Baudet- ଅର୍ଥ 'ଗଧ') । ରିଚାର୍ଡ ତା' ଉପରେ ବସି ତାକୁ ପୋଷା ମନାଇଲେ । ଏବଂ ଆଶ୍ରମ ପରିକ୍ରମା କଲେ । ପ୍ରତି ବର୍ଷ ସେତେବେଳେ ପଣ୍ଡିଚେରୀରେ 'ଗଧ ଦୌଡ଼ ପ୍ରତିଯୋଗିତା' ହେଉଥିଲା । ସେ ବୋଦେର ନାମକୁ ପ୍ରତିଯୋଗିତାର ତାଲିକା ଭୁକ୍ତ କରାଇନେଲେ । ଆଶ୍ଚର୍ଯ୍ୟର କଥା ସବୁ ଗଧଙ୍କୁ ଟପି ବୋଦେ ପ୍ରତିଯୋଗିତାରେ ପ୍ରଥମ ହେଲା । ସମସ୍ତେ ଦେଖି ଅବାକ୍ – ସତେଯେମିତି ଘୋଡ଼ାର ଦୌଡ଼ । ମାତ୍ର ଉଦାର ଯେତେଥର ନେଇ ତାକୁ କାମରେ ଲଗାଇବାକୁ ଚେଷ୍ଟା କଲେ, ସେତେଥର ହାର ମାନିଲେ । କାମରେ ସେ ଥିଲା ଗୋଟାଏ ନିପଟ ଗଧ ।

ଗଧର ପାଳକ ହିସାବରେ ଉଦାର କିନ୍ତୁ ଗଧ ନ ଥିଲେ । ସେ ଯେତିକି କର୍ମଚଞ୍ଚଳ ସେତିକି ସଚେତନ । ବୈଷୟିକ ଜ୍ଞାନ ସହିତ ସାହିତ୍ୟ ଓ ଦର୍ଶନରେ ମଧ୍ୟ ସେ ପାରଙ୍ଗମ ଥିଲେ । ତାଙ୍କର ଧୀମତ୍ତା ଓ ସ୍ମରଣ ଶକ୍ତି ଥିଲା ଅତୀବ ପ୍ରଖର । ଅବଶ୍ୟ ସବୁକିଛି ସମ୍ଭବ ହେଉଥିଲା ମା'ଙ୍କ ଉପରେ ରହିଥିବା ଶ୍ରଦ୍ଧା ଓ ବିଶ୍ୱାସ ଯୋଗୁଁ । ଆଉ ଏକ ଦୃଷ୍ଟାନ୍ତ :

ଦିନେ ସକାଳୁ ମା' ବାଲ୍‌କୋନି ଦର୍ଶନ ଶେଷ କରି କେତେ ଜଣ ଅନ୍ତେବାସୀଙ୍କୁ ଫୁଲ ବିତରଣ କରୁଥିବା ସମୟରେ ଶ୍ରୀଅରବିନ୍ଦଙ୍କ ଲିଖିତ 'ଦେବତାର ଶ୍ରମ' (A God's Labour) କବିତାର ଗୂଢ଼ ରହସ୍ୟ କଥା ପ୍ରକାଶ କଲେ । ଉଦାର ସେଠାରେ ଉପସ୍ଥିତ ଥାଆନ୍ତି । ମା' କହିଲେ, ''ମୁଁ ଯେତେବେଳେ ପ୍ରଥମ କରି କବିତାଟି ପଢ଼ିଲି, ସଙ୍ଗେ ସଙ୍ଗେ ଯାଇ ଶ୍ରୀଅରବିନ୍ଦଙ୍କୁ ଜଣାଇଲି । 'ପ୍ରଭୁ ! ଆପଣ ଏ କ'ଣ କରିଛନ୍ତି । ସୃଷ୍ଟି ସର୍ଜନାର ମୋର ଗୂଢ଼ ରହସ୍ୟକୁ ଆପଣ ଏଇ କବିତାରେ ଜଗତ୍ ସମ୍ମୁଖରେ ପ୍ରକାଶ କରିଦେଇଛନ୍ତି ।' ଶ୍ରୀଅରବିନ୍ଦ କେବଳ ମୃଦୁ ହାସ୍ୟ ଦେଲେ ।'' ମା'ଙ୍କ କଥା

ଶୁଣି ସମସ୍ତେ ଆଚମ୍ବିତ ହେଲେ ଏବଂ କବିତା ସମ୍ବନ୍ଧେ ବହୁତ ଚର୍ଚ୍ଚା ଚାଲିଲା । କେହି କେହି କବିତାର ଗୋଟିଏ ଗୋଟିଏ ପଂକ୍ତି ଉଦ୍ଧାର କଲେ । ମାତ୍ର ତାହା ନିର୍ଭୁଲ ନ ଥିଲା । ସମ୍ପୂର୍ଣ୍ଣ କବିତାଟିକୁ ଯେ ମୁଖସ୍ଥ କରାଯାଇ ପାରିବ, ଏବଂ କିଏ କେତେ ଶୀଘ୍ର କରିପାରିବ ସେ କଥା ପଡ଼ିବାରୁ ଉଦାର ଆଗଭର ହୋଇ ଉଠିଲେ । ମଧ୍ୟାହ୍ନ ଭୋଜନ ପୂର୍ବରୁ ସେ ସମ୍ପୂର୍ଣ୍ଣ କବିତାଟିକୁ ମୁଖସ୍ଥ କରିଦେବେ ବୋଲି ମା'ଙ୍କୁ ଜଣାଇଲେ । ଅନ୍ୟମାନେ କେବଳ ନୀରବ ଦ୍ରଷ୍ଟା । ମା' ଖୁସୀ ହୋଇ କହିଲେ, ''ଖୁବ୍ ଭଲ ! ଯା ଖୁବ୍ ଶୀଘ୍ର ମୁଖସ୍ଥ କରି ନେ, ତା'ହେଲେ ମୋ ଆଗରେ ବହି ନ ଦେଖି ଆବୃତ୍ତି କରି ପାରିବୁ ।''

ଉଦାର ଘରକୁ ଫେରିଗଲେ ଏବଂ ନିଜ କୋଠରିକୁ ଯାଇ ଭିତର ପଟୁ ବନ୍ଦ କରିଦେଲେ ଯେମିତି କୌଣସି ବିଭ୍ରାଟ ନ ହୁଏ । ଏକତ୍ରିଂଶ ପଙ୍କ୍ତି ଯୁକ୍ତ କବିତାଟିକୁ ସେ ଖୁବ୍ କମ୍ ସମୟ ମଧ୍ୟରେ ମନେ ରଖିଦେଲେ ଏବଂ ନିର୍ଦ୍ଧାରିତ ସମୟର ବହୁ ପୂର୍ବରୁ ସମ୍ପୂର୍ଣ୍ଣ କବିତାଟିକୁ ବହୁବାର ଆବୃତ୍ତି କରିନେଲେ । ଫଳରେ ମଧ୍ୟାହ୍ନ ଭୋଜନ ସମୟରେ ସେ ଅନାୟାସରେ ମା'ଙ୍କ ସମ୍ମୁଖରେ କବିତାଟିକୁ ନିର୍ଭୁଲ ରୂପେ ଆବୃତ୍ତି କରିଦେଲେ । ମା' ବହୁତ ଖୁସୀ ହୋଇ ଆଶୀର୍ବାଦ କଲେ । ଅନ୍ୟମାନେ ଏହାକୁ ଅସାଧ୍ୟ ଓ ଅସମ୍ଭବ ମଣୁଥିବା ବେଳେ ଉଦାର କୁହନ୍ତି, ''ମୁଁ ଜାଣେ ମା' ଯେତେବେଳେ ମୋତେ ଯେଉଁ କାର୍ଯ୍ୟ ପ୍ରଦାନ କରନ୍ତି ସେତେବେଳେ ସେ ତାଙ୍କର ଶକ୍ତି ଓ କରୁଣା ମୋତେ ପ୍ରଦାନ କରନ୍ତି । ତେଣୁ ମୁଁ ତାହା ଅନାୟାସରେ କରିବା ପାଇଁ ସାମର୍ଥ୍ୟ ଅର୍ଜନ କରେ । ଏହାହିଁ ହେଉଛି ତାଙ୍କ କର୍ମର ଧାରା । କେବଳ ଏତିକି ଆବଶ୍ୟକ ଯେ ଆମେ ସେଥିପାଇଁ ପ୍ରସ୍ତୁତ ଥିବା ଦରକାର । ବାଧା ବିପତ୍ତି ଯେତେ ଅଧିକ ହେବ ତାକୁ ସହ୍ୟ କରିବା ନିମିତ୍ତ ସେହି ପରିମାଣରେ ସେ ଆମକୁ ତାଙ୍କର ଶକ୍ତି ପ୍ରଦାନ କରନ୍ତି ।''

ଉଦାରଙ୍କର ସ୍ମୃତିରୁ ସେଦିନର ସେହି ଆନନ୍ଦ ଟିକକ କେବେ ବି ନିଶ୍ଚିହ୍ନ ହୋଇ ନ ଥିଲା । ବରଂ ସେ ଯେବେ ବି ଯେଉଁଠି ସେହି କବିତାଟିକୁ ଆବୃତ୍ତି କରିଛନ୍ତି ସେ ସ୍ପଷ୍ଟ ଦେଖି ପାରନ୍ତି ମା' ଧ୍ୟାନସ୍ଥ ହୋଇ ତାଙ୍କର ଆବୃତ୍ତି ଶୁଣୁଛନ୍ତି । ସେ ଭାବ ବିହ୍ୱଳ ହୋଇ କହି ଉଠନ୍ତି, ''ମଧୁମୟି ଜନନି, ତୁମର ଜୟ ହେଉ ।'' ✣

**ଉଦାରଙ୍କ ଜନ୍ମ ଶତବାର୍ଷିକ ଉପଲକ୍ଷେ**

# ଶ୍ରୁତି ଓ ସ୍ମୃତି
## (୮)
## ଶ୍ରୀ ସନ୍ତୋଷ କୁମାର ରଥ

ସାଧାରଣ ମଣିଷ ଯୋଗୀ ପରି ଅନ୍ତର୍ମୁଖୀ ନୁହେଁ । କାରଣ ଇନ୍ଦ୍ରିୟଧର୍ମିତା ହେଉଛି ତାହାର ଏକମାତ୍ର ଲକ୍ଷଜ୍ଞାନ, ଯଦ୍ୱାରା ନିଜର ମୂଢ଼ତାକୁ ଅନ୍ଧ ଭାବରେ ସ୍ୱୀକାର କରି ନେଇ ତାକୁ ଅନ୍ୟ ଉପରେ ଜାହିର କରିବାକୁ ପ୍ରଯତ୍ନ କରେ । ସେତେବେଳେ ସେ ଯେ ବାହ୍ୟ ଅପଶକ୍ତିମାନଙ୍କର କ୍ରୀଡ଼ା ପୁତ୍ତଳିକା, ଏକଥା ସ୍ୱୀକାର କରିବାକୁ ଅହଂସର୍ବସ୍ୱ ମନ ତା'ର ପ୍ରଶ୍ରୟ ଦିଏ ନାହିଁ । ଅବଶ୍ୟ ଏକଥା ସତ୍ୟ ଯେତେଦିନ ଯାଏ ଆମ ମଧ୍ୟରେ ଆଧାରୀଭୂତ ଅଜ୍ଞାନତା ପୁଞ୍ଜୀଭୂତ ହୋଇ ରହିଥିବ ସେତେଦିନ ଯାଏ ଅହଂ ବଞ୍ଚି ରହିଥିବ । କାରଣ ଅଜ୍ଞାନତାହିଁ ଅହଂର ଜନନୀ । ଅହଂକୁ ମାପକ କରି ଆମେ ଆମ ମାନସିକ ମାନଦଣ୍ଡରେ ସବୁକିଛିକୁ ମାପୁଥିବା ଏବଂ ଆପଣାର କକ୍ଷ ବାହାରେ ଯାହାକିଛି, ସେସବୁ ଅସତ୍ୟ ଓ ଅପଳାପ ବୋଲି ବୋଧ କରୁଥିବା । ଏଥିରୁ ବର୍ତ୍ତିବାର ଏକ ଅଭିନବ ପନ୍ଥା ହେଉଛି ଚେତନାର ଅଭିବୃଦ୍ଧି । ମଣିଷ ପକ୍ଷରେ ଏହା ଅସମ୍ଭବ ନୁହେଁ । ଚେତନଶୀଳ ମଣିଷ ସେହି ଶାଶ୍ୱତ ସର୍ବଶକ୍ତିମୟଙ୍କ ସ୍ପନ୍ଦନ ସହ ଯେତେବେଳେ ନିଜର ଆତ୍ମ-ସ୍ପନ୍ଦନକୁ ଏକ କରି ଦେଇପାରିବ, ସେତେବେଳେ ନିଜର ଗତି ଓ ବିଶ୍ୱଗତି ମଧ୍ୟରେ ଏକତ୍ୱ ଓ ସଂହତି ସ୍ଥାପିତ ହୋଇ ପାରିବ । ସମର୍ପଣର ମାର୍ଗ ଉନ୍ମୁକ୍ତ ହେବ । ସେତେବେଳେ ସାଧକ ପକ୍ଷରେ ଗୀତାର ବାଣୀ 'ମଦ୍‌ଭାବମାଗତାଃ' ଅର୍ଥାତ୍ ଯିଏ ମୋ'ଠାରେ ଭାବ ଲଗାଇଥା'ନ୍ତି, ମୋତେ ପ୍ରାପ୍ତ ହୋଇଥା'ନ୍ତି ଏହି କଥାଟି ଆଉ ଏକ ଦୁରୂହ ବ୍ୟାପାର ହୋଇ ରହିବ ନାହିଁ ।

ପୂର୍ଣ୍ଣଯୋଗର ସାଧକ ପକ୍ଷରେ ଏଭଳି ଏକ ବ୍ୟାଧିରୁ ମୁକ୍ତ ହେବା ଏକାନ୍ତ ଅପରିହାର୍ଯ୍ୟ । ସାହାନା ଦେବୀଙ୍କ ପ୍ରଶ୍ନର ଉତ୍ତରରେ ଶ୍ରୀଅରବିନ୍ଦଙ୍କ ଉକ୍ତିଟି ପ୍ରାସଙ୍ଗିକତା ଦୃଷ୍ଟିରୁ ଯଥାର୍ଥ ବୋଧହୁଏ – ''...ତୁମେ ଯଦି ଏହାର ପ୍ରତିକାର ଜାଣିବାକୁ ଚାହୁଁଥାଅ, ତେବେ ଦୁଇଟି ଉପାୟ ରହିଛି : ପ୍ରଥମଟି ମା'ଙ୍କ ଉପରେ ନିର୍ଭରତା ଓ ଦ୍ୱିତୀୟଟି ନିଜକୁ ପ୍ରସାରିତ କରିବା । ଶ୍ରୀମାଙ୍କୁ ଏକ ଚୈତ୍ୟିକ ଅବଲମ୍ବନ ରୂପେ ମାନିନେଲେ ତାଙ୍କଠାରେ ସବୁକିଛି ଅର୍ପଣ କରିଦେଲେ, ଏକ ଆସ୍ଥା ଆସେ ଯେ ମୋ ପ୍ରଗତି ପାଇଁ ଯାହାକିଛି ଅନୁକୂଳ ତାହାହିଁ ମା' ମୋ ପାଖକୁ ଆସିବାକୁ ଦେଇଛନ୍ତି । ସେତେବେଳେ ସମର୍ପଣ ଭାବନାର ଅନୁରୂପ ହୋଇଉଠେ । ଅନ୍ୟ ଦିଗଟି ହେଉଛି – କ୍ରମବର୍ଦ୍ଧିଷ୍ଣୁ ବିଶାଳତା ପ୍ରତି ନିଜକୁ ଖୋଲି ଧରିବା ଯାହାକି ଯଥାର୍ଥରେ ତୁମ ଆତ୍ମାର ବିଶାଳତା ।... ତୁମ ନିଜ ମଧ୍ୟକୁ ଓହ୍ଲାଇ ଆଣିବାକୁ ହେବ ପ୍ରସାରତା, ଶାନ୍ତି ଓ ନୀରବତା । ଏସବୁ ମଧ୍ୟରେ ନିରନ୍ତର ବାସ କରିବାକୁ ହେବ । ଏଇ ତିନୋଟି ତୁମ ସତ୍ତାରେ ଯେତେ ବେଶୀ ସ୍ଥାୟୀ ହେବ ତୁମର ଅହଂ ସେତେ ଶୀଘ୍ର ହ୍ରାସ ହେବ ଓ ବିଲୀନ ହୋଇଯିବ, ଆସକ୍ତିମାନେ ତୁମଠାରୁ ଦୂରେଇ ଯିବେ, ଝଡ଼ି ପଡ଼ିବେ ।''

ଉଦାରଙ୍କ ଜୀବନରେ ଏହି ଭାବଟି ବେଶ୍ ସୁସ୍ପଷ୍ଟ । ଏମିତିକି ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ଏହି ଭାବଟିକୁ ନିଜ ଭିତରେ ଜୀବିତ କରି ରଖି ପାରିଥିଲେ । ବାର୍ଦ୍ଧକ୍ୟ ଜୀବନରେ ସାଧନାର ସ୍ଥିତି କିପରି ବୋଲି ଜନୈକ ସାଧିକା ପଚାରିବାରୁ ସେ ଉତ୍ତରରେ କହିଲେ, ''ଜୀବନର ଏହି ପର୍ଯ୍ୟାୟରେ ସଚେତନ ଭାବରେ ମା'ଙ୍କ ଉପସ୍ଥିତିକୁ ମୁଁ ସଦାସର୍ବଦା ନିଜ ଭିତରେ ଧରି ରଖିବାକୁ ଚାହେଁ । ମୁଁ ସବୁବେଳେ ତାଙ୍କୁ ଡାକୁଛି; ସେ କେବେ ବି ପ୍ରତ୍ୟାଖ୍ୟାନ କରନ୍ତି ନାହିଁ । ମୁଁ ଯାହାକିଛି ଚାହେଁ ଯଦି ତାହା ମୋ ସାଧନା ପାଇଁ ଉପଯୋଗୀ ହୋଇଥାଏ ତେବେ ସେ ତାହା ମୋତେ ଅକାତରେ ପ୍ରଦାନ କରନ୍ତି । ଯଦି ବି କେବେ ବିଫଳ ମନୋରଥ ହୁଏ ତେବେ ଭାବେ ଏହାହିଁ ମୋର ପ୍ରାପ୍ୟ, କେବେ ବି ଦୁଃଖ କରେ ନାହିଁ । ମୁଁ ଖୁସୀ ଯେ ଏହି ଅବସ୍ଥାରେ ମଧ୍ୟ ସଚେତନ ଭାବରେ ମୁଁ ମା'ଙ୍କୁ ମନନ କରିପାରୁଛି ଏବଂ ଚାହେଁ ମୋର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଏହି ଭାବକୁ କିପରି ଧରି ରଖି ପାରିବି ।''

ଉଦାରଙ୍କ ଜୀବନଚର୍ଯ୍ୟାହିଁ ଏଭଳି ପ୍ରାପ୍ୟର ଅଧିକାରୀ । ସାଧକ ଜୀବନର ପ୍ରତିଟି ପର୍ଯ୍ୟାୟରେ ମା'ଙ୍କର ପ୍ରତିଟି କଥାକୁ ସେ କେବଳ ସମ୍ମତି ପ୍ରଦାନ କରିଛନ୍ତି, ତାହା ଯେତେ ଦୁରୂହ ହେଉ ନା କାହିଁକି । ଏମିତି ଅନେକ ଘଟଣା ଘଟିଛି ବଡ଼ ଅଦ୍ଭୁତ ଢଙ୍ଗରେ :

ଉଦାରଙ୍କର କର୍ମନିଷ୍ଠା ଓ ବୈଷୟିକ ବିଚକ୍ଷଣତା ଉପରେ ମା' ବହୁତ ପ୍ରୀତ ଥିଲେ । ତେଣୁ ଯାହାକିଛି ନୂତନ ଯୋଜନା ପ୍ରସ୍ତୁତି ନିମନ୍ତେ ପରିକଳ୍ପନା କରାହେଉ ଥିଲା, ସେସବୁକୁ କାର୍ଯ୍ୟକାରୀ କରିବାର ଦାୟିତ୍ୱ ମା' ମୁଖ୍ୟତଃ ଉଦାରଙ୍କ ଉପରେ ନ୍ୟସ୍ତ କରୁଥିଲେ । ନିଜର ଅଧ୍ୟବସାୟ ଓ ଅତୁଟ ଭରସା ଯୋଗୁଁ ସେ ଏସବୁଥିରୁ ଉତ୍ତୀର୍ଣ୍ଣ ହୋଇ ପାରୁଥିଲେ ଏବଂ ବହୁ ସମସ୍ୟାର ଆଶୁ ସମାଧାନ କରି ପାରୁଥିଲେ । ମାତ୍ର ଆଶ୍ରମର ଆର୍ଥିକ ଅନାଟନ ସମୟରେ ଅର୍ଥ ସଂଗ୍ରହର ଦାୟିତ୍ୱ ତାଙ୍କ ଉପରେ କେବେ ବି ପଡ଼ି ନ ଥିଲା । କାରଣ ଏହା ଥିଲା ତାଙ୍କ ସ୍ୱଭାବର ସମ୍ପୂର୍ଣ୍ଣ ବିପରୀତ : ନେବାରେ ନୁହେଁ ଦେବାରେ ସେ ଥିଲେ ସିଦ୍ଧହସ୍ତ । ଯେଉଁଥି ପାଇଁ ଶ୍ରୀଅରବିନ୍ଦ ନାଁ ଦେଇଥିଲେ 'ଉଦାର' ।

ଥରେ ଉଦାରଙ୍କୁ ଡାକି ମା' କହିଲେ, ''ମୁଁ ତୋର ସ୍ୱଭାବ ଜାଣେ, ଯେଉଁଥିପାଇଁ ଏକଥା କେବେ ବି କହି ନାହିଁ; କିନ୍ତୁ ଆଜି ମୋ ପାଇଁ ଦଶ ହଜାର ଟଙ୍କା ଯୋଗାଡ଼ କରି ଆଣିବାକୁ ହେବ ।''

ଉଦାର ମହା ଅଡୁଆରେ ପଡ଼ିଲେ, ମାତ୍ର ଏହା ଯେ ତାଙ୍କ ପାଇଁ ଏକ ପରୀକ୍ଷା ସେକଥା ସେ ବୁଝିପାରିଲେ । ନିଜ ମଧ୍ୟରେ କୌଣସି ଦ୍ୱନ୍ଦ୍ୱ କି ସଂଶୟକୁ ସ୍ଥାନ ନ ଦେଇ, କୌଣସି ପ୍ରଶ୍ନ ନ କରି ଶାନ୍ତ ପିଲାଟିଏ ପରି ବାହାରି ଆସିଲେ । ଆଶ୍ରମ ଗେଟ୍ ନିକଟରେ ପହଞ୍ଚିଛନ୍ତି ମନକୁ ତାଙ୍କର ଆସିଲା – ''କେଉଁଠାକୁ ଯିବି, କାହାକୁ ମାଗିବି ମା' ତ ସେ ବିଷୟରେ କିଛି କହିଲେ ନି ।'' ପୁନର୍ବାର ସେ ନିଜକୁ ଦୃଢ଼ କରିନେଲେ, ସ୍ମରଣ କଲେ ମା'ଙ୍କୁ । ଆଗକୁ ପାଦ ବଢ଼ାଇଲେ, ଯେମିତି ଗେଟ୍ ପାରି ହୋଇ ଯାଇଛନ୍ତି, ଭେଟ ହେଲା ତାଙ୍କର ଅତି ପୁରାତନ ବୟସ୍କର ଜଣେ ବନ୍ଧୁଙ୍କ ସହିତ । ବନ୍ଧୁ ଜଣକ ବହୁ ଦିନ ପରେ ପଣ୍ଡିଚେରୀକୁ ଆସିଥିଲେ ଏବଂ ଏଭଳି ଏକ ଆକସ୍ମିକ ମିଳନରେ ଉତ୍‌ଫୁଲ୍ଲିତ ହୋଇ ଉଠିଲେ । ପ୍ରୀତି ସମ୍ଭାଷଣରେ ଦୁହେଁ ମଗ୍ନ । ବନ୍ଧୁ ଜଣକ ହଠାତ୍ ପ୍ରଶ୍ନ କଲେ, ''ଉଦାର, ତୁମେ ଏତେ ଉଦ୍‌ବିଗ୍ନ ମନେ ହେଉଛ, କ'ଣ କିଛି ଘଟିଛି ?'' ''ଉଦ୍‌ବିଗ୍ନ ନୁହେଁ, ଗୋଳକ ଧନ୍ଦାରେ ପଡ଼ିଛି'' – ଉତ୍ତର ଦେଲେ ଉଦାର । ବନ୍ଧୁ ଜଣକ ତାହାର କାରଣ ଜାଣିବାକୁ ବ୍ୟଗ୍ର ହୋଇ ପଡ଼ିଲେ । ଉଦାର କଥାଟିକୁ ପ୍ରକାଶ କରିବାକୁ ଯାଇ କହିଲେ, – ''ମା' ଦଶ ହଜାର ଟଙ୍କା ଯୋଗାଡ଼ କରିବା ପାଇଁ ମୋତେ କହିଛନ୍ତି । ମୁଁ କିନ୍ତୁ ଜାଣେ ନି କାହା ପାଖକୁ ଯିବାକୁ ହେବ ଓ କେମିତି ମାଗିବାକୁ ହେବ । ମୋ ଜୀବନରେ ଏହା ପ୍ରଥମ ।''

''ଓଃ, ଦଶ ହଜାର ଟଙ୍କା ।''– ବଡ଼ ସ୍ୱଚ୍ଛନ୍ଦରେ ଉତ୍ତର ଦେଲେ ବନ୍ଧୁ ଜଣକ ଏବଂ ସଙ୍ଗେ ସଙ୍ଗେ ଚେକ୍‌ଟିଏ ଲେଖିଦେଇ ମା'ଙ୍କୁ ଦେବା ପାଇଁ ଉଦାରଙ୍କ ହାତକୁ ବଢ଼ାଇ ଦେଲେ । ଉଦାର ସେତେବେଳକୁ ନୀରବ ଦ୍ରଷ୍ଟା, ବିଶ୍ୱାସ ଆହୁରି ଦୃଢ଼ୀଭୂତ ହେଲା – ଯିଏ ପରୀକ୍ଷକ ସିଏହିଁ ରକ୍ଷକ; ପରୀକ୍ଷା କେବଳ ନାମ ମାତ୍ର ।

ଘଟଣାଟିକୁ ବର୍ଣ୍ଣନା କରିବା ବେଳକୁ ଉଦାରଙ୍କ ଆଖିରେ କୃତଜ୍ଞତାର ଅଶ୍ରୁ । ଭାବବିହ୍ୱଳ ହୋଇ ସେ କହି ପକାଇଲେ, ''ତୁମେମାନେ ଜାଣ, ଏଇଟାହିଁ ହେଉଛି ମା'ଙ୍କ ଧାରା । ମୋର ଢେର ଅଭିଜ୍ଞତା ହୋଇଛି, ଯାହାକିଛି ଘଟିଛି, ଯାହାକିଛି ମୋତେ କରିବାକୁ ପଡ଼ିଛି, ସେ ସବୁଥିରେ ମୋର କୌଣସି ଦକ୍ଷତା ନ ଥିଲା । ମୁଁ କେବଳ ମା'ଙ୍କର ଆଜ୍ଞା ପାଳନ କରିଛି, ତାଙ୍କରି ଯନ୍ତ୍ର ହୋଇ ତାଙ୍କରି ପାଖରେ ନିଜକୁ ଖୋଲି ଧରିଛି । କେମିତି ହେବ, କ'ଣ କରିବାକୁ ହେବ ସେ ବିଷୟ କେବେ ବି ଭାବି ନାହିଁ । ବରଂ ସତ୍ୱର ଆଗେଇ ଯାଇଛି । ଯାହା ଭଲ, ଯାହା କରଣୀୟ ସେସବୁ ଆଶ୍ଚର୍ଯ୍ୟଜନକ ଭାବରେ ଘଟିଛି ।

''ପୁନଶ୍ଚ ମଣିଷ-ଆଧାର ବଡ଼ ଦୁର୍ବଳ, ଅଜ୍ଞାନତାରେ ଭରପୂର – ଏକଥା ମା' ଜାଣନ୍ତି । ଏକଥା ମଧ୍ୟ ସେ ଜାଣନ୍ତି ଯେ ଆମ୍ଭେମାନେ ଆମର ଆସ୍ପୃହାକୁ ଦୀର୍ଘ ସମୟଧରି ଧରିରଖି ପାରିବା ନାହିଁ । ସେ ଦିବ୍ୟଜନନୀ, କରୁଣା ଓ ପ୍ରେମର ମୂର୍ତ୍ତ ବିଗ୍ରହ । ସେ କେବଳ ଏତିକି ଚାହାନ୍ତି ଯେ ସମସ୍ତ ବିଫଳତା ସତ୍ତ୍ୱେ ମଧ୍ୟ ଆମେ ଯଦି ବାରଂବାର ସଚେଷ୍ଟ ହେଉଥିବା, ତେବେ ସେ ଶାଶ୍ୱତଙ୍କ ଆଡ଼କୁ ଆମକୁ ମୁହାଁଇ ନେବେ ।''

ପ୍ରକୃତରେ ଦିବ୍ୟଜନନୀଙ୍କର କରୁଣା ଓ ପ୍ରେମର ପଟାନ୍ତର ନାହିଁ । ସେ ଆମର ଦୁର୍ବଳ ଆଧାରକୁ ସବଳ କରି ଦିଅନ୍ତି, ଅଜ୍ଞାନ ଅନ୍ଧକାରକୁ ଆଲୋକ ଓ ଜ୍ଞାନରେ ରୂପାନ୍ତରିତ କରି ଦିଅନ୍ତି । ଶ୍ରୀଅରବିନ୍ଦଙ୍କ ଭାଷାରେ, ''... ଜ୍ଞାନୀକୁ ଦିଅନ୍ତି ଆହୁରି ବୃହତ୍ତର ଓ ଆହୁରି ଜ୍ୟୋତିର୍ମୟ ଜ୍ଞାନ; ଯେଉଁମାନଙ୍କର ଦିବ୍ୟଦୃଷ୍ଟି ଅଛି ସେମାନଙ୍କ ପାଖରେ ସେ ତାଙ୍କ ମନ୍ତ୍ରଣାର ରହସ୍ୟ ବ୍ୟକ୍ତ କରନ୍ତି ।'' ଦୃଷ୍ଟାନ୍ତଟିଏ ଦୃଷ୍ଟି ଗୋଚର ହୁଏ :

ମା' ପ୍ରତିଦିନ ସକାଳେ ଉଦାରଙ୍କୁ ଗୋଟିଏ ଲେଖାଏଁ ଗୋଲାପ ଦେଉଥିଲେ । ଦିନେ ଗୋଲାପଟି ସହିତ ଆଉ ଗୋଟିଏ ଧଳା ଫୁଲ ଦେଲେ । ଫୁଲଟି ବହୁତ ସୁନ୍ଦର । ଉଦାର ଖୁସୀ ହେଲେ, ଆଶ୍ଚର୍ଯ୍ୟ ମଧ୍ୟ ହେଲେ ମାତ୍ର କୌଣସି ପ୍ରଶ୍ନ

କଲେ ନାହିଁ । ତୃତୀୟ ଦିନ ଫୁଲଟି ଦେବା ପରେ ମା' ତାଙ୍କ ଆଡୁ ପ୍ରଶ୍ନ କଲେ, ''ଉଦାର, ତୁ କ'ଣ ଜାଣିବାକୁ ଚାହୁଁ ନାହୁଁ କାହିଁକି ମୁଁ ଏ ଫୁଲଟିକୁ ଦେଉଛି ।''

''ମା', ଆପଣ ମୋତେ କିଛି ଦେଉଛନ୍ତି, ମୁଁ ସେହିଥିରେହିଁ ଖୁସୀ । କାହିଁକି ଦେଉଛନ୍ତି ସେକଥା କେବେ ପ୍ରଶ୍ନ କରି ନି କି ଜାଣିବାକୁ ଚାହିଁ ନି ।'' – ଉତ୍ତର ଦେଲେ ଉଦାର ।

ମା' ପ୍ରତିପ୍ରଶ୍ନ କଲେ, ''ମାତ୍ର ଏହା ଜାଣିବା ଦରକାର, ମୁଁ ଏଇଟି କାହିଁକି ଦେଉଛି ।'' ଉଦାର ଜାଣିବାର ଆଗ୍ରହ ପ୍ରକାଶ କରିବାରୁ ମା' ପୁନର୍ବାର କହିଲେ, ''ତୁ ଜାଣୁ ଏହି ଫୁଲଟିର ନାଁ କ'ଣ ? ଏଇଟି ଗୋଟିଏ ଖୁବ୍ ସୁନ୍ଦର ଫୁଲ, ଏହାର ଅର୍ଥ – 'ଅଭିବ୍ୟକ୍ତ କରିବାର ସାମର୍ଥ୍ୟ' । ଏହି ଶକ୍ତିଟିକୁ ମୁଁ ତୋତେ ଆଜି ପ୍ରଦାନ କରୁଛି, ଦିନେ ଜାଣିବୁ କାହିଁକି ମୁଁ ତୋତେ ଏହାକୁ ଦେଲି ।''

ଅନେକ ବର୍ଷ ପରେ ଯେତେବେଳେ ଉଦାର ଏହାର ରହସ୍ୟ ବୁଝି ପାରିଥିଲେ ସେତେବେଳେକୁ ସେ ସାବିତ୍ରୀ ବହିର ପୃଷ୍ଠା ପରେ ପୃଷ୍ଠା ଅବିରାମ ଧାରାରେ ଏପରିକି ସମ୍ପୂର୍ଣ୍ଣ Canto ନିଜ ସ୍ମୃତିରୁ ଆବୃତ୍ତି କରି ପାରୁଥିଲେ ଏବଂ ଅନ୍ୟମାନଙ୍କୁ ବୁଝାଇ ପାରୁଥିଲେ । ଅଶୀ ବର୍ଷ ପର ପର୍ଯ୍ୟନ୍ତ ମଧ୍ୟ ତାଙ୍କର ଏହି ଧୀ-ଶକ୍ତି ପ୍ରଖର ଥିଲା । ଏକଥା ସ୍ପଷ୍ଟ ଯେ ସେ ସେହି ଫୁଲ ପାଇବା ପରଠାରୁହିଁ ସାବିତ୍ରୀ ପଢ଼ିବା ପାଇଁ ଆଗ୍ରହୀ ହୋଇଥିଲେ ।

କେବଳ ଏତିକି ନୁହେଁ ଉଦାରଙ୍କ ଆନ୍ତର ଦୃଷ୍ଟିର ଉନ୍ମୀଳନ ସୂଚନା ମିଳେ ଭିନ୍ନ ଏକ ଘଟଣାରୁ । ମା'ଙ୍କର ଜନ୍ମ ଶତବାର୍ଷିକୀ ବର୍ଷର ଅୟମାରମ୍ଭ । ଦିନେ ଉଦାରଙ୍କର ହୃଦ୍‌ବୋଧ ହେଲା ଯେ – ଶ୍ରୀଅରବିନ୍ଦ ଆଉ କେବେ ବି ଜଣେ ପାର୍ଥିବ ମା'ର କୋଳରେ ଜନ୍ମ ଲାଭ କରି ଏହି ପୃଥିବୀକୁ ଆସିବେ ନାହିଁ । କଥାଟି ସେ ମା'ଙ୍କୁ ଜଣାଇଲେ । ମା' ଉତ୍ତରରେ କହିଲେ, ''ସେ ଆଉ ସେହି ଧାରାରେ ଜନ୍ମ ନେବେ ନାହିଁ, ନୂତନ ଧାରା ଗ୍ରହଣ କରିବେ । ଅତିମାନସିକ ଧାରାରେ ସେ ହେବେ ଜଣେ ପୂର୍ଣ୍ଣ ପୁରୁଷ ଯିଏକି ଏହି ଭୌତିକ ପୃଥିବୀରେ ଆବିର୍ଭୂତ ହେବେ । ସେ ହେବେ କାଳାତୀତ, ଅବିନଶ୍ୱର । ଅବଶ୍ୟ ଏହା ସମୟସାପେକ୍ଷ, ତଥାପି ଆମେ ଅପେକ୍ଷା କରି ରହିବା ।'' ସେତେବେଳେ ଉଦାରଙ୍କ ସ୍ମୃତିରେ ଝଲସି ଉଠିଲା ସାବିତ୍ରୀର ପଙ୍‌କ୍ତିଟିଏ :

In these new worlds projected he became
A portion of the universal gaze,
A station of the all-inhabiting light,
A ripple on a single sea of peace.

(*Savitri* - p. 325)

ଅର୍ଥାତ୍,

''ଏହିସବୁ ଜଗତର ଆଗନ୍ତୁକ ସେ
ହୋଇ ଉଠିଛନ୍ତି ବିଶ୍ୱ ଭୂତ-ଦୃଷ୍ଟିରୁ ଏକ ଅଂଶ
ସର୍ବବ୍ୟାପୀ ଜ୍ୟୋତିଃର ଅଧିଷ୍ଠାନ,
ଏକ ସମଗ୍ର ଶାନ୍ତି ସାଗରରେ ତରଙ୍ଗଟିଏ ।''

(ଅନୁବାଦ : ନଳିନୀକାନ୍ତ ଗୁପ୍ତ) ✢

**ଉଦାରଙ୍କ ଜନ୍ମ ଶତବାର୍ଷିକ ଉପଲକ୍ଷେ**

# ଶ୍ରୁତି ଓ ସ୍ମୃତି

## (୯)

ଶ୍ରୀ ସନ୍ତୋଷ କୁମାର ରଥ

ସାବିତ୍ରୀରେ ଗୋଟିଏ ପଂକ୍ତି ରହିଛି :

The great World-Mother by her sacrifice
Has made her soul the body of our state;
Accepting sorrow and unconsciousness
Divinity's lapse from its own splendours wove
The many-patterned ground of all we are.

(*Savitri*, p. 99)

ଅର୍ଥାତ୍ ମହତୀ ବିଶ୍ୱଜନନୀ ତାଙ୍କ ଆତ୍ମାହୁତି ଦ୍ୱାରା ଏଠାରେ ତାଙ୍କର ଆତ୍ମାକୁ ଆମ ଭୂମିର ଶରୀରରେ ପରିଣତ କରିଛନ୍ତି । ଦୁଃଖ ଓ ଅଚେତନାକୁ ସ୍ୱୀକାର କରି ଆପଣାର ମହିମୋଜ୍ଜ୍ୱଳ ଦିବ୍ୟଜ୍ୟୋତିଃରୁ ବିଚ୍ୟୁତ ହୋଇ ପୃଥିବୀ-ବୁକୁରେ ଆମେ ଯାହା ହୋଇଛୁ ତା'ର ବହୁ ବିନ୍ୟାସଯୁକ୍ତ ଭିତ୍ତି ରଚନା କରିଛନ୍ତି ।

ଏହି ପଙ୍କ୍ତି ମଧ୍ୟସ୍ଥ ନିହିତାର୍ଥକୁ ହୃଦୟଙ୍ଗମ କରିପାରିଲେ ସୃଷ୍ଟିର ରହସ୍ୟ ଓ ଦିବ୍ୟଜନନୀଙ୍କର ମୂର୍ତ୍ତ ଶରୀର ଧାରଣର ଗୂଢ଼ ତତ୍ତ୍ୱକୁ ଅବବୋଧ କରିବାର ସାମର୍ଥ୍ୟ ସଙ୍ଗଠିତ ହୋଇଥାଏ ଏବଂ ସମସ୍ତ ପ୍ରକାରର ପ୍ରହେଳିକା ଅଚିରେ ମ୍ଳାନ ହୋଇଯାଏ । ମାତ୍ର ମଣିଷର ସଂଶୟ ସନ୍ଦେହାତ୍ମକ ହେତୁବାଦ ପକ୍ଷରେ ଏହା ଏକ ଦୁରୂହ ବ୍ୟାପାର । କାରଣ ଅଚେତନା ହେତୁହିଁ ଚେତନା ମଧ୍ୟକୁ ଅନ୍ଧକାର ଓ ଅଜ୍ଞାନତା ଓହ୍ଲାଇ ଆସେ ଏବଂ ମଣିଷ ଭିତରେ ଅଚେତନାର ଉତ୍ସ ହେଉଛି ସନ୍ଦେହ । ସନ୍ଦେହ ବା ସଂଶୟ ହେଉଛି ମଣିଷର ପ୍ରଧାନ ଓ ପରମ ଶତ୍ରୁ । ଏହା ମଣିଷର ମଣିଷତ୍ୱକୁ ଗ୍ରାସ କରିଥାଏ – ସଂଶୟାତ୍ମା ବିନଶ୍ୟତି । ସଂଶୟର ଚାରଣଭୂମି ହେଉଛି ମଣିଷର ସ୍ଥୂଳ ମନ । ପ୍ରାୟତଃ ସଭିଏଁ ସେହି ମନର ଅଧିକାରୀ । ତେଣୁ ଯେଉଁ ମଣିଷ ଯେତେ ବେଶୀ ବାହ୍ୟମୁଖୀ ସେ ସେତେ ବେଶୀ ସଂଶୟବାଦୀ । ଆଉ ସେଇଥିପାଇଁହିଁ ସ୍ୱୟଂ ଭଗବାନ୍ ମଣିଷ ରୂପ ଧାରଣ କରି ଅବତରି ଆସୁଥିଲେ ବି ଆମେ ତାଙ୍କୁ ଉପେକ୍ଷା କରୁ । ତାଙ୍କୁ ହେୟଃ ମଣୁ । ଗୀତାରେ ଏହାର ସ୍ୱଷ୍ଟ ସୂଚନା ମିଳେ – 'ଅବଜାନନ୍ତି ମାଂ ମୂଢ଼ା ମାନୁଷୀଂ ତନୁ ମାଶ୍ରିତମ୍' । ଅର୍ଥାତ୍ ମଣିଷ ଶରୀର ଧାରଣ କରିଥିବାରୁ ମୋହଗ୍ରସ୍ତ ମଣିଷ ମୋତେ ଅବଜ୍ଞା କରେ ।

ମାତ୍ର ଏକଥା ସତ୍ୟ ଯେ ଭାରତୀୟ ଆଧ୍ୟାତ୍ମିକ ଅଭିଯାନ ସଂଶୟରୁ ଆରମ୍ଭ ହୋଇ ନାହିଁ । ତାହା ଆରମ୍ଭ ହୋଇଛି ବିଶ୍ୱାସ ଓ ଶ୍ରଦ୍ଧାରୁ । କାରଣ ଏହା ହେଉଛି ଅନ୍ତରାତ୍ମାର ଇଙ୍ଗିତ, ଦିବ୍ୟ-ଆଲୋକ ଓ ଭାଗବତ ନିର୍ଦ୍ଦେଶ । ଜିଜ୍ଞାସା ବୋଧହୁଏ ଏହାର ଅଭିବୃଦ୍ଧି ଘଟିଥାଏ । ଅର୍ଥାତ୍ ଯେତେବେଳେ ଆମେ ଆମ ସଂଶୟର ମୂଳ ହେତୁକୁ ଉତ୍ପାଟନ କରିପାରିବା ସେତେବେଳେ ଯାଇ ବିଶ୍ୱାସ ଓ ଶ୍ରଦ୍ଧା ଚିରସ୍ଥାୟୀ ହୋଇ ପାରିବ । ସେତେବେଳେ ଆମେ ଭଗବାନଙ୍କର ଯଥାର୍ଥ ଯନ୍ତ୍ର ହେବାର ପରମ ସୌଭାଗ୍ୟ ଲାଭ କରିପାରିବା । ସେତେବେଳେ ଯାଇ ଆମର ଦିବ୍ୟଜ୍ଞାନ ଉଦୟ ହେବ, ଯାହା ଋଷିବାକ୍ୟ – ''ଶ୍ରଦ୍ଧାବାନ୍ ଲଭତେ ଜ୍ଞାନମ୍'' ।

ଏହି ବିଶ୍ୱାସ ଓ ଶ୍ରଦ୍ଧା ଯେତେ ବେଶୀ ଭଗବତ୍ ଅଭିମୁଖୀ ହୋଇଉଠିବ, ସାଧକର ଚୈତ୍ୟ ଉନ୍ମୀଳନର ସମ୍ଭାବନା ସେତିକି ପରିମାଣରେ ନିଶ୍ଚିତ ହୋଇଉଠିବ । ମାତ୍ର ଏହା ଯେପରି ନିଜର ଶକ୍ତି ଓ ସାମର୍ଥ୍ୟ ଉପରେ ସଙ୍ଗଠିତ ନ ହୁଏ ସାଧକ ସେଥିପ୍ରତି ସଦା ସତର୍କ ରହିଥିବା ଆବଶ୍ୟକ । ମା' ଏହି କଥାଟିକୁ ସ୍ୱଷ୍ଟ କରି ଦେଇଛନ୍ତି – ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସର୍ତ୍ତ ହେଉଛି ପ୍ରାୟ ଛୋଟ ପିଲାଟିଏ ଭଳି ଭଗବାନଙ୍କ ଉପରେ ନିର୍ଭର କରିବା । ଶିଶୁଟିଏ ବରାବର ଏକ ସହଜ, ସରଳ ବିଶ୍ୱାସ ରଖି ନିଃସନ୍ଦେହ ହୋଇ ରହିଥାଏ ଯେ ତା'ର ଯାହାକିଛି ପ୍ରୟୋଜନ, ସେସବୁ ନିଶ୍ଚୟ ପୂରଣ ହେବ ।... ଏହାହିଁ ହେଉଛି ଯଥାର୍ଥ ବିଶ୍ୱାସ, ବାସ୍ତବିକ ଏହି ଧରଣର ବିଶ୍ୱାସହିଁ ସବୁଠୁ ଜରୁରୀ ସର୍ତ୍ତ ।

ମନେହୁଏ ଉଦାର ଥିଲେ ସେହି ସର୍ତ୍ତର ଅଧିକାରୀ ମା'ଙ୍କର ଶିଶୁଟିଏ । ଦିବ୍ୟଜନନୀଙ୍କ ମୂର୍ତ୍ତ ବିଗ୍ରହ ଉପରେ ଥିଲା ତାଙ୍କର ଅତୁଟ ବିଶ୍ୱାସ, ଐକାନ୍ତିକ ଶ୍ରଦ୍ଧା । ସେ ନିଜ ହୃଦୟରେ ସେହି ସର୍ତ୍ତଟିକୁ ସଦାସର୍ବଦା ଧାରଣ କରିଥିଲେ ଯାହା ଶ୍ରୀଅରବିନ୍ଦଙ୍କ ଭାଷାରେ – ''ତୋତେ କେବଳ ଅଭୀପ୍ସା

କରିବାକୁ ହେବ, ମା'ଙ୍କ ଆଡ଼କୁ ନିଜକୁ ଖୋଲି ଧରିବାକୁ ହେବ, ଯାହାକିଛି ତାଙ୍କ ଇଚ୍ଛାର ବିରୋଧୀ ସେସବୁକୁ ପ୍ରତ୍ୟାଖ୍ୟାନ କରିବାକୁ ହେବ; ଆଉ ତୋତେ ସକଳ କର୍ମ କରିବାକୁ ହେବ ତାଙ୍କ ନିମିତ୍ତ ଏବଂ ଏହି ଦୃଢ଼ ବିଶ୍ୱାସ ସହ ଯେ ତାଙ୍କ ଶକ୍ତି ବଳରେ ତୁ କର୍ମ କରିପାରୁଛୁ । ଏହିପରି ଭାବରେ ଯଦି ତୁ ଉନ୍ମୀଳିତ ରହୁ, ତେବେ ଜ୍ଞାନ ଓ ଉପଲବ୍ଧି ଯଥା ସମୟରେ ଆସିବ ।''

ମା'ଙ୍କ ଉପରେ ଉଦାରଙ୍କର ଯେ କେତେବେଶୀ ଶ୍ରଦ୍ଧା ଓ ବିଶ୍ୱାସ ରହିଥିଲା ତାହାର ସୂଚନା ମିଳେ ଗୋଟିଏ ଘଟଣାରୁ — ମା' ସେତେବେଳକୁ ଉପର ମହଲାରେ ରହୁଥିଲେ । ଯେତେବେଳେ ଉପରୁ ଡକରା ଆସେ ଉଦାର ସଙ୍ଗେ ସଙ୍ଗେ ହାଜିର ହୁଅନ୍ତି ଏବଂ ମା' କିଛି ଦାୟିତ୍ୱ ପ୍ରଦାନ କରନ୍ତି । ପ୍ରଦତ୍ତ କାର୍ଯ୍ୟଟି କରଣୀୟ ଅବା ସାଧ୍ୟାତୀତ ଏକଥା ବିବେଚନା କରିବାର ମନୋବୃତ୍ତି ଉଦାରଙ୍କ ପକ୍ଷରେ ଦୁଷ୍ପ୍ରାପ୍ୟ । କାରଣ ସେ ଭଲ କରି ଜାଣିଥିଲେ ମା' ହେଉଛନ୍ତି ଦିବ୍ୟଜନନୀ, ସକଳ ଶକ୍ତିର ଅଧିଷ୍ଠାତ୍ରୀ । ତେଣୁ ସେ ଯେତେବେଳେ ଯେଉଁ କାର୍ଯ୍ୟ ଯାହାକୁ ପ୍ରଦାନ କରନ୍ତି ତାହା ସହିତ ଯଥାଯଥ ଶକ୍ତି ମଧ୍ୟ ପ୍ରଦାନ କରିଥା'ନ୍ତି । ଏବଂ ମା'ଙ୍କ ସମ୍ମତି ଅର୍ଥ ପରମଙ୍କ ସ୍ୱୀକୃତି, ଏହା କେବେ ବି ଅନ୍ୟଥା ହୋଇ ନ ପାରେ । ଏହି ବୋଧ ଉଦାରଙ୍କୁ ସଦାସର୍ବଦା କର୍ମକ୍ଷମ କରି ରଖୁଥିଲା ଏବଂ କାର୍ଯ୍ୟ ସମ୍ପାଦନ ଅନ୍ତେ ସଫଳତା ଓ ବିଫଳତା ସବୁକିଛିକୁ ସେ ମା'ଙ୍କ ଚରଣରେ ଅର୍ପଣ କରି ଦେଉଥିଲେ ।

ଦିନକର ଘଟଣା । ଉଦାର ମା'ଙ୍କ ରୁମ୍‌ରେ ଥାଇ ହଠାତ୍ ଶିଶୁ ସୁଲଭ ଢଙ୍ଗରେ କହି ଉଠିଲେ, ''ମା, ଆପଣ ଯଦି ମୋତେ କୁହନ୍ତି ଏଇ ଝରକା ଦେଇ ତଳକୁ ଡେଇଁ ପଡ଼ିବାକୁ ତେବେ ମୁଁ କ୍ଷଣେ ମାତ୍ର ଦ୍ୱିଧା ନ କରି ଡେଇଁ ପଡ଼ନ୍ତି । ଏବଂ ଏକଥା ସତ ଯେ ମୁଁ ତଳେ ପଡ଼ିଯିବି ନାହିଁ ବରଂ ଶୂନ୍ୟରେ ଭାସି ବୁଲିବି ।''

'ତାହା ତ ନିଶ୍ଚୟ' — ଉତ୍ତର ଦେଲେ ମା । ଉଦାର ଛୋଟ ପିଲାଟିଏ ପରି ପୁଣି ଅଝଟ ଅଳି କରି ବସିଲେ, ''ଦୟାକରି ମୋତେ କୁହନ୍ତୁ ନା, ଡେଇଁବା ପାଇଁ ମୁଁ ପ୍ରସ୍ତୁତ ।'' ମା'ଙ୍କ ମଧୁର ହସରେ ସୁଧା ବର୍ଷି ଗଲା । ସଙ୍ଗେ ସଙ୍ଗେ ସେ କହି ଉଠିଲେ, ''ମୁଁ କହିବି ମାତ୍ର ଯଥାର୍ଥ ସମୟକୁ ଅପେକ୍ଷା କରି ରହ ।'' ''ଠିକ୍ ଅଛି, ଅପେକ୍ଷା କରି ରହିଲି''— ଉଦାର ସ୍ୱତଃ କହି ଉଠିଲେ । ଅଳି ତାଙ୍କର ଶାନ୍ତ ହୋଇଗଲା ।

ଥରେ ନାରଦଙ୍କ ପରି ଉଦାରଙ୍କ ମନରେ ଏକ ରହସ୍ୟାତ୍ମକ ସଂଶୟର ଅଭ୍ୟୁଦୟ ହେଲା । ଦିନେ ମା'ଙ୍କୁ ହଠାତ୍ ପ୍ରଶ୍ନ କଲେ, ''ମୁଁ ବହୁ ବର୍ଷ ହେଲା ଯୋଗ ସାଧନା କଲିଣି ମାତ୍ର ମୁଁ ଏଯାବତ୍ ସ୍ଥିର ନିଶ୍ଚିତ ନୁହେଁ ଯେ ଶ୍ରୀଅରବିନ୍ଦଙ୍କ ଯୋଗ କିପରି କରିବାକୁ ହୁଏ ? ମୁଁ ସମସ୍ତ ପୁସ୍ତକ ଅଧ୍ୟୟନ କରିଛି ଏବଂ ଯୋଗମାର୍ଗରେ ପ୍ରବୃତ୍ତ ହୋଇଛି । ମାତ୍ର ଜାଣେ ନାହିଁ କେତେ ଦୂର ଅଗ୍ରସର ହୋଇଛି । ମା' ଆପଣ ମୋତେ ଏଥିରେ ଟିକିଏ ସାହାଯ୍ୟ କରିବେ କି ?''

''ତୁ ଯାହା କିଛି କରିଛୁ ସବୁ ଭୁଲ୍''— ଉତ୍ତର ଦେଲେ ମା' ।

ଉଦାର ଆଶ୍ଚର୍ଯ୍ୟ ହୋଇଗଲେ । ତେବେ କ'ଣ ସେ ଯେଉଁଠି ସେଇଠି । ଘାଟବନ୍ଧା ଡଙ୍ଗାକୁ ରାତି ସାରା ଆହୁଲା ମାରିବା ନ୍ୟାୟ । ବଡ଼ ଅଧୀର ହୋଇ ସେ କହି ଉଠିଲେ, ''ତେବେ ମୁଁ କ'ଣ କରିବି ।'' ମା'ଙ୍କ ମୁଖମଣ୍ଡଳରେ ଦିବ୍ୟ ସ୍ମିତହାସ୍ୟର କାନ୍ତି ଝଟକି ଉଠିଲା । ସତେ ଯେମିତି ତାଙ୍କ ପାଖରେ ଉଦାର ଛୋଟ ଶିଶୁଟିଏ । ସେ ଉତ୍ତର ଦେଲେ, ''ମୁଁ ତୋ ପାଇଁ ଯୋଗ ସାଧନା କରିବି ।''

ଉଦାର ଚମକି ଉଠିଲେ ଏବଂ ପ୍ରଶ୍ନ କଲେ, ''ତେବେ ମୁଁ କ'ଣ କରିବି ।''

''ତୁ ତୋ'ର ସବୁକିଛିକୁ ମୋତେହିଁ ଦେଇ ଦେ, ମୁଁ ସବୁକିଛି ତୋ' ପାଇଁ କରିବି ।''— ମା' ଉତ୍ତର ଦେଲେ ।

ଉଦାରଙ୍କ ପ୍ରତ୍ୟୟ ହେଲା ଯେ ଗୋଟାଏ ନୂତନ ଦିଗର ଉନ୍ମୋଚନ ହେବାକୁ ଯାଉଛି ଏବଂ ସେ ପାଇଛନ୍ତି ଏବେ ତା'ର ଯଥାର୍ଥ ରାହା । ଆଉ ପାଦେ ଆଗେଇ ଯିବାକୁ ଚେଷ୍ଟା କରି ଉଦାର ପ୍ରଶ୍ନ କଲେ, ''ମୁଁ କିପରି ସମର୍ପଣ କରିବି ?''

''ତୁ କ'ଣ ନିଷ୍ଠାର ସହ ଏହା ଚାହୁଁ''— ପ୍ରତ୍ୟୁତ୍ତରରେ ମା' କହିଲେ ।

ଉଦାରଙ୍କର କଣ୍ଠସ୍ୱର କ୍ରମଶଃ ଦୃଢ଼ ହୋଇ ଉଠିଲା । ସେ ଅନୁଭବ କଲେ ସତେ ଯେମିତି ତାଙ୍କ ପାଦ ତଳର ଅତଡ଼ା ଖସା ମାଟି କ୍ରମଶଃ ଜମାଟ ବାନ୍ଧି ଆସୁଛି । ସେ ଉତ୍ତର ଦେଲେ, ''ନିଶ୍ଚୟ ମା ।''

ମା' ବଡ଼ ଚତୁରତାର ସହ ପ୍ରଶ୍ନ କଲେ, ''ଆଚ୍ଛା, ସକାଳୁ ଯେତେବେଳେ ତୁ ଉଠୁ, ପ୍ରଥମେ କ'ଣ କରୁ ?''

— ''ଦାନ୍ତ ଘଷେ ।''

— ''କିପରି ଦାନ୍ତ ଘଷୁ ?''

''ଯେମିତି ସମସ୍ତେ ଘଷନ୍ତି ।''— ଉଦାର ବଡ଼ ସହଜ ସରଳ ଢଙ୍ଗରେ ମା'ଙ୍କ ପ୍ରଶ୍ନର ଉତ୍ତର ପ୍ରଦାନ କଲେ ।

‘‘ତାହାଲେ ତୁ କାମଟି ଅଚେତନ ଭାବରେ କରୁଛୁ । ସେପରି ନ କରି, ସେତେବେଳେ ମୋତେ ଚିନ୍ତା କର । ଅଥବା ଯେତେବେଳେ ତୁ ମୁହଁ ଧୋଉଛୁ ଭାବିବୁ ଯେ ମୁଁ ମଧ୍ୟ ତୋ ସହିତ ସେହି କାମଟି କରୁଛି । ଠିକ୍ ସେମିତି ତୁ ଯେତେବେଳେ ଖାଉଛୁ ଭାବିବୁ, ମୁଁ ମଧ୍ୟ ତୋ ସହିତ ଖାଉଛି, ପ୍ରତିଟି ପଦକ୍ଷେପରେ ଏମିତିକି ଯେତେବେଳେ ତୁ ନିଦ୍ରା ଯିବୁ ସେତେବେଳେ ମଧ୍ୟ ସଚେତନ ଭାବରେ ମୋତେହିଁ ସ୍ମରଣ କର, ତେବେ ତୋର ନିଦ୍ରା ହେବ ସଚେତନ ନିଦ୍ରା । ଆଉ ଯେତେବେଳେ ଉଠିବୁ ଏବଂ ତୋର ଦିନଟି ଆରମ୍ଭ ହେବ, ସେତେବେଳେ ତାହା ହେବ ଆହୁରି ଚେତନଯୁକ୍ତ, ଅଧିକ ଉନ୍ନତତର ।’’

ମା’ଙ୍କର ଉତ୍ତରରେ ଉଦାର ଫେରି ପାଇଲେ ନିଜର ସଂବିତ୍ । ସେ ନିଜ ଅହଂ ସର୍ବସ୍ୱ-ସ୍ଥୂଳ ମନର ଭ୍ରମାତ୍ମକ ଧାରଣାରୁ ମୁକ୍ତ ହେଲେ । ଦିବ୍ୟଜନନୀଙ୍କ କୋଳରେ ଶିଶୁଟିଏ ହେବା ଛଡ଼ା ଆମର ଅନ୍ୟ କୌଣସି ପ୍ରୟୋଜନ ନାହିଁ, ଏହି ପ୍ରତ୍ୟୟକୁ ନିଜ ମଧ୍ୟରେ ପ୍ରତିଷ୍ଠିତ କଲେ ।

ବାସ୍ତବିକ ପୂର୍ଣ୍ଣଯୋଗର ସାଧକ ପକ୍ଷରେ ଏହା ଏକାନ୍ତ ଅପରିହାର୍ଯ୍ୟ । ଅନ୍ୟଥା ଏହି ଯୋଗମାର୍ଗରେ ଅଗ୍ରସର ହେବା ଅସମ୍ଭବ । କାରଣ ଶ୍ରୀଅରବିନ୍ଦ ଖୁବ୍ ଦୃଢ଼ତାର ସହ କହିଛନ୍ତି, ‘‘ମା’ଙ୍କ ଉପରେ ବିଶ୍ୱାସ ରଖି ସାଧକ ନିଜକୁ ଖୋଲା ରଖିବା ଅଧିକ ସହଜ – କାରଣ ମା’ ତାଙ୍କ କାର୍ଯ୍ୟର ରୀତି ଅନୁସାରେ ସାଧକର ଚେତନା ସହିତ ନିଜ ଚେତନାକୁ ଏକୀଭୂତ କରନ୍ତି – କାରଣ ତଦ୍ୱାରା ସେ ସାଧକର ବାଧାବିଘ୍ନକୁ ଓ ତା’ର ପ୍ରକୃତିରେ ଥିବା ହଳାହଳକୁ ନିଜ ମଧ୍ୟରେ ଗ୍ରହଣ କରନ୍ତି ।... ସେ ଯଦି ସେପରି ନ କରନ୍ତେ ତେବେ ଜଣେ ହେଲେ ସାଧକ ଏ ଯୋଗ କରିବାକୁ ସକ୍ଷମ ହୁଅନ୍ତେ ନାହିଁ ।’’